ଧରିତ୍ରୀ DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ବୁଧବାର, ମେ ୧୪/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, May 14/2025 | Page 14 | ₹ 7.00 | DHENKANAL
୫୧ଶ ଭାଗ ୧୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 168 | ମୂଲ୍ୟ ₹୭/-

**ସିବିଏସ୍‌ଇ ପରୀକ୍ଷାଫଳ**

# ଓଡ଼ିଶାରେ ୯୨.୪% ଦଶମ ପାସ୍

## ଦ୍ୱାଦଶ ପାସ୍‌ହାର ୭୮.୭୪%

## ୧୨ଶ ସ୍ଥାନରେ ଭୁବନେଶ୍ୱର ରିଜିଅନ




ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇବା ପରେ ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର କୃତୀ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଖୁସି ମନାଉଛନ୍ତି।

## ଏଥର ବି ଝିଅ ଆଗରେ

**ଭୁବନେଶ୍ୱର,୧୩।୫(ସୁଚିସ୍ମିତା ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ଉଭୟ ପରୀକ୍ଷାରେ ପୁଅଙ୍କ ଅପେକ୍ଷା ଝିଅମାନେ ଆଗରେ ରହିଛନ୍ତି। ସର୍ବଭାରତୀୟସ୍ତରରେ ଦଶମ ପାସ୍‌ହାର ୯୩.୬୬% ରହିଥିବାବେଳେ ଦ୍ୱାଦଶ ପାସ୍‌ହାର ୮୮.୩୯% ରହିଛି। ଓଡିଶାରେ ଦଶମ ପାସ୍ ହାର ୯୨.୪୦% ଓ ଦ୍ୱାଦଶରେ ୭୮.୭୪% ରହିଛି। ଚଳିତବର୍ଷ ଦଶମ ପାସ୍ ହାର ଗତବର୍ଷ ତୁଳନାରେ ୦.୦୬% ଅଧିକ ରହିଛି। ଛାତ୍ରୀଙ୍କ ପାସ୍ ହାର ୯୫% ରହିଥିବାବେଳେ ଛାତ୍ରଙ୍କ ପାସ୍‌ହାର ୯୨.୬୩% ଓ ଟ୍ରାନ୍ସଜେଣ୍ଡରଙ୍କ ପାସ୍‌ହାର ୯୫% ରହିଛି। ଭୁବନେଶ୍ୱର ଜୋନରେ ୯୨.୬୪ ପ୍ରତିଶତ ପାସ୍ ହାର ରହିଛି। ଦଶମ ବୋର୍ଡ ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିବା ମୋଟ ୨୩ ଲକ୍ଷ ୮୫ ହଜାର ୭୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୩ ଲକ୍ଷ ୭୧ ହଜାର ୯୩୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୨ ଲକ୍ଷ ୨୧ ହଜାର ୬୩୬ ଜଣ ଛାତ୍ରୀଛାତ୍ର ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମରେ ପ୍ରଥମ ସ୍ଥାନରେ କେରଳ ତ୍ରିଭେନ୍ଦ୍ରମ୍ ରିଜିଅନରେ ସର୍ବାଧିକ ପାସ୍‌ହାର ୯୯.୭୯% ରହିଛି। ସେହିପରି ଦ୍ୱିତୀୟ ସ୍ଥାନରେ ବିଜୟୱାଡା ରିଜିଅନ ୯୯.୭୯% ରଖିଥିବା ବେଳେ ବେଙ୍ଗାଲୁରୁ ରିଜିଅନ ୯୮.୯୦% ମାର୍କ ରଖି ତୃତୀୟ ସ୍ଥାନରେ ରହିଛି। ୯୮.୭୧% ସହ ଚତୁର୍ଥ ସ୍ଥାନରେ ଚେନ୍ନାଇ, ୯୬.୫୪% ସହ ପଞ୍ଚମରେ ପୁଣେ ରହିଛି। ତେବେ ୧୨ଶ ସ୍ଥାନରେ ଭୁବନେଶ୍ୱର ରିଜିଅନ ଥିବାବେଳେ ପାସ୍‌ହାର ୯୨.୬୪% ରହିଛି। ଜବାହର ନବୋଦୟ ବିଦ୍ୟାଳୟରେ ୯୯.୪୯ ପ୍ରତିଶତ ପାସ୍‌ହାର ରହିଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟରେ ୯୯.୪୫ ପ୍ରତିଶତ ଏବଂ ଇଣ୍ଡିପେଣ୍ଡେଣ୍ଟରେ ୯୪.୧୭ ପ୍ରତିଶତ ପାସ୍‌ହାର ରହିଛି। ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ସର୍ବଭାରତୀୟସ୍ତରରେ କୃତକାର୍ଯ୍ୟ ହାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିଷାକ୍ତ ସ୍ପର୍ଶ**

# ଲକ୍ଷ୍ମଣରେଖା ଡେଇଁଲେ ଘରେ ପଶି ମାରିବୁ: ମୋଦି



## ଆଦମ୍‌ପୁର ବାୟୁସେନା ଘାଟିରୁ ପାକିସ୍ତାନକୁ କଡ଼ା ଚେତାବନୀ

ଆତଙ୍କବାଦ ବିରୋଧରେ ଭାରତ ସ୍ପଷ୍ଟ ଲକ୍ଷ୍ମଣରେଖା ଆଙ୍କିଛି। ଆଗକୁ ପାକିସ୍ତାନ ଏହାକୁ ଅତିକ୍ରମକଲେ ଭାରତ ଦୃଢ଼ ଜବାବ ଦେବ। ଦେଶରେ କୌଣସି ଆତଙ୍କବାଦୀ ଆକ୍ରମଣ ହେଲେ ଘରେ ପଶି ମାରିବୁ। ପଞ୍ଜାବର ଜଲନ୍ଧର ଜିଲାସ୍ଥିତ ଆଦମ୍‌ପୁର ଭାରତୀୟ ବାୟୁସେନା (ଆଇଏଏଫ୍) ଘାଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପାକିସ୍ତାନକୁ ଏଭଳି ଭାଷାରେ ଜବାବ ଦେଇଛନ୍ତି। ଆଦମ୍‌ପୁର ଏୟାରବେସ୍ ହେଉଛି ଆଇଏଏଫ୍‌ର ସେହି ସୀମାନ୍ତ ସାମରିକ ପ୍ରତିଷ୍ଠାନ, ଯାହାକୁ ପାକିସ୍ତାନ ମେ' ୯ ରାତିରେ ମିଶାଇଲ ମାଡ଼ କରି ଉଡ଼ାଇଦେବାକୁ ଉଦ୍ୟମ କରିଥିଲା। ତେବେ ଭାରତର ଶକ୍ତିଶାଳୀ ଏୟାର ଡିଫେନ୍ସ ସିଷ୍ଟମ୍ ପାକିସ୍ତାନୀ ବାୟୁସେନାର ଉଦ୍ୟମକୁ ପଣ୍ଡ କରିଦେଇଥିଲା। କିନ୍ତୁ ପାକିସ୍ତାନ ଏହାକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ଦାବି କରିଥିଲା। 'ଅପରେଶନ୍ ସିନ୍ଦୂର' ପରେ ସଶସ୍ତ୍ର ବଳକୁ ପ୍ରଥମ ଥର ୨୭ ମିନିଟ୍ ଧରି ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଭାରତର ସାମରିକ ବଳକୁ ପ୍ରଶଂସା କରିବା ସହ ଆତଙ୍କବାଦ ବିରୋଧରେ ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି। ଏଥିସହ ପାକିସ୍ତାନର ଡାହା ମିଛକୁ ଧରାପକାଇ ଦେଇଛନ୍ତି।

**ନୂଆଦିଲ୍ଲୀ,୧୩।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପଞ୍ଜାବର ଆଦମ୍‌ପୁର ଏୟାରବେସ୍‌ରେ ଏସ୍-୪୦୦ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ ସମ୍ମୁଖରେ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇ କହିଛନ୍ତି, ପାକିସ୍ତାନ ମାଟିରୁ ଯଦି ଆତଙ୍କବାଦ ଜାରି ରହେ, ତେବେ ଏହାକୁ ମାଟିରେ ମିଶାଇଦେବୁ। 'ଅପରେଶନ ସିନ୍ଦୂର' ପରେ ସଶସ୍ତ୍ର ବଳକୁ ପ୍ରଥମ ଉଦ୍‌ବୋଧନରେ ପ୍ରଧାନମନ୍ତ୍ରୀ ସେନାର ବୀରତ୍ୱକୁ ଉଚ୍ଚ ପ୍ରଶଂସା କରିଛନ୍ତି। ୪ ଦିନର ସଂଘର୍ଷରେ ☞ପୃଷ୍ଠା-୪





ସିଡିଏସ୍ ଜେନେରାଲ ଅନିଲ ଚୌହାନ ମଙ୍ଗଳବାର ଉପରାଷ୍ଟ୍ରପତି ଜଗଦୀପ ଧନକରଙ୍କୁ ଭେଟୁଛନ୍ତି।



ଆଦମପୁର ଏୟାରବେସ୍‌ରେ ବାୟୁସେନା ଯବାନଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ପିଓକେ ଖାଲିକର

## କଶ୍ମୀରକୁ ନେଇ ଭାରତର ଆଭିମୁଖ୍ୟ ଅପରିବର୍ତ୍ତିତ

ନୂଆଦିଲ୍ଲୀ, ୧୩।୫

ଜମ୍ମୁ-କଶ୍ମୀରକୁ ନେଇ ଭାରତର ଆଭିମୁଖ୍ୟ 'ପାକିସ୍ତାନ ବେଆଇନ ଭାବେ ଦଖଲ କରିଥିବା ଅଞ୍ଚଳକୁ ଫେରାଇଦେଉ' ଅପରିବର୍ତ୍ତିତ ରହିଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମଙ୍ଗଳବାର କହିଛି। କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ପୂର୍ବରୁ ପାକିସ୍ତାନ ଏଥିରେ ତୃତୀୟ ପକ୍ଷର ମଧ୍ୟସ୍ଥତା ଚାହୁଁଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଥିପାଇଁ ୨ ଥର ପ୍ରସ୍ତାବ ଦେଇଛନ୍ତି। ତେବେ ୨ ଦେଶ ମଧ୍ୟରେ କଶ୍ମୀର ପ୍ରସଙ୍ଗର ସମାଧାନ କରିବାକୁ ଭାରତ ପ୍ରତିବଦ୍ଧ ବୋଲି



ରଣଧୀର ଜୟସ୍ୱାଲ

ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ମଙ୍ଗଳବାର ସନ୍ଧ୍ୟାରେ ଗଣମାଧ୍ୟମକୁ କହିଛନ୍ତି। ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଆମର ଦୀର୍ଘଦିନରୁ ଜାତୀୟ ଆଭିମୁଖ୍ୟ ଅପରିବର୍ତ୍ତିତ ରହିଆସିଛି। ଏହା କେବଳ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ସମାଧାନ ହୋଇପାରିବ। ଉକ୍ତ ନୀତିରେ କୌଣସି ପରିବର୍ତ୍ତନ ହେବ ନାହିଁ।

ଟ୍ରମ୍ପ୍ ମଧ୍ୟସ୍ଥତା ପାଇଁ ଦେଇଥିବା ପ୍ରସ୍ତାବ ସମ୍ପର୍କରେ ପ୍ରଶ୍ନ ହେବାରୁ ଜୟସ୍ୱାଲ କହିଥିଲେ, ପାକିସ୍ତାନ ଦ୍ୱାରା ବେଆଇନ ଭାବେ ଅଧିକୃତ ଅଞ୍ଚଳ ଖାଲି କରାଯିବା ଗୁରୁତ୍ୱପୂର୍ଣ୍ଣ ବିଷୟ। ଦୁଇ ଦେଶ ମଧ୍ୟରେ ଆଣବିକ ଯୁଦ୍ଧକୁ ବନ୍ଦ କରିଦେଲୁ ବୋଲି ଟ୍ରମ୍ପ୍ ଦାବି କରୁଥିବା ବେଳେ ଜୟସ୍ୱାଲ କହିଛନ୍ତି, ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ପାରମ୍ପରିକ ଅସ୍ତ୍ରରେ କରାଯାଇଥିଲା। ପାକିସ୍ତାନର ନ୍ୟାଶନାଲ କମାଣ୍ଡ ଅଥରିଟି ବୈଠକ ୧୦ ତାରିଖରେ ବସୁଥିବା ଖବର ପ୍ରକାଶ ପାଇଥିବାବେଳେ ପରେ ତାହାକୁ ଖଣ୍ଡନ କରାଯାଇଥିଲା। ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ନିଜେ ଆଣବିକ ଆକ୍ରମଣ ସମ୍ଭାବନାକୁ ଖଣ୍ଡନ କରିଛନ୍ତି।

ଜୟସ୍ୱାଲ କହିଛନ୍ତି, ଭାରତର ସ୍ପଷ୍ଟ ଆଭିମୁଖ୍ୟ ହେଲା, ଏହା କାହାକୁ ଆଣବିକ ଆକ୍ରମଣ ଧମକ ଦେବ ନାହିଁ କିମ୍ବା ସୀମାପାର ଆତଙ୍କବାଦକୁ ଅନୁମତି ଦେବ ନାହିଁ। ବିଭିନ୍ନ ରାଷ୍ଟ୍ର ସହ ଆଲୋଚନା ବେଳେ ସେମାନଙ୍କୁ ସତର୍କ କରି ଦିଆଯାଇଛି ଯେ, ଆଣବିକ ଅସ୍ତ୍ରର ଧମକ କିମ୍ବା ଆତଙ୍କବାଦକୁ ପ୍ରଶ୍ରୟ ଦେଲେ ତାହା ସେମାନଙ୍କ ନିଜ କ୍ଷେତ୍ରରେ କାଳ ସାଜିବ। ସୀମାପାର ଆତଙ୍କବାଦକୁ ସମର୍ଥନ ପାକିସ୍ତାନ ବିଶ୍ୱସନୀୟ ଭାବେ ବନ୍ଦ ନ କରିବା ପର୍ଯ୍ୟନ୍ତ ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ଥଗିତ ରଖାଯିବ ବୋଲି ଜୟସ୍ୱାଲ ସ୍ପଷ୍ଟ କରିଦେଇଛନ୍ତି। ପାକିସ୍ତାନ ଆତଙ୍କବାଦକୁ ଶିଳ୍ପଭଳି ବଢ଼ାଇଚାଲିଛି। ଅପରେଶନ ସିନ୍ଦୂରରେ ଭାରତ ଆତଙ୍କବାଦୀଙ୍କ ଭିତ୍ତିଭୂମି ଧ୍ୱଂସ କରିଛି। ସେହି ଭିତ୍ତିଭୂମିଗୁଡ଼ିକ କେବଳ ଭାରତୀୟଙ୍କ ମୃତ୍ୟୁ ପାଇଁ ନୁହେଁ ସାରା ବିଶ୍ୱର ଅନେକ ନିରୀହଙ୍କ ମୃତ୍ୟୁ ପାଇଁ ଦାୟୀ ଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି।

# କଶ୍ମୀର, ପଞ୍ଜାବରେ ଖୋଲିଲା ସ୍କୁଲ



ଶ୍ରୀନଗର ସ୍ଥିତିରେ ଉନ୍ନତି ଆସିବା ପରେ ମଙ୍ଗଳବାର ପିଲାମାନେ ସ୍କୁଲକୁ ଯାଉଛନ୍ତି।

ଶ୍ରୀନଗର/ଅମୃତସର, ୧୩।୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପରେ ଜମ୍ମୁ-କଶ୍ମୀର ସୀମାବର୍ତ୍ତୀ ଜିଲାଗୁଡ଼ିକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରେ ମଙ୍ଗଳବାରଠାରୁ ସ୍କୁଲ, କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଖୋଲାଯାଇଛି। ଜମ୍ମୁ ଡିଭିଜନର ଡୋଡା, କିସ୍ତୱାର, ରେଆସି ଏବଂ ରାମବନ ଜିଲାରେ ସ୍କୁଲ ଖୋଲିଛି। ତେବେ କଠୁଆ, ଜମ୍ମୁ, ରାଜୌରୀ, ପୁଞ୍ଚ୍, ସାମ୍ବା ଏବଂ ଉଧାମପୁର ଜିଲାରେ ସ୍କୁଲ ବନ୍ଦ ରହିଛି। ସେହିପରି କଶ୍ମୀରରେ କୁପ୍‌ୱାରା ଏବଂ ବାରାମୁଲାକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରେ ସ୍କୁଲ ଖୋଲିଛି। ଗତ ସପ୍ତାହରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିବା ପରେ ଜମ୍ମୁ-କଶ୍ମୀରର ସମସ୍ତ ସ୍କୁଲ ଏବଂ କଲେଜକୁ ବନ୍ଦ କରାଯାଇଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ପଞ୍ଜାବର ୫ ସୀମାନ୍ତ ଜିଲା ଅମୃତସର, ପଠାନକୋଟ, ଫାଜିଲକା, ଫିରୋଜପୁର ଏବଂ ତରନ ତରନକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରେ ସ୍କୁଲ ଖୋଲାଯାଇଛି। ସତର୍କତାମୂଳକ ପଦକ୍ଷେପ ଭାବେ ରାଜ୍ୟର ୫ ସୀମାନ୍ତ ଜିଲାରେ ସ୍କୁଲ୍ ବନ୍ଦ ରଖାଯାଇଥିବା ନେଇ ପଞ୍ଜାବ ରାଜ୍ୟ ପ୍ରଶାସନ କହିଛି।

# ପାକିସ୍ତାନ କହିଲା ୧୧ ସୈନ୍ୟ ମୃତ

ଭାରତୀୟ ସେନାର ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେଶନ ସିନ୍ଦୂର'ରେ ପାକିସ୍ତାନୀ ବାୟୁସେନାର ମୁଖ୍ୟ ଟେକ୍‌ନିସିଆନ୍‌ଙ୍କ ସମେତ ୧୧ ସୈନ୍ୟ ନିହତ ହେବା ସହ ୭୮ ଜଣ ଆହତ ହୋଇଥିବା ଏହାର ଇଣ୍ଟରସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସ ମଙ୍ଗଳବାର ପ୍ରଥମ ଥର ପାଇଁ ସ୍ୱୀକାର କରିଛି। ଭାରତୀୟ ବାୟୁସେନା ପାକିସ୍ତାନର ଏଫ୍-୧୬ ଏବଂ ଜେଏଫ୍-୧୭ ଯୁଦ୍ଧବିମାନକୁ ଭାରତ ଖସାଇଥିଲା। ଭାରତର ଆକ୍ରମଣରେ ପାକିସ୍ତାନର ୪୦ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି।

ଭାରତର ଅପରେଶନ ସିନ୍ଦୂର ଜବାବରେ ପାକିସ୍ତାନ ସେନା ପକ୍ଷରୁ 'ଅପରେଶନ ବୁନ୍ୟାନ-ଅଲ୍-ମର୍‌ସସ୍' ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ପାକିସ୍ତାନୀ ସେନାର ଅନ୍ୟୁନ ୩୫ରୁ ୪୦ ସୈନ୍ୟ ନିହତ ହୋଇଥିବା ଭାରତ ପକ୍ଷରୁ କୁହାଯାଇଥିଲା।

# ସୀମାନ୍ତ ଗ୍ରାମରେ ବ୍ୟାପକ ତଲାସି

ଜମ୍ମୁ, ୧୩।୫

ଜମ୍ମୁ-କଶ୍ମୀରର ସୀମାନ୍ତ ଗ୍ରାମଗୁଡ଼ିକରେ ପାକିସ୍ତାନୀ ସେନା ଛାଡ଼ିଥିବା ଗୋଳା ଓ ମୋର୍ଟାଲ ଶେଲ୍ ମଧ୍ୟରୁ କେତେକ ବିସ୍ଫୋରଣ ନ ହୋଇ ରହିଯାଇଥିବାରୁ ସେଗୁଡ଼ିକୁ ଅକାମୀ କରିବା ପାଇଁ ସେନା ଏବଂ ପୋଲିସର ମିଳିତ ବମ୍ବ ଡିସ୍‌ପୋଜାଲ ସ୍କ୍ୱାଡ୍ ପକ୍ଷରୁ ବ୍ୟାପକ ତଲାସି ଅଭିଯାନ ଜାରି ରହିଛି। ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଇଛି। ତଲାସି ଅଭିଯାନ ଶେଷ ହେବା ପରେ ବିସ୍ଥାପିତ ହୋଇଥିବା ସୀମାନ୍ତ ଅଞ୍ଚଳର ଲୋକଙ୍କୁ ଘରକୁ ଫେରିବା ପାଇଁ ଅନୁମତି ଦିଆଯିବ ବୋଲି ଜମ୍ମୁ-କଶ୍ମୀରର ମୁଖ୍ୟ ସଚିବ କହିଛନ୍ତି। ଶେଲ୍ ମାଡ଼ରେ ଯେଉଁମାନଙ୍କ ଘର କ୍ଷତିଗ୍ରସ୍ତ ହୋଇଛି, ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦିଆଯିବ। ରାଜୌରୀ ଓ ପୁଞ୍ଚ୍ ଜିଲାର ଏଲ୍‌ଓସି ଅନ୍ତର୍ଗତ ଅଞ୍ଚଳ ଏବଂ ଜମ୍ମୁ ଓ ଶାମ୍ବାର ଅନ୍ତର୍ଜାତୀୟ ସୀମା ନିକଟରୁ ଅନେକ ସଂଖ୍ୟାରେ ବିସ୍ଫୋରଣ ହୋଇ ନ ଥିବା ଶେଲ୍‌କୁ ଅକାମୀ କରାଗଲାଣି।

# ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ



ଜମ୍ମୁ-କଶ୍ମୀରର ସୋପିଆନ୍‌ରେ ସୁରକ୍ଷାବଳ ପକ୍ଷରୁ ତଲାସି ଅଭିଯାନ କରଯାଉଛି।

ଶ୍ରୀନଗର, ୧୩।୫

ଜମ୍ମୁ-କଶ୍ମୀରର ଶୋପିଆନସ୍ଥିତ ଜିନ୍‌ପଥେର କେଲ୍ଲେର ଅଞ୍ଚଳରେ ମଙ୍ଗଳବାର ସୁରକ୍ଷାବଳ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତାଇବାର ୩ ଜଣ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ୨ ଜଣଙ୍କ ପରିଚୟ ମିଳିଛି। ସେମାନେ ହେଉଛନ୍ତି ଶାହିଦ କୁଟ୍ଟେ ଏବଂ ଅଦନାନ୍ ଶାଫି। କୁଟ୍ଟେ ୨୦୨୩ରେ ଲଶ୍କରରେ ଯୋଗଦେଇଥିଲେ। ଗତ ବର୍ଷ ଶୋପିଆନର ଦାନିଶ ରିସର୍ଟରେ ହୋଇଥିବା ଗୁଳିକାଣ୍ଡ ମାମଲାରେ କୁଟ୍ଟେଙ୍କ ସମ୍ପୃକ୍ତି ଥିଲା। ସେହିପରି ଗତବର୍ଷ ମେ'ରେ ସହରର ହିରପୋରାଠାରେ ଜଣେ ଭାଜପା ସରପଞ୍ଚଙ୍କ ହତ୍ୟାରେ ମଧ୍ୟ ତାଙ୍କର ସମ୍ପୃକ୍ତି ରହିଥିଲା। ଶାଫି ଲଶ୍କର ସହ ୨୦୨୪ରେ ଜଡ଼ିତ ହୋଇଥିଲେ। ଗତବର୍ଷ ଶୋପିଆନର ୱାଚିଠାରେ ଜଣେ ପ୍ରବାସୀ ଶ୍ରମିକଙ୍କ ହତ୍ୟାରେ ତାଙ୍କର ସମ୍ପୃକ୍ତି ରହିଥିଲା। ଜିନ୍‌ପଥେର କେଲ୍ଲେର ଅଞ୍ଚଳରେ କେତେଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଏହାପରେ ସୁରକ୍ଷାବଳ ଉକ୍ତ ଅଞ୍ଚଳରେ ଅପରେଶନ କେଲ୍ଲେର ଆରମ୍ଭ କରିଥିଲା। ମୃତ ୩ ଆତଙ୍କବାଦୀଙ୍କ ନିକଟରୁ ଏକେ-୪୭ ରାଇଫଲ୍ସ ସହ ଅନ୍ୟ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି।

ପ୍ରକାଶ ଯେ, ଏପ୍ରିଲ ୨୨ରେ ପାକିସ୍ତାନୀ ଆତଙ୍କବାଦୀମାନେ ପହଲଗାମ୍‌ର ବୈସରନରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ଏହାପରଠୁ ଭାରତ, ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇ ଶେଷରେ ଯୁଦ୍ଧର ରୂପ ନେଇଥିଲା। ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲେ ମଧ୍ୟ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇ କଶ୍ମୀରରେ ଅସ୍ଥିରତା ସୃଷ୍ଟିଲାଗି ପାକିସ୍ତାନ ଉଦ୍ୟମ ଚଳାଇଛି। ଭାରତରେ ଆଗକୁ କୌଣସି ପ୍ରକାର ଆତଙ୍କବାଦୀ ଆକ୍ରମଣ ହେଲେ ତାକୁ ଯୁଦ୍ଧଭଳି କାର୍ଯ୍ୟ ରୂପେ ବିବେଚନା କରି ମୁହଁତୋଡ଼ ଜବାବ ଦିଆଯିବ ବୋଲି ଭାରତ ପକ୍ଷରୁ ଚେତାବନୀ ଦିଆଯାଇଛି।

# ରୁଷିଆରୁ ଅଧିକ ଏସ୍-୪୦୦ ମିଶାଇଲ ଡିଫେନ୍ସ ସିଷ୍ଟମ କିଣିବ ଭାରତ

ନୂଆଦିଲ୍ଲୀ, ୧୩।୫

'ଅପରେଶନ ସିନ୍ଦୂର' ବେଳେ ପାକିସ୍ତାନୀ ମିଶାଇଲ ଏବଂ ଡ୍ରୋନ୍‌ଗୁଡ଼ିକୁ ପ୍ରତିହତ କରିବାରେ ଭାରତର ଏସ୍-୪୦୦ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ ଘାତକ ପ୍ରମାଣିତ ହୋଇଛି। ଏହି ସିଷ୍ଟମ୍ ୬୦୦ କିଲୋମିଟର ପର୍ଯ୍ୟନ୍ତ ଦୂରତାରୁ ଶତ୍ରୁପକ୍ଷର ମିଶାଇଲ୍‌କୁ ଚିହ୍ନଟ କରିବା ସହ ଏହାକୁ ଟାର୍ଗେଟ କରିପାରେ ଏବଂ ୪୦୦ କିଲୋମିଟର ଦୂରରୁ ପ୍ରତିହତ କରିପାରେ। ଅପରେଶନ ସିନ୍ଦୂର ସମୟରେ ଏହାର ସଫଳ ବ୍ୟବହାର ପରେ ଭାରତ ରୁଷିଆରୁ ଅଧିକ ଏସ୍-୪୦୦ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ କ୍ରୟ କରିବାକୁ ନିବେଦନ କରିଥିବା ପ୍ରତିରକ୍ଷା ବିଭାଗ ସୂତ୍ରରୁ ଜଣାପଡ଼ିଛି।

ଭାରତୀୟ ସେନାରେ ନିୟୋଜିତ ରୁଷିଆ ନିର୍ମିତ ଏସ୍-୪୦୦ ସିଷ୍ଟମ୍ ପାକିସ୍ତାନର ମିଶାଇଲ୍ ଓ ଡ୍ରୋନ୍‌ଗୁଡ଼ିକୁ ଧ୍ୱଂସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା। ପଶ୍ଚିମ ସୀମାନ୍ତରେ ଆକାଶମାର୍ଗରୁ ଆସିଥିବା ସମସ୍ତ ବିପଦକୁ ପ୍ରତିହତ କରିବାରେ ଏହା ଅତ୍ୟନ୍ତ ଉପଯୁକ୍ତ ଓ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ଏହାର ପ୍ରଦର୍ଶନରେ ପ୍ରୋତ୍ସାହିତ ହୋଇ ନୂଆଦିଲ୍ଲୀ ମସ୍କୋରୁ ଅଧିକ ଏସ୍-୪୦୦ ସିଷ୍ଟମ୍ କିଣି ନିଜର ଏୟାର ଡିଫେନ୍ସ ସାମର୍ଥ୍ୟ ବଢ଼ାଇବାକୁ ଚାହୁଁଛି।



ନୂଆଦିଲ୍ଲୀର ସାଉଥ୍ ବ୍ଲକରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସିଡିଏସ୍ ଅନିଲ ଚୌହାନ ଓ ୩ ସେନା ମୁଖ୍ୟ।

# ପାକ୍ ଏୟାରବେସ୍‌ର ଧ୍ୱଂସ ଚିତ୍ର ସାଟେଲାଇଟ୍‌ରୁ ସ୍ପଷ୍ଟ

ନୂଆଦିଲ୍ଲୀ, ୧୩।୫

'ଅପରେଶନ ସିନ୍ଦୂର' ଜରିଆରେ ଭାରତୀୟ ସେନା ପାକିସ୍ତାନୀ ଏୟାରବେସ୍‌ରେ କରିଥିବା ଆକ୍ରମଣର ନୂଆ ସାଟେଲାଇଟ୍ ଚିତ୍ର ପ୍ରକାଶ ପାଇଛି। ପାକ୍ ସେନା ମିଶାଇଲ୍ ଏବଂ ଡ୍ରୋନ୍ ସହାୟତାରେ ଭାରତର ପଶ୍ଚିମ ସୀମାରେ ଥିବା ଜନବସତି ଅଞ୍ଚଳ ଏବଂ ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବାକୁ ଉଦ୍ୟମ କଲାବେଳେ ଭାରତୀୟ ସଶସ୍ତ୍ର ବଳ ସେଗୁଡ଼ିକୁ ପ୍ରତିହତ କରିବା ସହ ଏହାର ୮ଟି ଏୟାରବେସ୍‌କୁ ଧ୍ୱଂସ କରିଦେଇଥିଲା। ଆମେରିକାର ଏରୋସ୍ପେସ୍ କମ୍ପାନୀ ମାକ୍ସର ଟେକ୍ନୋଲୋଜି ପକ୍ଷରୁ ଜାରି ହାଇରିଜଲ୍ୟୁଶନ ଚିତ୍ରରେ ଏହା ସ୍ପଷ୍ଟ




ହୋଇଛି। ଭାରତୀୟ ସେନା ପାକିସ୍ତାନର ରାଓଲପିଣ୍ଡି ଅନ୍ତର୍ଗତ ନୁର୍ ଖାନ୍ ସାମରିକ ଘାଟି, ସିନ୍ଧ୍ ପ୍ରଦେଶର ସୁକ୍କୁର ଏବଂ ପଞ୍ଜାବ ପ୍ରଦେଶର ରହିମ୍‌ୟାରଖାନ୍‌ଘାଟିକୁ ଟାର୍ଗେଟ କରି ମିଶାଇଲ୍ ଆକ୍ରମଣ କରିଥିଲା। ଫଟୋରେ ନୁର୍ ଖାନ୍ ଏୟାରବେସ୍‌ର ଏକ ବିଲ୍ଡିଂ ଧ୍ୱଂସ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ସୁକ୍କୁର ଏୟାରବେସ୍‌ର ବିଲ୍ଡିଂ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଏହା ବ୍ୟତୀତ ସରଗୋଧାସ୍ଥିତ ମୁଶାଫ ଏୟାରବେସ୍, ଉତ୍ତର ସିନ୍ଧ୍‌ର ଶାହବାଜ ଜାକୋବାବାଦ ବେସ୍ ଏବଂ ଉତ୍ତର ଥାଟ୍ଟାର ଭୋଲାରି ଏୟାରବେସ୍ ଧ୍ୱଂସ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଦେଖିବାକୁ ମିଳିଛି। ଜାକୋବାବାଦ ଏୟାରବେସ୍‌ର ହ୍ୟାଙ୍ଗ୍‌ର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ମୁଶାଫ ଏୟାରବେସ୍‌ର ରନ୍‌ୱେ କ୍ଷତିଗ୍ରସ୍ତ ହୋଇଛି। ଭାରତୀୟ ସେନା ପାକିସ୍ତାନୀ ସାମରିକ ଟାର୍ଗେଟ ଉପରେ ଆକ୍ରମଣ କରିଥିବା ଗତ ଶନିବାର ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ସ୍ପଷ୍ଟ କରିଥିଲେ।




# ପ୍ରତି ଜିଲାରେ ଶିଳ୍ପ ପ୍ରତିଷ୍ଠା ହେବ: ମୁଖ୍ୟମନ୍ତ୍ରୀ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର(ମାନସ ମହାନ୍ତି), ୧୩।୫**

## ୪୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ


ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

କେନ୍ଦ୍ରସରକାରଙ୍କ ସହଯୋଗରେ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବା ପାଇଁ ଯାଉଛି। ଉତ୍କର୍ଷ ଓଡ଼ିଶାର ଅପାର ସଫଳତା ନୂଆ ସୁଯୋଗ ଆଣିଛି। ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ପ୍ରତି ଜିଲାରେ ଶିଳ୍ପ ପ୍ରତିଷ୍ଠା କରାଯାଇ ନିଯୁକ୍ତି ସୁଯୋଗ ଦିଆଯିବ ବୋଲି ମଙ୍ଗଳବାର ମୟୂରଭଞ୍ଜ ଜିଲା ବିଶୋଇ ମିନି ଷ୍ଟାଡିୟମଠାରେ ରାଇରଙ୍ଗପୁର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକ୍ ପାଇଁ ୪୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶୁଭ ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାମାଜିକ ଓ ଆର୍ଥିକ ଦୃଷ୍ଟିକୋଣରୁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲା ପଛୁଆ ରହିଛି। ଭାଜପା ସରକାରରେ ଜିଲାକୁ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ ତଥା ପ୍ରତିଶ୍ରୁତିବଦ୍ଧ। ଜିଲାର ଗୋରୁମହିଷାଣୀ, ବାଦାମପାହାଡ଼ ଓ ସୁଲେଇପାଟଠାରେ ଥିବା ଖଣି ଅଞ୍ଚଳର ଖଣିଜସମ୍ପଦ ସାରା ଭାରତବର୍ଷକୁ ସମୃଦ୍ଧ କରିବାରେ ବଳିଷ୍ଠ ଭୂମିକା ନିର୍ବାହ କରିଛି। ଜିଲାରେ ଖଣି ରହିଛି, ମାତ୍ର ଶିଳ୍ପ ନାହିଁ। ଏହି ଅଞ୍ଚଳରେ ଅଧିକ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ମୟୂରଭଞ୍ଜ ଜିଲାରେ ପାଖାପାଖି ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବାକୁ ଥିବା ବେଳେ ୬ଟି ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହାଦ୍ୱାରା ୭/୮ ହଜାର ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଶୋଇ ବ୍ଲକ୍ ସଦର ମହକୁମାଠାରେ ଏକ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ଓ ବିଶୋଇସ୍ଥିତ ମିନି ଷ୍ଟାଡିୟମକୁ ମହାପୁରୁଷ ଧରଣୀଧର ନାଏକଙ୍କ ନାମରେ ନାମିତ କରିବା ଏବଂ ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଆମ ସରକାର ହେଉଛି, ଲୋକଙ୍କ ସରକାର। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ଶାସନ ବ୍ୟବସ୍ଥାରେ ଏଥିପାଇଁ ଆମେ ପରିବର୍ତ୍ତନ ଆଣିଛୁ। ବର୍ଷ ବର୍ଷ ଧରି ଲୋକଙ୍କ ଆପତ୍ତି ଅଭିଯୋଗ ସରକାର ଓ ଜନ ପ୍ରତିନିଧିମାନେ ଶୁଣୁ ନ ଥିଲେ। ଆମେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛୁ। ସେଥିପାଇଁ ନିର୍ବାଚିତ ଲୋକ ପ୍ରତିନିଧିମାନେ ସିଧାସଳଖ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ତା'ର ସମାଧାନର ବ୍ୟବସ୍ଥା କରୁଛନ୍ତି। ଓଡ଼ିଶାରେ ବିଶେଷକରି ଗ୍ରାମାଞ୍ଚଳର ମହିଳାମାନେ ଆଜି ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ଓ ସ୍ୱାବଲମ୍ବୀ ହୋଇଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ନିଶ୍ଚିତ ରୂପେ ଏକ ଭଲ ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ହିତାଧିକାରୀଙ୍କୁ ମୃତ୍ୟୁ ସହାୟତା ରାଶି, ଶ୍ରମିକମାନଙ୍କ କନ୍ୟାଙ୍କ ପାଇଁ ବିବାହ ପ୍ରୋତ୍ସାହନ ରାଶି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଡ଼େଇ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ମଞ୍ଚାସୀନ ଥିଲେ। ସାରସକଣା ବିଧାୟକ ଭାଦବ ହାଁସଦା ସ୍ୱାଗତ ଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଟା ଏସିଇ ଓଲଟି ୨ ମୃତ, ୧୫ ଆହତ

**ଭଞ୍ଜନଗର/ବେଲଗୁଣ୍ଠା, ୧୩।୫ (ବାବୁଲା ପ୍ରଧାନ/କୃଷ୍ଣଚନ୍ଦ୍ର ପଟ୍ଟନାୟକ)**

ଗଞ୍ଜାମ ଜିଲା ସୋରଡ଼ା-ଭଞ୍ଜନଗର ମୁଖ୍ୟ ରାସ୍ତାର କୁଲାଙ୍ଗି ଗ୍ରାମ ନିକଟରେ ମଙ୍ଗଳବାର ଟାଟା ଏସିଇ ଓଲଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ବାଘଲିଙ୍ଗିର ବାଦଲ ଗୌଡ(୧୫) ଓ କେଶରପାଟଣାର ଚନ୍ଦ୍ରମା ଗୌଡ (୨୭)। ଆହତମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଅନ୍ୟମାନେ ଭଞ୍ଜନଗର ଓ ନିକଟସ୍ଥ ଅନ୍ୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ସୋରଡ଼ା ନିକଟସ୍ଥ ବାଘଲିଙ୍ଗିରୁ


ଦୁର୍ଘଟଣାଗ୍ରସ୍ତ ଗାଡ଼ି

ଗୋଟିଏ ପରିବାରର ୧୭ରୁ ଊର୍ଦ୍ଧ୍ୱ ସଦସ୍ୟ ସାନବୋରସିଙ୍ଗି ଠାକୁରାଣୀ ମନ୍ଦିରରେ ମାନସିକ ଭୋଜି କରିବାକୁ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ଟାଟା ଏସିଇରେ ଯାଉଥିଲେ। ଦ୍ରୁତ ଗତିରେ ଯାଉଥିବା ଗାଡ଼ିଟି ଗାଙ୍ଗପୁର ଥାନା ଅନ୍ତର୍ଗତ କୁଲାଙ୍ଗି ନିକଟରେ ଥିବା ଏକ କଲଭର୍ଟରେ ଧକ୍କା ହୋଇ ଓଲଟି ପଡ଼ିଥିଲା। ଫଳରେ ସମସ୍ତେ ଖସିପଡ଼ି ଚିତ୍କାର କରିଥିଲେ। ଖବରପାଇ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଶୁଭେନ୍ଦୁ ରଞ୍ଜନ ରାୟ ସେଠାରେ ପହଞ୍ଚିଥିଲେ। ଆମ୍ବୁଲାନ୍ସରେ ଆହତମାନଙ୍କୁ ଭଞ୍ଜନଗର ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ବାଦଲ ଓ ଚନ୍ଦ୍ରମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଉପଜିଲାପାଳ ଉମା ଶଙ୍କର ବେହେରା ଭଞ୍ଜନଗର ମେଡ଼ିକାଲରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ସମସ୍ତଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମେଡିକାଲରେ ପହଞ୍ଚି ଆହତମାନଙ୍କୁ ଭେଟିଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଋଣବୋଝ: କୀଟନାଶକ ପିଇ ଚାଷୀଙ୍କ ଆତ୍ମହତ୍ୟା

**ଜମନକିରା, ୧୩।୫ (ରବୀନ୍ଦ୍ର ପ୍ରସାଦ ଦାନୀ)**


ମୃତ ଚାଷୀ ଶରତ ମାଝୀ

ସମ୍ବଲପୁର ଜିଲା ଜମନକିରା ବ୍ଲକ ଖର୍ସନମାଲ ପଞ୍ଚାୟତ ଅନ୍ତର୍ଗତ କାଣିବନ୍ଧଲି ଗାଁର ଜଣେ ଦିବ୍ୟାଙ୍ଗ ଚାଷୀ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ଋଣଭାର ସହି ନ ପାରି ସେ ଆତ୍ମହତ୍ୟା କରିଥିବା ମୃତ ଚାଷୀଙ୍କ ସ୍ତ୍ରୀ ସ୍ନେହଲତା ମାଝୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତ ଚାଷୀ ହେଲେ ଶରତ ମାଝୀ( ୩୨)। ଏ ନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ମୃତ ଚାଷୀ ଶରତଙ୍କର ୪ଭାଇ। ସେମାନଙ୍କ ପୈତୃକ ସମ୍ପତ୍ତି ୨ ଏକର ଜମିକୁ ଶରତ ଚାଷ କରୁଥିଲେ। ୨୦୧୪ ମସିହାରେ ଉକ୍ତ ଜମିକୁ ବନ୍ଧକ ଦେଇ ସେ କୁଲୁଣ୍ଡି ଲ୍ୟାମ୍ପସରୁ ୬୦ ହଜାର ଟଙ୍କା ଋଣ କରିଥିଲେ। ୨୦୨୦ ମସିହାରେ ଏକ ସଡ଼କ ଦୁର୍ଘଟଣାରେ ସେ ଗୁରୁତର ହୋଇଥିଲେ। ତାଙ୍କ ଶରୀରର ଅଣ୍ଟାରୁ ତଳଭାଗ କାମ କରୁ ନ ଥିଲା। ଏହାପରେ ସେ ଚାଷକାମ ଆଉ କରିପାରି ନ ଥିଲେ। ଏହି କାରଣରୁ ସେ ଋଣଟଙ୍କା ଶୁଝିପାରୁ ନ ଥିଲେ। ମୂଳ ଟଙ୍କା ସହ ସୁଧ ମିଶି ଏବେ ତାହା ୧ ଲକ୍ଷ ୨୦ ହଜାରରେ ପହଞ୍ଚିଛି। ଋଣ ଖିଲାପ ଯୋଗୁ ଅନ୍ୟ ଭାଇମାନେ ମଧ୍ୟ ବ୍ୟାଙ୍କଋଣ ପାଇପାରୁ ନ ଥିଲେ। ଏହାକୁ ନେଇ ଭାଇମାନଙ୍କ ଭିତରେ ଅସନ୍ତୋଷ ଥିଲା। ଦୁଇଦିନ ତଳେ ଶରତ ଅନ୍ୟ ଭାଇମାନଙ୍କ ସହ ଋଣ ଶୁଝିବା ନେଇ କଥା ହୋଇଥିଲେ। ହେଲେ ଋଣଅର୍ଥ ପରିଶୋଧ ନେଇ କୌଣସି ରାସ୍ତା ବାହାରି ନ ଥିଲା। ଅପରପକ୍ଷରେ ତାଙ୍କର ଏକମାତ୍ର ପୁଅ ଚଳିତବର୍ଷ ୫ମ ପାସ୍ କଲାପରେ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାର ଥିଲା। ଆର୍ଥିକ ସ୍ଥିତିକୁ ନେଇ ଚିନ୍ତାରେ ଥିବା ଶରତ ପୁଅର ପଢ଼ାକୁ ନେଇ କୌଣସି ବାଟ ପାଉ ନ ଥିଲେ। ସ୍ୱାମୀ ଅକର୍ମଣ୍ୟ ହୋଇଯିବା ପରେ କୁଲିମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ଶରତଙ୍କ ସ୍ତ୍ରୀଙ୍କ ପାଇଁ ଘର ଚଳାଇବା କଠିନ ହେଉଥିଲା। ଏପରିସ୍ଥଳେ ଭିନ୍ନକ୍ଷମ ଭତ୍ତା ହିସାବରେ ମାସିକ ୧୨ ଶହ ଟଙ୍କା ହିଁ ଏକମାତ୍ର ଭରସା ଥିଲା। ତେବେ ଭିନ୍ନକ୍ଷମ ପ୍ରମାଣପତ୍ର ନବୀକରଣ କରି ନ ଥିବାରୁ ଗତ ୫ ମାସ ହେବ ଭତ୍ତା ଟଙ୍କା ବନ୍ଦ ହୋଇଯାଇଥିଲା। ଏସବୁକୁ ନେଇ ଶରତ ସବୁବେଳେ ଚିନ୍ତାରେ ରହୁଥିଲେ। ଶେଷରେ ସୋମବାର ରାତି ପ୍ରାୟ ୯ଟାରେ ସେ ଘରେ ଥିବା କୀଟନାଶକ ପିଇଦେଇଥିଲେ। ସ୍ନେହଲତା ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ବୁର୍ଲା ଭିମ୍‌ସାର ନେଇଥିଲେ। ହେଲେ ମଧ୍ୟରାତିରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶରତଙ୍କର ମୃତ୍ୟୁ ଘଟିଥିଲା। ବୁର୍ଲା ଥାନା ପୋଲିସ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅପରାହ୍ନରେ ମୃତଦେହ ଗାଁକୁ ଅଣାଯାଇ ଅନ୍ତିମ ସତ୍କାର କରାଯାଇଥିଲା। ଏହି ଘଟଣା ପରେ ଗ୍ରାମବାସୀ ତୁରନ୍ତ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି। ରାଜସ୍ୱ ବିଭାଗ, ପୋଲିସ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ସରକାରଙ୍କ ପକ୍ଷରୁ ଯାହା ସହାୟତା ବ୍ୟବସ୍ଥା ଅଛି ପ୍ରଦାନ କରାଯିବ ବୋଲି ତହସିଲଦାର ପ୍ରଭିନା ବିଲୁଙ୍ଗ, ବିଡିଓ ରବୀନ୍ଦ୍ର କୁମାର ସେଠୀ ଏବଂ ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି।

# ସନ୍ତୋଷ ଷଡ଼ଙ୍ଗୀଙ୍କୁ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର, ୧୩।୫ (ରବିନାରାୟଣ ଜେନା)**

କେନ୍ଦ୍ର ସରକାରଙ୍କ ନୂତନ ଏବଂ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ସଚିବ ତଥା ୧୯୯୪ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି। ସୋମବାର ଭାରତ ସରକାରଙ୍କ କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁଯାୟୀ, ସନ୍ତୋଷଙ୍କୁ ଭାରତ ସରକାରଙ୍କ ସୌରଶକ୍ତି ନିଗମ ଲିଃ.ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

## ପ୍ରସୂତି, ନବଜାତକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

# ନର୍ସିଂହୋମ୍‌ରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଅଭିଯୋଗ

**ଦିଗପହଣ୍ଡି, ୧୩।୫ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତାକଡ଼ରେ ଥିବା ଏକ ନର୍ସିଂହୋମ୍‌ରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ଜଣେ ପ୍ରସୂତି ଓ ନବଜାତ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଅଭିଯୋଗକୁ ନର୍ସିଂହୋମ ପରିଚାଳକ ଅସ୍ୱୀକାର କରିଛନ୍ତି। ଅନ୍ୟପଟେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ୍‌ଙ୍କୁ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

ଡେଙ୍ଗାଓସ୍ତା ଗ୍ରାମ ନିକଟ ସିଙ୍ଗପୁରର ରୋଜି ନାୟକ ଗତବର୍ଷ ସାନଖେମୁଣ୍ଡି ବ୍ଲକ କରାଖଣ୍ଡି ଗ୍ରାମର ବାବୁ ନାୟକଙ୍କୁ ବିବାହ କରିଥିଲେ। ବାବୁ ଗୁଜରାଟର ଏକ ଘରୋଇ କମ୍ପାନୀରେ କାମ କରନ୍ତି। ରୋଜି ଗର୍ଭବତୀ ହେବାପରେ ବାପଘରେ ରହୁଥିଲେ। ସେ ପ୍ରାୟ ୯ ମାସର ଗର୍ଭବତୀ ଥିଲେ। ରବିବାର ମଧ୍ୟାହ୍ନରେ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ଉକ୍ତ ନର୍ସିଂହୋମକୁ ନିଆଯାଇଥିଲା। ସେଠାରେ ଅଲଟ୍ରାସାଉଣ୍ଡ କରାଗଲା। ପରେ ଅଧିକ ଯନ୍ତ୍ରଣା ହେବାରୁ ନର୍ସିଂ ହୋମ କର୍ମଚାରୀମାନେ ରୋଜିଙ୍କ ପରିବାର ଲୋକଙ୍କୁ କହି ତାଙ୍କର ପ୍ରସବ କରାଇଥିଲେ। ମୃତ ଶିଶୁପୁତ୍ର ପ୍ରସବ ପରେ ରାତି ପ୍ରାୟ ୧୦ଟାରେ ରୋଜିଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ନର୍ସିଂହୋମ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ନ ଜଣାଇ ରୋଜିଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଦର୍ଶାଇ ଆମ୍ବୁଲାନ୍ସରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରୋଜିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।


ରୋଜି ନାୟକ

ଖବରପାଇ ରୋଜିଙ୍କ ସ୍ୱାମୀ ଘରକୁ ଆସିଥିଲେ। ନର୍ସିଂହୋମରେ ଡାକ୍ତରଙ୍କ ଅନୁପସ୍ଥିତିରେ ଅଣକୁଶଳୀ କର୍ମଚାରୀଙ୍କ ଦ୍ୱାରା ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯିବାରୁ ରୋଜିଙ୍କ ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ନିମନ୍ତେ ସେ ଦାବି କରିଛନ୍ତି। ସେପଟେ ଘଟଣା ପରଠାରୁ ନର୍ସିଂହୋମ ବନ୍ଦ ରହିଛି। ନର୍ସିଂହୋମ ପରିଚାଳକ ମଙ୍ଗୁଲୁ ପ୍ରଧାନ ଏଭଳି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଗର୍ଭବତୀ ରୋଜିଙ୍କୁ ଅଲଟ୍ରାସାଉଣ୍ଡ କରାଯିବା ପରେ ପ୍ରସବ ବେଦନା ବଢିବାରୁ ତାଙ୍କୁ କୌଣସି ସରକାରୀ ଡାକ୍ତରଖାନାକୁ ନେବାପାଇଁ ପରିବାର ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। କିନ୍ତୁ ସେମାନେ ନେଇ ନ ଥିଲେ। ପରେ ତାଙ୍କର ଏକ ମୃତ ଶିଶୁପୁତ୍ର ପ୍ରସବ ହୋଇଥିଲା। ଅବସ୍ଥାରେ ସୁଧାର ନ ଆସିବାରୁ ପରିବାର ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟାଧିକାରୀ ଭବାନୀ ଶଙ୍କର ମିଶ୍ରଙ୍କୁ ଯୋଗାଯୋଗ କରିବାରେ ଘଟଣାର ତଦନ୍ତ ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ବୁଲୁନାଥ ସାହୁଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଥିବା କହିଛନ୍ତି।

## ସୀମା ସୁରକ୍ଷାରେ ଯବାନ

# ଝିଅ ଜନ୍ମର ୧୫ଦିନ ପରେ ଆଖିବୁଜିଲେ ସ୍ତ୍ରୀ

**ସମ୍ବଲପୁର, ୧୩।୫ (ପ୍ରମୋଦ ବହିଦାର)**

ଦେଶ ମାତୃକାର ସୁରକ୍ଷା ପାଇଁ ସୀମାରେ ନିୟୋଜିତ ଜଣେ ଯବାନଙ୍କ ସ୍ତ୍ରୀ ବୁର୍ଲା ଭିମସାରରେ ୧୫ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ସୋମବାର ବିଳମ୍ବିତ ରାତିରେ ଆଖି ବୁଜିଛନ୍ତି। ସେ ନବଜନ୍ମିତ ଶିଶୁକନ୍ୟାକୁ ଛାଡି ଯାଇଛନ୍ତି। ରାତିରେ ତାଙ୍କୁ ରକ୍ତ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ମାତ୍ର ରକ୍ତ ଶରୀରକୁ ଯାଉ ନ ଥିବା ଦେଖି ପରିବାର ଲୋକ ଡାକ୍ତରଙ୍କୁ ଡାକିଥିଲେ। ଡାକ୍ତର ଆସି ପରୀକ୍ଷା କରିବା ପରେ ଜସ୍ମିନ ଗଣ୍ଡ(ଲିପି)ଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ସ୍ତ୍ରୀଙ୍କ ପ୍ରସବ ପାଇଁ ଆସିଥିବା ଦେବରାଜଙ୍କ ଛୁଟି ଯୁଦ୍ଧଜନିତ ଘନାଘଟା ମଧ୍ୟରେ ବାତିଲ ହୋଇଯିବା ପରେ ଶନିବାର କର୍ମସ୍ଥଳ ଅରୁଣାଚଳ ପ୍ରଦେଶ ଚାଲି ଯାଇଥିଲେ। ଏଠାରୁ ଯିବାର ଦୁଇଦିନ ପରେ ସ୍ତ୍ରୀ ଜସ୍ମିନଙ୍କ ମୃତ୍ୟୁ ଘଟିଛି। ୧୫ଦିନର ଶିଶୁକନ୍ୟା ମା'କୁ ହରାଇ ଏବେ ଆଈଙ୍କ କୋଳରେ ରହିଛନ୍ତି।

ଭାରତୀୟ ସଶସ୍ତ୍ର ସୀମା ବଳ(ଏସ୍‌ଏସ୍‌ବି)ରେ ଯବାନ ଭାବେ କାର୍ଯ୍ୟରତ ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ଟେଙ୍ଗନାମାଲ ଗ୍ରାମର ଦେବରାଜ ଗଣ୍ଡଙ୍କ ସ୍ତ୍ରୀ ଜସ୍ମିନ ଗତ ଏପ୍ରିଲ ୨୮ତାରିଖରେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ ହେବାପରେ ହଠାତ ସେ ଗୁରୁତର ଅସୁସ୍ଥ ହୋଇ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଏପ୍ରିଲ ୨୯ ତାରିଖରେ ତାଙ୍କୁ ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେହି ଦିନଠାରୁ ତାଙ୍କର ସଂଜ୍ଞା ଫେରି ନ ଥିଲା। ଗତ ଶନିବାର ତାଙ୍କୁ ରକ୍ତର ଆବଶ୍ୟକ ହୋଇଥିଲା। ବୁର୍ଲା ରକ୍ତ ଭଣ୍ଡାରରରେ ରକ୍ତର ଅଭାବ କାରଣରୁ ତାଙ୍କ ପରିବାର ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ କେତେକ ସ୍ୱେଚ୍ଛାସେବୀ ଆଗେଇ ଆସି ୪ ୟୁନିଟ ରକ୍ତଦାନ କରିଥିଲେ। ସ୍ତ୍ରୀଙ୍କ ପ୍ରସବ ପାଇଁ ଛୁଟିରେ ଆସିଥିବା ଦେବରାଜ ଜରୁରିକାଳୀନ ପରିସ୍ଥିତିରେ ଏସ୍‌ଏସ୍‌ବି ହେଡକ୍ୱାର୍ଟର୍ସରୁ ଡାକରା ପାଇ ଶନିବାର ୧୩ ଦିନର ଝିଅ ଓ ଶଯ୍ୟାଶାୟୀ ସ୍ତ୍ରୀଙ୍କୁ ଛାଡ଼ି କର୍ମସ୍ଥଳ ଅରୁଣାଚଳ ପ୍ରଦେଶ ଚାଲି ଯାଇଥିଲେ।


ମୃତା ଜସ୍ମିନ ଗଣ୍ଡ

# ବଙ୍ଗୋପସାଗରରେ ଉଡ଼ିଲା ଡ୍ରୋନ୍

## ସନ୍ଦିଗ୍ଧଙ୍କ ଉପରେ ରଖିବ ନଜର

**ଭୋଗରାଇ, ୧୩।୫ (ପ୍ରଦୀପ ଦାସ)**



ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ପ୍ରତିରକ୍ଷା ବିଭାଗ ଓ ତାଳସାରୀ ମେରାଇନ ଥାନା ସହଯୋଗରେ ଏକ ବଡ଼ ଡ୍ରୋନ ଆକାଶମାର୍ଗକୁ ଛଡ଼ାଯାଇଛି। ଏହି ସାମରିକ ଡ୍ରୋନ ବଙ୍ଗୋପସାଗରରେ ଜଳଯାନରେ ଆସୁଥିବା ସମସ୍ତ ସନ୍ଦିଗ୍ଧ ଅନୁପ୍ରବେଶକାରୀଙ୍କ ଗତିବିଧିକୁ ନଜର ରଖିବ ବୋଲି ଏହାର ଅପରେଟର କହିଛନ୍ତି। ସୂଚନାନୁଯାୟୀ, ପାକିସ୍ତାନ ବିରୋଧରେ ଅବଶମ୍ଭାବୀ ସମ୍ମୁଖ ଯୁଦ୍ଧ ସ୍ଥଗିତ ରଖାଯାଇ ଶତ୍ରୁପକ୍ଷକୁ କଡା ବାର୍ତ୍ତା ଦିଆଯାଇଥିବା ବେଳେ 'ଅପରେଶନ ସିନ୍ଦୂର'କୁ ସଜାଗ ରହିବା ପାଇଁ ପ୍ରତିରକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। ପଡୋଶୀ ବାଂଲାଦେଶ ଏବେ ପାକିସ୍ତାନର ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଭାରତୀୟ ଗୋଇନ୍ଦା ସଂସ୍ଥା ଜାଣିବା ପରେ ପଶ୍ଚିମବଙ୍ଗ ସୀମାନ୍ତ ଏବଂ ବଙ୍ଗୋପସାଗରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଓଡ଼ିଶା ଉପକୂଳରୁ ବାଂଲାଦେଶକୁ ଜଳପଥ ଆଧୁନିକ ଜଳଯାନରେ ଦୂରତ୍ୱ ୪ ରୁ ୫ ଘଣ୍ଟା ଲାଗୁଥିବା ବେଳେ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ବଢ଼ିଛି। ଏଭଳି ସ୍ଥିତିରେ ବଙ୍ଗୋପସାଗରରେ ସମସ୍ତ ସନ୍ଦିଗ୍ଧ ଅନୁପ୍ରବେଶକୁ ନଜର ରଖିବା ନିମନ୍ତେ ପାରାଦ୍ୱୀପ ଓ ହଳଦିଆ ତଟରକ୍ଷୀ ବାହିନୀ ମିଳିତ ଭାବେ ସାମରିକ ଅଭିଯାନ ଜାରି ରଖିଛନ୍ତି। ଆକାଶମାର୍ଗକୁ ଛଡ଼ାଯାଇଥିବା ଡ୍ରୋନ ବିଶେଷ ଭାବେ ନଜରଦାରୀ ବଢାଯାଇଛି। ତାଳସାରୀ ମେରାଇନ ଥାନାକୁ ଆସିଥିବା ଏହି ଡ୍ରୋନକୁ ପରିଚାଳିତ କରିବା ପାଇଁ ୩ ଜଣ ପ୍ରଶିକ୍ଷକ କେନ୍ଦ୍ରରୁ ଆସିଥିବା ବେଳେ ମେରାଇନ ଥାନାର ପୋଲିସ ମିଳିତ ଭାବେ ୨୪ ଘଣ୍ଟିଆ ତଲାସୀ ଅଭିଯାନ ଜାରି ରହିଛି ବୋଲି ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ସୂଚନା ଦେଇଛନ୍ତି।

# ବଲାଙ୍ଗୀରରେ ପ୍ରଥମ ଅଂଶୁଘାତ ମୃତ୍ୟୁ ଅଭିଯୋଗ

## ୧୬ଜିଲାରୁ ୨୮୨ ଚିକିତ୍ସା ରିପୋର୍ଟ

**ଭୁବନେଶ୍ୱର, ୧୩।୫ (ରବିନାରାୟଣ ଜେନା)**



ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ସୋମବାର ବଲାଙ୍ଗୀରରେ ଜଣେ ବ୍ୟକ୍ତିଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାବ୍ୟତୀତ ରାଜ୍ୟରେ ୧୬ଟି ଜିଲାରୁ ୨୮୨ଜଣ ଅଂଶୁଘାତ ରୋଗୀ ଚିକିତ୍ସିତ ହେଉଥିବା ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ଅଂଶୁଘାତ ମୃତ୍ୟୁ ଅଭିଯୋଗ ଆସିଛି। ତେବେ ଏହାର ବିଭିନ୍ନ ପ୍ରକାର ଯାଞ୍ଚ ପ୍ରକ୍ରିୟା ରହିଛି। ସମ୍ପୂର୍ଣ୍ଣ ରିପୋର୍ଟ ଏ ପର୍ଯ୍ୟନ୍ତ ଆସିନାହିଁ। ଏସବୁ ପରେ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଭିତରେ ଘୋଷଣା ହେବ। ଯେପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଶେଷ ହୋଇନାହିଁ ସେପର୍ଯ୍ୟନ୍ତ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇପାରିବ ନାହିଁ। ନିର୍ଦ୍ଦେଶକ କହିଥିଲେ, ଚଳିତବର୍ଷ ଗ୍ରୀଷ୍ମ ଲହରିକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅତି ଜରୁରୀ ନ ଥିଲେ ପଦାକୁ ଖାଲିପାଦରେ ନ ବାହାରିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ସତର୍କତା ଅବଲମ୍ବନ କରିବା ପାଇଁ ଛାପା ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର ଓ ପ୍ରସାର କରାଯାଉଛି। ନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ, ସମ୍ବଲପୁରରେ ସର୍ବାଧିକ ୮୩ ଜଣ ଅଂଶୁଘାତରେ ଅସୁସ୍ଥ ହୋଇଥିବାବେଳେ ଝାରସୁଗୁଡ଼ାରେ ୭୨, ମୟୂରଭଞ୍ଜରେ ୪୨, ବାଲେଶ୍ୱରରେ ୨୪, ସୁବର୍ଣ୍ଣପୁରରେ ୧୭, ଦେବଗଡ଼ରେ ୧୫ ଜଣ ଅସୁସ୍ଥ ହୋଇଛନ୍ତି। ଏହାବାଦ୍ ଗଞ୍ଜାମ, କେନ୍ଦୁଝର ଓ ମାଲକାନଗିରିରେ ଜଣେ ଲେଖାଏ, ନୟାଗଡ଼ରେ ୨, ଅନୁଗୋଳ, ଭଦ୍ରକ, ଯାଜପୁର ଓ ସୁନ୍ଦରଗଡ଼ରେ ୩ ଜଣ ଲେଖାଏ ଏବଂ ଜଗତ୍‌ସିଂହପୁର ଓ ଖୋର୍ଦ୍ଧାରେ ୭ଜଣ ଲେଖାଏ ଅଂଶୁଘାତ ରୋଗୀ ଚିକିତ୍ସିତ ହୋଇଥିବା ରିପୋର୍ଟ ହୋଇଛି। ଗତବର୍ଷ ଝାରସୁଗୁଡ଼ାରେ ଅଂଶୁଘାତଜନିତ ମୃତ୍ୟୁ ଟିକେ ବଢ଼ି ଯାଇଥିଲା। ବାହାର ରାଜ୍ୟର ଡ୍ରାଇଭର ଓ ହେଲ୍‌ପରମାନେ ଅସାବଧାନତା ଯୋଗୁ ଖଣି ଅଞ୍ଚଳରେ ଟ୍ରକ ଭିତରେ ବିଶ୍ରାମ ନେବାବେଳେ ଅଂଶୁଘାତର ସମ୍ମୁଖୀନ ହୋଇଥିଲେ। ଏବେ ସେସବୁ ଅଞ୍ଚଳରେ ବ୍ୟାପକ ଜନସଚେତନତା କରାଯାଉଛି। ସକାଳ ୧୦ଟା ପରେ ଖରାକୁ ନ ବାହାରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଉଛି। ଅତି ଜରୁରୀ ଥିଲେ ଛତା ଓ ମୁଣ୍ଡରେ ଗାମୁଛା ଦେଇ ବାହାରକୁ ବାହାରିବାକୁ ପରାମର୍ଶ ଦିଆଯାଉଛି। ଶୋଷ ସମୟରେ ଓଆର୍‌ଏସ୍ କିମ୍ବା ତୋରାଣି ପିଇବାକୁ ପରାମର୍ଶ ଦିଆଯାଉଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୋଲୋ ଆର୍ଟ ଏକ୍ସିବିଶନ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ଓଡ଼ିଶା ମେଲୋଡି ଆସୋସିଏଶନର ବାର୍ଷିକୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରୀ ଶ୍ରୀ ଆଖଣ୍ଡଳମଣି ବାବା ସେବା ସଂସଦ, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା।
- ୫୭ତମ ବାଣୀଚିତ୍ର ସିନେ ପୁରସ୍କାର, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ବଡ଼ମ୍ବା ଚନ୍ଦନ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବଡ଼ମ୍ବା ଟେନିସ ପଡ଼ିଆସ୍ଥିତ ବୈକୁଣ୍ଠ ସ୍ମୃତି ସଦନ, ସମୟ: ସନ୍ଧ୍ୟା ୭ଟା।
- ଉନବିଂଶତମ ରାମଚରିତ ମାନସ ଓ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଶୁଭାରମ୍ଭ, ସ୍ଥାନ : ଶଙ୍ଖାମେରୀ, କପାପଦା ସାହି, ସମୟ: ସନ୍ଧ୍ୟା ୮ଟା।

## ପୁରୀ
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ସନ୍ଧ୍ୟା ୭ଟା।
- ସ୍ୱରାଜ ଦ୍ୱିତୀୟା ପର୍ବ, ସମବେତ ପ୍ରସାଦସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆଦର୍ଶ ଗ୍ରାମ ନୂଆଗାଁ, ସାକ୍ଷୀଗୋପାଳ, ସମୟ: ରାତି ୮ଟା।

## ବାଲେଶ୍ୱର
- ଷଷ୍ଠ ଜିଲା ପରିଷଦର ସପ୍ତମ ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଟିୟୁସିସି ପକ୍ଷରୁ ଜିଲାସ୍ତରୀୟ କନଭେନସନ୍, ସ୍ଥାନ: ପରିବହନ ଶ୍ରମିକ ଭବନ, ନୂଆବଜାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ କଥାମୃତ ପ୍ରବଚନ ସଭାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଜହତା କଳକୀ ନାରାୟଣ ମଠ, ରୂପସା, ସମୟ: ସନ୍ଧ୍ୟା ୭ଟା।
- ଭାଗବତ କଥାମୃତ ପ୍ରବଚନ ସଭାର ଷଷ୍ଠ ସନ୍ଧ୍ୟା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଚନ୍ଦନ ଯାତ୍ରାର ତୃତୀୟ ସନ୍ଧ୍ୟା, ସ୍ଥାନ: ଭୈରବପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଚନ୍ଦନ ଯାତ୍ରାର ତୃତୀୟ ସନ୍ଧ୍ୟା, ସ୍ଥାନ: ବଛଦା, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଚନ୍ଦନ ଯାତ୍ରାର ତୃତୀୟ ସନ୍ଧ୍ୟା, ସ୍ଥାନ: ମଣ୍ଡଳପୋଖରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ତାଳବନ୍ଧ ପ୍ରକୃତି ଶିବିରର ଶୁଭ ଉଦ୍‌ଘାଟନ, ସ୍ଥାନ:ତାଳବନ୍ଧ ରେଞ୍ଜ ତାଳବନ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ,ସ୍ଥାନ:ମଧୁବନ ଷ୍ଟାଡିୟମ ବାରିପଦା,ସମୟ: ଅପରାହ୍ନ ୪ଟା।
- ରାଧାକୃଷ୍ଣ ମନ୍ଦିରର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପୂଜାର୍ଚ୍ଚନା,ଷୋହଳ ପ୍ରହର ହରିନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: ଘିଆଯୋଡ଼ି(ବମ୍ଭେଛକ) ଝାରପୋଖରିଆ,ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- କଳିଙ୍ଗ ପାରମ୍ପରିକ ଖାଦ୍ୟ ମେଳା, ସ୍ଥାନ: କରୋନେଶନ ପଡ଼ିଆ ଫୁଲବାଣୀ, ସମୟ: ସନ୍ଧ୍ୟା ୭ଟା।

## ଜଗତସିଂହପୁର
- ଜଗନ୍ନାଥ ଲଳିତ କଳା ସଂସଦ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଟକ 'ଏମିତିକା ଜୀବନ ଇଏ' ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପାଖଡ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ବି.ଏନ. ମହାନ୍ତି ଏଣ୍ଡ ଆସୋସିଏଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବ୍ୟାସନଗର ଦୁର୍ଗା କଲୋନୀ ହରେକୃଷ୍ଣ ଭବନ, ସମୟ : ସକାଳ ୮ଟା।

## ନୟାଗଡ଼
- ବିଶ୍ୱ ଶାନ୍ତି ମହାଯଜ୍ଞର ଅୟାମ୍ଭରମ୍ଭ,ସ୍ଥାନ: ବଡଦେଶ ଯଜ୍ଞାନୁଷ୍ଠାନ ଗୋଡିପଡା, ସମୟ: ସକାଳ ୭ଟା ।
- ନୟାଗଡ଼ ବିଧାନସଭାସ୍ତରୀୟ କମିଟି ବୈଠକ, ସ୍ଥାନ ; ଜିଲା ପରିଷଦ ସମ୍ମିଳନୀ କକ୍ଷ, ସ୍ଥାନ: ପୂର୍ବାହ୍ନ ୧୦ଟା୩୦।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୫ତମ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୫ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୫ତମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ୧୫ତମ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୫ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରାର ୧୫ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଜାର୍ସି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୮ଟା ।
- ମାରୱାଡି ଯୁବା ମଞ୍ଚ ଆୟୋଜିତ ମାଗଣା କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର, ସ୍ଥାନ : କ୍ଷେତରାଜପୁର ମାରୱାଡି ଧର୍ମଶାଳା, ସମୟ : ସକାଳ ୮ଟା ।
- ଏକତା ଅନ୍ୱେଷା ଅନୁଷ୍ଠାନ ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ, ସ୍ଥାନ : ମାନେଶ୍ୱର ନିକଟସ୍ଥ ଗୁଲୁଣ୍ଡା ଗ୍ରାମ, ସମୟ ସନ୍ଧ୍ୟା ୬ଟା ୩୦ ।
- ୧୮ତମ ରାମ ଚରିତ ମାନସ ପ୍ରବଚନ, ସ୍ଥାନ : ବରଗାଁ ଗ୍ରାମ ପଞ୍ଚାୟତ ପରିସର, ସମୟ : ରାତି ୭ଟା ।

## ସୁନ୍ଦରଗଡ଼
- ସୁନ୍ଦରଗଡ ସରକାରୀ ନର୍ସିଂ କଲେଜର ବାର୍ଷିକୋତ୍ସବ, ସ୍ଥାନ: ଲୁହୁରାଡିପା ସ୍ଥିତ ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- ମାହେଶ୍ୱରୀ ଶିକ୍ଷାନୁଷ୍ଠାନ ସମୂହର ୧୩ତମ ବାର୍ଷିକୋତ୍ସବ, ସ୍ଥାନ: ଶଙ୍କରା ସ୍ଥିତ ଶିକ୍ଷାନୁଷ୍ଠାନ ପରିସର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଆବାସକି ସଂସ୍କୃତ ପ୍ରବୋଧନ ବର୍ଗର ସମାରୋପ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ), ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ: କଟାପାଲି, ବରଗଡ଼, ସମୟ:ସନ୍ଧ୍ୟା ୭ଟା ୩୦।

## ବୌଦ୍ଧ
- ଚତୁର୍ଥ ଗନ୍ଧରାଡ଼ୀ ଲୋକକଳା ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ନୀଳକଣ୍ଠେଶ୍ୱର ମନ୍ଦିର ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ଟାଣପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

# ଓପିଏସ୍‌ସି ଏବଂ ଓଏସ୍‌ଏସ୍‌ସିରେ ନୂତନ ସଦସ୍ୟ

**■ ଓପିଏସ୍‌ସିକୁ ଉଦୟ ନାରାୟଣ ଓ ମିହିର ପ୍ରସାଦ**

**■ ସ୍ମୃତି, ସୁଧାକର ଓଏସ୍‌ଏସ୍‌ସି ସଦସ୍ୟ ନିଯୁକ୍ତ**

**ଭୁବନେଶ୍ୱର,୧୩।୫(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ରେ ଦୁଇ ନୂତନ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି। ସେଥିମଧ୍ୟରେ ଜଣେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ବର୍ଗର ରହିଥିବାବେଳେ ଆଉ ଜଣେ ସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ।

ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତି ଅନୁଯାୟୀ, ଜନଗଣନା (ଅପରେଶନ) ନିର୍ଦ୍ଦେଶକ ଉଦୟ ନାରାୟଣ ଦାସଙ୍କୁ ଆୟୋଗର ନୂତନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ସେ କାର୍ଯ୍ୟରେ ଯୋଗଦେବା ଦିନଠାରୁ ୬ ବର୍ଷ ନତୁବା ୬୨ ବର୍ଷ ପର୍ଯ୍ୟନ୍ତ ଚାକିରିରେ ରହିପାରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସେହିପରି ପୁରୀସ୍ଥିତ ଏସ୍‌ସିଏସ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ରଙ୍କୁ ମଧ୍ୟ ଓଡ଼ିଶା ଲୋକସେବା ଆୟୋଗର ନୂଆ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ସେ ଚାକିରିରେ ଯୋଗଦେବା ଦିନଠାରୁ ୬ ବର୍ଷ ନତୁବା ୬୨ ବର୍ଷ ଯାଏ ଦାୟିତ୍ୱରେ ରହିବେ ବୋଲି ସରକାରୀ ବିଜ୍ଞପ୍ତିରେ କୁହାଯାଇଛି।

ଅନ୍ୟପକ୍ଷରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅବସରପ୍ରାପ୍ତ ଆଇଏଏସ୍ ସୁଧାକର ବୁର୍ଗୀ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂଲିଶ ପ୍ରଫେସର ସ୍ମୃତି ଦାସଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନ (ଓଏସ୍‌ଏସ୍‌ସି)ର ନୂତନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ନବନିଯୁକ୍ତ ସଦସ୍ୟମାନେ ଆୟୋଗରେ କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ୫ ବର୍ଷ ନତୁବା ୬୫ ବର୍ଷ ପର୍ଯ୍ୟନ୍ତ ଚାକିରିରେ ରହିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

# ଛତିଆରେ ବିସ୍ଫୋରଣ: ୨ ମୃତ, ଜଣେ ଗୁରୁତର

**■ ବୋମା କି ଡିନାମାଇଟ ସ୍ପଷ୍ଟ ହୋଇନାହିଁ**

**■ ପୋଲିସର ତଦନ୍ତ ଆରମ୍ଭ**

**ଚଣ୍ଡିଖୋଲ/ଛତିଆ,୧୩/୫ (ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ)**

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ଛତିଆଠାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ଏକ ବିସ୍ଫୋରଣ ଘଟିଛି। ଏଥିରେ ୨ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ଦେଉଳକୁର ଗ୍ରାମର ରାମ ପିଙ୍ଗୁଆ(୩୮), ଚଣ୍ଡିତଳ ଗ୍ରାମର ମଣ୍ଟୁ ପାତ୍ର(୩୫)। ଗୁରୁତର ବ୍ୟକ୍ତି ଜଣଙ୍କ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗୁଣ୍ଡୁଣୀ ଗ୍ରାମର ନେପାଳି ପୂର୍ତ୍ତି(୨୮)। ଘଟଣା ପରେ ଏସ୍‌ପି ଯଶପ୍ରତାପ ଶ୍ରୀମଲ, ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସହ ତଦନ୍ତ କରିଛନ୍ତି। ବୈରୀ ଥାନା ଅଧିକାରୀ ଅଂଶୁମାଳା ଦାସ, ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ ଓ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ ପ୍ରମୁଖ ପହଞ୍ଚି ତଦନ୍ତରେ ସହଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଉପରୋକ୍ତ ୩ ବ୍ୟକ୍ତି ଏକ ବାଇକ୍(ଓଡି୦୪ଟି୭୭୪୧)ରେ ଆସୁଥିଲେ। ସେମାନେ ଛତିଆଠାରେ



ବିସ୍ଫୋରଣରେ ଜଳିଯାଇଥିବା ବାଇକ୍।

୧୬ନଂ. ଜାତୀୟ ରାଜପଥ କଡ଼ରେ ଥିବା ଏକ ଚୋରା ବିଦେଶୀ ମଦ ଦୋକାନ ନିକଟରେ ଅଟକିଥିଲେ। ଏହି ସମୟରେ ସେମାନେ ସାଙ୍ଗରେ ଆଣିଥିବା ସାମଗ୍ରୀର ବିସ୍ଫୋରଣ ହୋଇଥିଲା। ଫଳରେ ରାମ ଓ ମଣ୍ଟୁଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ୫୦ ମିଟର ଆକାରରେ ବିଭିନ୍ନ ସ୍ଥାନରେ ପଡ଼ିଥିଲା। ଗୁରୁତର ନେପାଳିଙ୍କୁ ବୈରୀ ପୋଲିସ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଏ ସମ୍ପର୍କରେ ଏସ୍‌ଡିପିଓ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ଏହା ବୋମା କି ଡିନାମାଇଟ୍ ତାହା ସ୍ପଷ୍ଟ ହୋଇନାହିଁ। ଘଟଣାର ତଦନ୍ତ ପରେ କଣ ବିସ୍ଫୋରଣ ହେଲା ଜଣାପଡ଼ିବ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସମ୍ପୃକ୍ତ ୩ ବ୍ୟକ୍ତି ହେଉଛନ୍ତି ମାଛଧରାଳି। ସେମାନେ ମାଛ ମାରିବା ପାଇଁ ସାଥିରେ ଡିନାମାଇଟ ନେଇ ଯାଉଥିଲେ। ବାଇକ୍‌ରେ ପଛରେ ବସିଥିବା ବ୍ୟକ୍ତି ଓହ୍ଲାଇବାବେଳେ ସେ ଅଣ୍ଟାରେ ବାନ୍ଧି ରଖିଥିବା ଡିନାମାଇଟର ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ ବାଇକ୍‌ଟି ମଧ୍ୟ ଅଧା ଜଳିଯାଇଥିଲା। ବିସ୍ଫୋରଣର ଶବ୍ଦ ପ୍ରାୟ ୫୦୦ ମିଟର ପର୍ଯ୍ୟନ୍ତ ଶୁଭିଥିଲା। ବିସ୍ଫୋରଣ ସମୟରେ ସେଠାରେ ୨ଟି ଦୋକାନ ଖୋଲାଥିଲା। ଗ୍ରୀଷ୍ମ ପ୍ରବାହ ଯୋଗୁ ଅନ୍ୟ ସବୁ ଦୋକାନ ବନ୍ଦଥିଲା। ଘଟଣାସ୍ଥଳରେ କେହି ଲୋକ ନ ଥିଲେ, ନଚେତ ବଡ଼ ଦୁର୍ଘଟଣା ଘଟିବାର ସମ୍ଭାବନା ଥିଲା।

# ୧୭ ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

**ମାଲକାନଗିରି,୧୩।୫(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ସୁକ୍‌ମା ଜିଲା ପୋଲିସ ନିକଟରେ ମଙ୍ଗଳବାର ୧୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ଓ ପୁରୁଷ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୫ ମହିଳା ଓ ୩ ପୁରୁଷଙ୍କ ଉପରେ ୨ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ତେବେ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା, ବହୁ ପୋଲିସ ଗୁଳିରେ ନିହତ ହେବା ଫଳରେ ସଂଗଠନ ଦିନକୁ ଦିନ ଭୁଶୁଡ଼ି ଯାଉଥିବା, ଛତିଶଗଡ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଥିବାରୁ ଏଥିରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବା ସହ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସୁକ୍‌ମା ପୋଲିସ ସୂଚନା ଦେଇଛି।

# ୧୫ରେ ସରିବ ପିଏମ୍‌ଏୱାଇ ନେଇ ଆବେଦନ: ମନ୍ତ୍ରୀ

**■ ଆଜି ଅନ୍ତ୍ୟୋଦୟ ଯୋଜନା ତାଲିକା ପ୍ରଦାନର ଶେଷ ଦିନ ■ ରାଜ୍ୟରେ ବଣ୍ଟାଯିବ ୧,୦୦,୯୧୭ ଘର**

**ଭୁବନେଶ୍ୱର,୧୩।୫(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ଲାଗି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପାଖାପାଖି ୩୫ ଲକ୍ଷ ହିତାଧିକାରୀ ଆବେଦନ କରିଛନ୍ତି। ରାଜ୍ୟରେ ପିଏମ୍‌ଏୱାଇ ଲାଗି ଯେଉଁ ଆବେଦନ ପ୍ରକ୍ରିୟା ଚାଲିଛି ତାହା ଆସନ୍ତା ୧୫ରେ ଶେଷ ହୋଇଯିବ। ଏହାପରେ ଆଉ କେହି ପିଏମ୍‌ଏୱାଇ ଲାଗି ଆବେଦନ କରିପାରିବେ ନାହିଁ। ଏଥିଲାଗି ମଝିରେ ଆଉ ଗୋଟିଏ ଦିନ ବାକି ରହିଛି ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ କହିଛନ୍ତି। ମନ୍ତ୍ରୀ ନାଏକ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହାପରେ ପ୍ରତ୍ୟେକ ଘରକୁ ଘର ବୁଲି ଯୋଗ୍ୟ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ। ଏହି ସର୍ଭେ ପ୍ରକ୍ରିୟାର ନାଁ ଆୱାସ୍ ପ୍ଲସ୍ ଟୁ ରଖାଯାଇଛି। ବ୍ଲକ୍‌ସ୍ତରରୁ ଏକ ଟିମ୍ ଗଠନ କରାଯାଇ ଏହି ସର୍ଭେ କରାଯିବ। ରାଜ୍ୟରେ ଏବେ ୩ ଲକ୍ଷ ଘରର ଛାତ ପଡ଼ିସାରିଥିବା ବେଳେ ୫ ଶହ ସ୍ଥାନରେ ରାସ୍ତାକୁ ନେଇ ସମସ୍ୟା ରହିଥିବା ମନ୍ତ୍ରୀ ନାଏକ କହିଛନ୍ତି। ତେବେ ଏହାରି ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ ଅବଧି କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ଥର ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମୋଟ୍ ରାଜ୍ୟରେ ୧ ଲକ୍ଷ ୯୧୭ ଖଣ୍ଡ ଘର ବଣ୍ଟାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ଏଥିଲାଗି ଜିଲାୱାରି କେତେ ଲେଖାଏ ଘର ବଣ୍ଟାଯିବ ତା'ର ମଧ୍ୟ ତାଲିକା ପ୍ରସ୍ତୁତ ସରିଛି। ତେବେ ଆସନ୍ତା ୧୫ ତାରିଖ ସୁଦ୍ଧା ଜିଲାପାଳମାନଙ୍କୁ ନିଜ ଜିଲାର ଟାର୍ଗେଟ ରଖାଯାଇଥିବା ହିତାଧିକାରୀଙ୍କ ତାଲିକା ଦେବାକୁ ଚିଠି କରାଯାଇଛି। ଏଥିଲାଗି ମଧ୍ୟ ମଝିରେ ଆଉ ଗୋଟିଏ ଦିନ ରହିଛି। ଜିଲାପାଳମାନେ ଏହି ତାଲିକା ପ୍ରଦାନକଲେ ତାହା ଅନୁମୋଦନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯିବ ବୋଲି ମଧ୍ୟ ଚିଠିରେ ଉଲ୍ଲେଖ କରାଯାଇଛି। ତେଣୁ ବାସ୍ତବରେ ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନଙ୍କ ଠିକ୍ ତାଲିକା ପ୍ରସ୍ତୁତକରି ୧୫ ତାରିଖ ସୁଦ୍ଧା ଦେବାକୁ ଡେପୁଟି ସେକ୍ରେଟାରି କୁଳମଣି ମିଶ୍ର ସବୁ ଜିଲାପାଳଙ୍କୁ ଗତ ୨୪ ତାରିଖରେ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଏଥର ବି ଝିଅ...

୮୮.୩୯ ପ୍ରତିଶତ ରହିଛି। ଗତବର୍ଷ ତୁଳନାରେ ପାସ୍‌ହାର ସାମାନ୍ୟ ଅଧିକ ରହିଛି। ଗତବର୍ଷ ୮୭.୯୮ପ୍ରତିଶତ ରହିଥିବାବେଳେ ଏଥର ୦.୪୧ ପ୍ରତିଶତ ଅଧିକ ରହିଛି। ତେବେ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଏଥର ବାଜି ମାରି ନେଇଛନ୍ତି। ଛାତ୍ରୀଙ୍କ ପାସ୍‌ହାର ଛାତ୍ରଙ୍କ ତୁଳନାରେ ୫.୯୪% ଅଧିକ ରହିଛି। ଛାତ୍ରୀଙ୍କ ପାସହାର ୯୧.୬୪% ଥିବାବେବେଳେ ଛାତ୍ରଙ୍କ ପାସ୍‌ହାର ୮୫.୭୦% ରହିଛି। ଦ୍ୱାଦଶରେ ୨୪,୮୬୭ ପରୀକ୍ଷାର୍ଥୀ ୯୫%ରୁ ଅଧିକ ନମ୍ବର ରଖିଥିବାବେଳେ ୧ଲକ୍ଷ ୧୧ହଜାର ୫୪୪ଜଣ ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଦ୍ୱାଦଶ ପାସ୍ ହାରରେ ବିଜୟୱାଡ଼ା ୯୯.୬୦ ମାର୍କ ରଖି ପ୍ରଥମ ସ୍ଥାନରେ ରହିଛି। ଦ୍ୱିତୀୟ ସ୍ଥାନରେ କେରଳ ତ୍ରିଭେନ୍ଦ୍ରମ୍ ରିଜିଅନର ପାସହାର ୯୯.୩୨% ରହିଥିବା ବେଳେ ତୃତୀୟ ସ୍ଥାନରେ ଚେନ୍ନାଇ ରିଜିଅନ୍ ୯୭.୩୯% ରହିଛି। ତେବେ ୧୧ଶ ସ୍ଥାନରେ ଭୁବନେଶ୍ୱର ରିଜିଅନ ଥିବାବେଳେ ଏହାର ପାସ୍‌ହାର ୮୩.୬୪% ରହିଛି। ଜବାହର ନବୋଦୟ ବିଦ୍ୟାଳୟରେ ୯୯.୨୯ ପ୍ରତିଶତ ପାସ୍‌ହାର ରହିଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟରେ ୯୯.୦୫ ପ୍ରତିଶତ ପାସ୍‌ହାର ରହିଛି।

## ଲକ୍ଷ୍ମଣରେଖା ଡେଇଁଲେ...

ସେନା ପାକିସ୍ତାନର ଗର୍ବ ଭାଙ୍ଗିବାରେ ସମର୍ଥ ହୋଇଥିଲା। ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନରେ ଥିବା ୯ ଆତଙ୍କବାଦୀ ଭିତ୍ତିଭୂମି ଏବଂ ୮ ସାମରିକ ସ୍ଥଳ ଧ୍ୱଂସ ହୋଇଥିଲା। ଆପଣମାନେ ଯାହା କରିଛନ୍ତି, ତାହା ଅଦ୍ଭୁତ, ଅକଳ୍ପନୀୟ ଏବଂ ଅଭୂତପୂର୍ବ ବୋଲି ପ୍ରଧାନମନ୍ତ୍ରୀ ସେନାକୁ କହିଛନ୍ତି।

ପାକିସ୍ତାନ ସୀମାଠାରୁ ୧୦୦ କି.ମି. ଦୂରରେ ଆଦମ୍‌ପୁର ଏୟାରବେସ୍ ଅବସ୍ଥିତ। ସେଠାରେ ମୁତୟନ ଏସ୍-୪୦୦ ମିଶାଇଲ୍ ଲଞ୍ଚରକୁ ଧ୍ୱଂସ କରିଥିବା ନେଇ ପାକିସ୍ତାନ ଦାବି କରୁଥିବାବେଳେ ଭାରତ ଏହାକୁ ଖଣ୍ଡନ କରିଥିଲା। ପ୍ରଧାନମନ୍ତ୍ରୀ ସେହିଠାରୁ ପାକିସ୍ତାନକୁ ଚେତାବନୀ ଦେଇ କହିଛନ୍ତି, 'ଅପରେଶନ ସିନ୍ଦୂର' ଏବେ ପାକିସ୍ତାନ ପାଇଁ ଏକ ସ୍ପଷ୍ଟ ଲକ୍ଷ୍ମଣରେଖା ଟାଣିଛି। ଭାରତୀୟ ସେନା କେବଳ ଆତଙ୍କବାଦୀଙ୍କୁ ନୁହେଁ, ଏହାର ସମର୍ଥନକାରୀ ପ୍ରତିପକ୍ଷ ସେନାକୁ ମଧ୍ୟ ଧୂଳି ଚଟାଇଛି। ପାକିସ୍ତାନୀ ସେନାକୁ ଆମେ ଦେଖାଇଦେଇଛୁ ଯେ ସେଠାରେ ଆଉ କୌଣସି ସ୍ଥାନ ବାକି ନାହିଁ, ଯେଉଁଠି ଆତଙ୍କବାଦୀମାନେ ଶାନ୍ତିରେ ବସି ନିଃଶ୍ୱାସ ମାରିପାରିବେ। ସୀମାପାର ଆତଙ୍କବାଦ ବିରୋଧରେ ଭାରତର ନୀତି ହେଲା, ଆମେ ଘରେ ପଶି ମାରିବୁ ଏବଂ ବଞ୍ଚିବାର କୌଣସି ସୁଯୋଗ ଦେବୁନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ମଙ୍ଗଳବାର ସକାଳେ ଅଘୋଷିତ ଭାବେ ଆଦମପୁର ବେସ୍‌ରେ ପହଞ୍ଚିବାବେଳେ 'ଭାରତ ମାତା କି ଜୟ' ସ୍ଲୋଗାନ ଦେଉଥିବା ବାୟୁସେନା ଯବାନମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆପଣମାନଙ୍କ ବୀରତ୍ୱ ଇତିହାସରେ ସବୁଦିନ ପାଇଁ ଲିପିବଦ୍ଧ ହୋଇ ରହିବ। ସ୍ଥଳସେନା, ବାୟୁସେନା ଏବଂ ନୌସେନା ଯବାନମାନଙ୍କୁ ସାଲ୍ୟୁଟ୍ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ସୋମବାର ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧନ କରି କହିଥିଲେ, ଅପରେଶନ ସିନ୍ଦୂର ଏବେ ଆତଙ୍କବାଦ ବିରୋଧରେ ଦେଶର ନୂଆ ନୀତି। ଆତଙ୍କବାଦ ବିରୋଧରେ ଭାରତର ଲକ୍ଷ୍ମଣରେଖା ଏବେ ସ୍ଫଟିକ ଭଳି ସ୍ପଷ୍ଟ। ଯଦି ଆଉ ଏକ ଆତଙ୍କବାଦୀ ଆକ୍ରମଣ ହୁଏ, ଭାରତ ଏହାର ଉପଯୁକ୍ତ ଜବାବ ଦେବ। ପୂର୍ବର ସର୍ଜିକାଲ ଷ୍ଟ୍ରାଇକ୍, ଏୟାରଷ୍ଟ୍ରାଇକ୍ ଏବଂ ବର୍ତ୍ତମାନର ଅପରେଶନ ସିନ୍ଦୂର ମାଧ୍ୟମରେ ଆମେ ଏହା ସ୍ପଷ୍ଟ କରିଦେଇଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ସହ ଭୁଲ୍ ବୁଝାମଣାରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ, ଅନ୍ୟଥା କ୍ଷତିରେ ପଡ଼ିପାରନ୍ତି। କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ଅନୁରୋଧରେ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ବୃଷ** ସାମାଜିକ ସ୍ତରରେ ଭଲ କଥା କହିଲେ ମଧ ଅନ୍ୟମାନେ ଭୁଲ୍ ବୁଝିବେ। ରୋହିଣୀ ନକ୍ଷତ୍ରର ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ବିଭିନ୍ନ ସମସ୍ୟା ମଧ୍ୟରେ ମନରେ ସବୁବେଳେ ଟେନ୍‌ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢ଼ାଇ ଦେବ।

**ମିଥୁନ** ମୃଗଶିରା ନକ୍ଷତ୍ର ଋଣ ପରିଶୋଧ ସକାଶେ ବ୍ୟଗ୍ରତା ପ୍ରକାଶ ପାଇବ। ଜଣେ ବନ୍ଧୁ ଆଜି ମାର୍ଗଦର୍ଶକ ସାଜି ପାରନ୍ତି। କର୍ମକ୍ଷେତ୍ରରେ, ବ୍ୟବସାୟରେ,ପାରିବାରିକ ସମସ୍ୟା ସମାଧାନରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ଦୁର୍ଭାବନା ସୃଷ୍ଟି ହେବ। ସାଧାରଣ କଥାକୁ ବଡ଼ କରି ସହକର୍ମୀ କଳହର ମାତ୍ରାକୁ ବଢ଼ାଇବେ। ଅବଶ୍ୟ ପରକ୍ଷଣରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ଅଶ୍ଳେଷା ନକ୍ଷତ୍ରର ଅନ୍ୟକୁ ଆପଣାର କରିବାରେ ପ୍ରଲୋଭନ ଓ କୌଶଳ କର୍ମକ୍ଷେତ୍ରରେ ସାହାଯ୍ୟ କରିବ।

**ସିଂହ** ସମସ୍ୟା ଲାଗି ରହିଥିଲେ ମଧ ମନରେ ସାହସ ବାନ୍ଧି କାମ ଆରମ୍ଭ କରିପାରିଲେ ସଫଳତା ପାଇବେ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ତଥାପି ଏକା ସଙ୍ଗରେ ବହୁତ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଅର୍ଥ ଲାଭ ଖୋଜୁଥିବା ସଙ୍ଗକୁ ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ଅଫିସରେ ମତାନ୍ତରରୁ ବିତର୍କ ଆଶଙ୍କା ରହିଛି। ଗୃହ ସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିବେ। ବିବାଦ ଓ ପରିବହନରେ କଳହ ପ୍ରଭୃତି ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଚିତ୍ରା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତି ସୃଷ୍ଟି ହୋଇପାରେ।

**ତୁଳା** ଅଧିକାଂଶ ସମୟ ମନ ଅସ୍ଥିର ରହିବାରୁ ପରିବାର ଭିତରେ ସାଧାରଣ କଥାରୁ ଝଡ଼ ଉଠିପାରେ। ବିଶାଖା ନକ୍ଷତ୍ର କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଆଜି ଘରର ବରାଦ ଅନୁସାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା** ଅଭାବ ଦୂରେଇବାର ପ୍ରୟାସ କଲେ ମଧ କରଜ କରି ଆବଶ୍ୟକତା ଚଳାଇ ନେବେ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମସ୍ୟା ଦେଖାଦେବ, କିନ୍ତୁ କିଛି ଅସୁବିଧା ହେବନି। କିନ୍ତୁ ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିପାରେ। ଅନୁରାଧା ନକ୍ଷତ୍ର ବକେୟା ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ।

**ଧନୁ** ମୂଳା ନକ୍ଷତ୍ର ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତର ଦେଇ ଚଳିବା ପାଇଁ ବାଧ ହୋଇପାରନ୍ତି। ମନ ଭଲ ନ ଥିବା କାରଣରୁ କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଅଘାତ ଦେଇପାରେ। ପରିବାରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସୀ ରହିବେ।

**ମକର** ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରୁ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ବନ୍ଧୁଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଧନିଷ୍ଠା ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିପାରନ୍ତି, ଏଣୁ ସତର୍କ ରହିବା ଭଲ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ତାହା ଘାତପ୍ରତିଘାତ ମଧ ଦେଇ ସମ୍ପନ୍ନ ହେବାର ସମ୍ଭାବନା ରହିଛି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଶତଭିଷା ନକ୍ଷତ୍ରର ଆଜି ରପ୍ତାନି ବାଣିଜ୍ୟ, ପରିବହନ ଓ ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ।

**ମୀନ** ଆଜିର କର୍ମକ୍ଷେତ୍ରରେ ସହକର୍ମୀଟି ସହ ବିବାଦ ବୃଦ୍ଧି ହୋଇପାରେ। ଉତ୍ତରାଭାଦ୍ର ନକ୍ଷତ୍ର ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମାରେ ଆଶାଜନକ ସୁଫଳ ପାଇବେ। ରାଜନୀତି, ସଂଗଠନ, ଲେଖାପଢ଼ା ଓ ଜମିଜମା କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ।

ଆଜି ମେ ୧୪ ତାରିଖ, ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ବୁଧବାର, ମାସାନ୍ତ। ରାଶିନକ୍ଷତ୍ର- ଦିବା ଘ.୧୧.୪୬ମି. ପର୍ଯ୍ୟନ୍ତ, ଅନୁରାଧା/ବିଛା, ତା'ପରେ ଜ୍ୟେଷ୍ଠା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୫୦ମି. ଗତେ ଘ.୦୮.୨୯ମି. ମଧ୍ୟେ, ଘ.୧୦.୦୬ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୩ମି. ଗତେ ଘ. ୦୧.୨୦ମି. ମଧ୍ୟେ ରାହୁ କାଳ।


ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇବା ପରେ କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି।

# ଉତ୍ସାହ ଭରିଛି ପରୀକ୍ଷାଫଳ

**ଭୁବନେଶ୍ୱର,୧୩ା୫(ସୁଚିସ୍ମିତା ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଓଡ଼ିଶାରେ ଦଶମରେ ପାସହାର ୯୨.୪୦ପ୍ରତିଶତ ଥିବାବେଳେ ଦ୍ୱାଦଶରେ ୭୮.୭୪ ପ୍ରତିଶତ ରହିଛି। ଦଶମରେ ୬୦,୩୧୫ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧,୮୯୩ ଜଣ ଛାତ୍ର ରହିଥିବାବେଳେ ୨୮,୪୨୨ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ମୋଟ ୫୫,୭୩୪ ଜଣ ପରୀକ୍ଷାରେ ପାସ୍ କରିଛନ୍ତି। ୨୬,୫୨୮ଜଣ ଛାତ୍ରୀ ରହିଥିବାବେଳେ ୨୯,୨୦୬ ଜଣ ଛାତ୍ର ରହିଛନ୍ତି। ଚଳିତବର୍ଷ ଦଶମରେ ଛାତ୍ରୀଙ୍କ ପାସ୍‌ହାର ୯୩.୩୪ ପ୍ରତିଶତ ରହିଥିବାବେଳେ ଛାତ୍ରଙ୍କ ପାସ୍‌ହାର ୯୧.୫୭ ପ୍ରତିଶତ ରହିଛି। ସେହିପରି ଦ୍ୱାଦଶରେ ପାସହାର ୭୮.୭୪ପ୍ରତିଶତ ରହିଛି। ଦ୍ୱାଦଶରେ ମୋଟ ୪୦,୭୨୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୨,୨୨୮ ଜଣ ଛାତ୍ର ଓ ୧୮,୫୦୦ ଜଣ ଛାତ୍ରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ମୋଟ ୩୨,୦୭୦ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ୧୪,୯୪୩ଜଣ ଛାତ୍ରୀ ଓ ୧୭,୧୨୭ଜଣ ଛାତ୍ର ରହିଛନ୍ତି। ଦ୍ୱାଦଶରେ ଛାତ୍ରୀଙ୍କ ପାସ୍ ହାର ୮୦.୭୭ ପ୍ରତିଶତ ରହିଥିବା ବେଳେ ଛାତ୍ରଙ୍କ ପାସ ହାର ୭୭.୦୫ ପ୍ରତିଶତ ରହିଛି। ଚଳିତ ବର୍ଷ ଦୁଇଟି ଯାକ ପରୀକ୍ଷାରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଭଲ ରେଜଲ୍ଟ କରିଛନ୍ତି।


ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଓଡିଏମ୍ ସ୍କୁଲର ଛାତ୍ରୀଛାତ୍ର।

## କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଶତପ୍ରତିଶତ ସଫଳତା

**ଭୁବନେଶ୍ୱର,୧୩ା୫(ସୁଚିସ୍ମିତା ସାହୁ)**

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ କିଟ ଇଣ୍ଟରନ୍ୟାଶନାଲ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିଟ୍‌ରେ ଦଶମରେ ୪୦ ପ୍ରତିଶତ ଏବଂ ଦ୍ୱାଦଶରେ ୫୦ ପ୍ରତିଶତ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ଦ୍ୱାଦଶରେ ତ୍ରିଶା ରଥ କଳାରେ ସର୍ବାଧିକ ୯୯.୪ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହେବା ସହ ଆଞ୍ଚଳିକ ଟପ୍ପର ହୋଇଛନ୍ତି। ସେହିପରି ହଂସ ଦାରୁକା ବିଜ୍ଞାନରେ ସର୍ବାଧିକ ୯୮.୮ ପ୍ରତିଶତ ଏବଂ ବାଣିଜ୍ୟରେ ଦୀପ୍ତି ସାହୁ ସର୍ବାଧିକ ୯୮.୬ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସ୍କୁଲର ଉଶ୍ୱସ୍ତି ଉବିକା ପାଇଶାଣୀ ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି ।


ଟିଏସ୍‌ଜି ଗୁରୁକୁଳ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି


ବିଜେଇଏମ୍ ସ୍କୁଲରେ ଛାତ୍ରୀଛାତ୍ରମାନେ ପରୀକ୍ଷାଫଳକୁ ଅପେକ୍ଷା କରିଛନ୍ତି।

## ସେନ୍ ଗ୍ଲୋବର ଶତ ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

କିଟ ଇଣ୍ଟରନ୍ୟାଶନାଲ ସ୍କୁଲର ସ୍ପେସିଆଲ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନେ ଭଲ ପ୍ରଦର୍ଶନ କରିଛନ୍ତି। ସେନ୍ ଗ୍ଲୋବର ୪ଜଣ ଛାତ୍ର ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବାବେଳେ ଜଣେ ଛାତ୍ର ୯୫ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ସେନ ଗ୍ଲୋବର ଛାତ୍ରୀଛାତ୍ର ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଏଥିରେ ୭ଜଣ ଛାତ୍ରୀଛାତ୍ର ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ଜଣେ ୮୭ ପ୍ରତିଶତ ନମ୍ବର ରଖିଛନ୍ତି। ସ୍କୁଲର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


କଟକ ନଖରାସ୍ଥିତ ଡିପିଏସ୍ କଳିଙ୍ଗା କୃତୀ ଛାତ୍ରୀଛାତ୍ର।


ଭୁବନେଶ୍ୱର ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲର କୃତୀ ଛାତ୍ରୀଛାତ୍ର।

# କୃତୀ ଛାତ୍ରୀଛାତ୍ରଙ୍କ ମୁହଁରୁ...

### ଇଞ୍ଜିନିୟରିଂ ପଢ଼ିବାକୁ ଲକ୍ଷ୍ୟ



ଦଶମ ପରୀକ୍ଷାରେ ୯୯.୬% ନମ୍ବର ରଖିଛି। ଏହି ସଫଳତା ପାଇଁ ମୁଁ କଠିନ ପରିଶ୍ରମ କରିଥିଲି। ପ୍ରତିଦିନ ୫ରୁ ୬ଘଣ୍ଟା ପଢୁଥିଲି। ଏଥିପାଇଁ ଘରଲୋକ ବହୁତ ସହଯୋଗ କରିଥିଲେ। ଏବେ ଜେଇଇ ପାଇଁ ପ୍ରସ୍ତୁତ ହେଉଛି। ଆଗକୁ ଇଞ୍ଜିନିୟରିଂ ପଢିବା ନିମନ୍ତେ ଯୋଜନା ରଖିଛି।

**–ସୋମେଶ ପ୍ରଧାନ, ବିଜେଇଏମ୍ ସ୍କୁଲ,ଭୁବନେଶ୍ୱର**

### ମାଇକ୍ରୋବାୟୋଲୋଜିରେ ରିସର୍ଚ୍ଚ କରିବି



ଦଶମ ପରୀକ୍ଷାରେ ୯୮.୪% ନମ୍ବର ରଖିଛି। ଏହି ପରୀକ୍ଷାଫଳ ଭବିଷ୍ୟତର ପାଠପଢ଼ା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। ତେଣୁ ଏହାକୁ ଗୁରୁତ୍ୱର ସହିତ ନେଇ ପଢ଼ାପଢ଼ି କରୁଥିଲି। ଆଗକୁ ମାଇକ୍ରୋବାୟୋଲୋଜି କ୍ଷେତ୍ରରେ ରିସର୍ଚ୍ଚ କରିବାକୁ ଯୋଜନା କରିଛି।

**–ଈଶାନ୍ ଦାସ, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର**

### ଆଶାନୁରୂପକ ଫଳ ମିଳିଛି



–ପରିଶ୍ରମ ଅନୁଯାୟୀ ମୋତେ ଆଶାନୁରୂପକ ଫଳ ମିଳିଛି। ପରୀକ୍ଷାରେ ୯୮.୮% ନମ୍ବର ରଖିଛି। ବିଶେଷକରି ଏହି ସଫଳତାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଶେଷ ଭୂମିକା ରହିଛି। ଏନ୍‌ସିଇଆର୍‌ଟି ବହି ସହ ଅନ୍ୟ ରେଫରେନ୍ସ ବହି ଅଧ୍ୟୟନ କରିବା ମୋ ପାଇଁ ଏତେବଡ ସଫଳତା ଆଣିଦେଇଛି।

**–ଧୀରଜ ଧାନୁକା (ଦ୍ୱାଦଶ ଶ୍ରେଣୀ, ବାଣିଜ୍ୟ ଛାତ୍ର), ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର**

### ଭବିଷ୍ୟତରେ ସିଭିଲ ସର୍ଭିସ ପାଇଁ ଚେଷ୍ଟା କରିବି



ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ସେଥିପାଇଁ ୯୮.୨% ନମ୍ବର ରଖିଛି। ଏହି ଫଳାଫଳ ଶୁଣିବା ପରେ ମୁଁ ବହୁତ ଖୁସି। ମନରେ ଟିକେ ଡର ଥିଲା। ଶିକ୍ଷକ ଓ ମୋର ମାତାପିତାଙ୍କ ପ୍ରେରଣା ପାଇଁ ମୁଁ ଏହି ସଫଳତା ପାଇଛି। ଭବିଷ୍ୟତରେ ପଲିଟିକାଲ ସାଇନ୍ସ ପାଠ୍ୟକ୍ରମ ସହିତ ସିଭିଲ ସର୍ଭିସ ପାଇଁ ଚେଷ୍ଟା କରିବି।

**–ଅନୁଷ୍କା ପଣ୍ଡା ( ଦ୍ୱାଦଶ ଶ୍ରେଣୀ, ହ୍ୟୁମାନିଟିଜ୍ ଛାତ୍ରୀ), ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ,ଭୁବନେଶ୍ୱର**

### ଭବିଷ୍ୟତରେ ଇଞ୍ଜିନିୟର ହେବା ପାଇଁ ଆଶା ରଖିଛି



ଦ୍ୱାଦଶ ବୋର୍ଡ ପରୀକ୍ଷା ଫଳାଫଳ ପାଇଁ ମନରେ ଉତ୍ସୁକତା ରହିଥିଲା। ତେଣୁ ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ୯୮% ପ୍ରତିଶତ ମାର୍କ ରଖି ସ୍କୁଲର ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ସ୍କୁଲ ତରଫରୁ ଶିକ୍ଷକମାନେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଥିଲେ। ମୋର ଏହି ସଫଳତାରେ ଶିକ୍ଷକ ଓ ପରିବାରର ସଦସ୍ୟଙ୍କୁ ମୁଁ ଧନ୍ୟବାଦ ଦେବି। ଭବିଷ୍ୟତରେ ଜେଇଇ ଆଡଭାନ୍ସ ପରୀକ୍ଷା ଦେଇ ଇଞ୍ଜିନିୟର ହେବା ପାଇଁ ଆଶା ରଖିଛି।

**–ଏନ୍. ଶ୍ରେୟା ଆମୋଲିକା (ଦ୍ୱାଦଶ ଶ୍ରେଣୀ, ବିଜ୍ଞାନ ଛାତ୍ରୀ), ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର**

### ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି



ବୋର୍ଡ ପରୀକ୍ଷା ପାଇଁ ମୁଁ ଟିକେ ନର୍ଭସ ଥିଲି। ମାତ୍ର ଭଗବାନଙ୍କ ଉପରେ ପୂରା ବିଶ୍ୱାସ ରଖିଥିଲି। ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ଫଳରେ ଆଜି ମୋତେ ୯୯.୨% ନମ୍ବର ମିଳିଛି। ପ୍ରତିଦିନ କ୍ଲାସ୍‌ରେ ରହୁଥିବା ଡାଉଟ୍‌କୁ ଶିକ୍ଷକମାନଙ୍କ ସହିତ ଆଲୋଚନା କରି ସମାଧାନ କରୁଥିଲି। ଫଳରେ ବୋର୍ଡ ପରୀକ୍ଷା ବେଳକୁ ମତେ ଅତ୍ୟଧିକ କଷ୍ଟ କରିବାକୁ ପଡ଼ି ନ ଥିଲା।

**–ଆହାନା ପରିଜା (ଦଶମ ଶ୍ରେଣୀ ଛାତ୍ରୀ), ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ,ଭୁବନେଶ୍ୱର**

### 'ଡାକ୍ତର ହୋଇ ସେବା କରିବି'



ଚଳିତ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ କେନ୍ଦୁଝର ରବୀନ୍ଦ୍ର ବିଦ୍ୟାନିକେତନର ଛାତ୍ରୀ ଶ୍ରେୟା ପଟ୍ଟନାୟକ ୯୬.୨ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେ ବିନା ଟ୍ୟୁଶନରେ ଏହି ସଫଳତା ହାସଲ କରିଥିବାରୁ ବେଶ୍ ଖୁସି ଅଛନ୍ତି। ମେଡ଼ିକାଲ ପଢ଼ି ଜେଜେମା'ଙ୍କ ଭଳି ଡାକ୍ତର ହୋଇ ସମାଜର ଅବହେଳିତ ଲୋକଙ୍କ ସେବା କରିବା ତାଙ୍କ ଇଚ୍ଛା ବୋଲି ସେ କହିଛନ୍ତି। ସଫଳତା ପାଇଁ ମା' ବାପା, ଜେଜେ, ତଥା ବିଦ୍ୟାଳୟର ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ସହପାଠୀଙ୍କ ସହଯୋଗକୁ ଶ୍ରେୟା ଧନ୍ୟବାଦ ଜଣାଇଛନ୍ତି।

**–ଶ୍ରେୟା ପଟ୍ଟନାୟକ, କେନ୍ଦୁଝର ରବୀନ୍ଦ୍ର ବିଦ୍ୟାନିକେତନ**

### ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ



ସ୍କୁଲରେ ଶିକ୍ଷୟିତ୍ରୀଶିକ୍ଷକ ପଢାଇଥିବା ପାଠକୁ ଗୁରୁତ୍ୱ ଦେଇ ପାଠପଢ଼େ। ଦିନକୁ ପ୍ରାୟ ୭ଘଣ୍ଟା ପାଠ ପଢ଼ିଛି। ୯୫ %ରୁ ଅଧିକ ମାର୍କ ଆଶା କରିଥିଲି। ୯୭.୪ % ମାର୍କ ଆସିଥିବାରୁ ବହୁତ ଖୁସି ଲାଗୁଛି। ଆଗାମୀ ଦିନରେ ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛି ଏବଂ ସେହି ଅନୁଯାୟୀ ପ୍ରସ୍ତୁତି କରିବି।

**–ଶ୍ରୁତି ଶତପଥୀ, ଦ୍ୱାଦଶ ଛାତ୍ରୀ, ସିଡିଏ ଡିଏଭି ସ୍କୁଲ, କଟକ**


### ପରୀକ୍ଷା ମାର୍କରେ ଖୁସି



ପାଠପଢା ପାଇଁ ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପରାମର୍ଶ ଓ ନୋଟ୍ସ ଅଧିକ ସହାୟକ ହୋଇଛି। ଘରେ ୮ଘଣ୍ଟା ପ୍ରତ୍ୟେକ ଦିନ ପାଠ ପଢେ। ପରୀକ୍ଷାରେ ଅଧିକ ମାର୍କ ପାଇଁ ଆଶା ରଖିଥିଲି ହେଲେ ଯାହା ମାର୍କ ଅଛି ସେଥିରେ ଖୁସି ଅଛି। ଆଗାମୀ ଦିନରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

**–ଶ୍ରେୟନ ଖୁଣ୍ଟିଆ, ଦ୍ୱାଦଶ ଶ୍ରେଣୀ ଛାତ୍ର, ଏଲଆର୍ ଡିଏଭି, କଟକ**

### ଅଧିକ ନମ୍ବର ରଖିବା ଆଶା ଥିଲା



ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରସ୍ତୁତ କରିଥିବା ନୋଟ୍ସ ପଢ଼ିବା ଦ୍ୱାରା ଏହା ବହୁତ କାମରେ ଆସିଛି। ପରୀକ୍ଷା ପାଇଁ ପ୍ରାୟ ୫ଘଣ୍ଟା ପାଠ ପଢେ। ପରୀକ୍ଷାରେ ଇଂଲିଶ ପେପରରେ ମାର୍କ ସାମାନ୍ୟ କମିବାରୁ ନିରାଶ ହୋଇଛି। ଆଶା ଥିଲା ୯୯ ପ୍ରତିଶତ ଅଧିକ ମାର୍କ ରଖିବି। ଆଗାମୀ ଦିନରେ ଯୁକ୍ତ ୨ ପାଠ ଅଧ୍ୟୟନ କରିବା ପରେ ରିସର୍ଚ୍ଚ କରିବା ଲକ୍ଷ୍ୟ ରହିଛି।

**–ଶ୍ରେୟସ ଷଡ଼ଙ୍ଗୀ, ଦଶମ ଛାତ୍ର, ଏଲଆର ଡିଏଭି ସ୍କୁଲ, କଟକ**

### 'ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବି'



ସିବିଏସ୍‌ଇ ଦଶମ ପରୀକ୍ଷାରେ ୯୯.୪ ପ୍ରତିଶତ ନମ୍ବର ରଖିଛି। ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମର ଫଳ ମିଳିଛି ଏବଂ ଏହି ସଫଳତା ପାଇଁ ବହୁତ ଖୁସି ଅଛି। ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ଲୋକଙ୍କ ସେବା କରିବି। ବିଦ୍ୟାଳୟର ଅଧକ୍ଷ, ଶିକ୍ଷୟିତ୍ରୀ ଶିକ୍ଷକ, ମା' ବାପା ଓ ପରିବାର ଲୋକଙ୍କ ପ୍ରେରଣା, ଆର୍ଶୀବାଦରୁ ଏହି ସଫଳତା ମିଳିଛି। ବାପା ରବୀନ୍ଦ୍ର ମୋହନ ମାଝୀ ଜଣେ ଜୁନିୟର କ୍ଲର୍କ ହୋଇଥିବା ବେଳେ ମୋ ପାଠପଢ଼ା ପାଇଁ ବହୁତ ପରିଶ୍ରମ କରିବା ସହ ମୋତେ ନେଇ ଅନେକ ସ୍ୱପ୍ନ ଦେଖିଛନ୍ତି। ତାଙ୍କ ଉଦ୍ୟମ ଓ ଆଶାକୁ ସଫଳ କରିବା ପାଇଁ ସବୁବେଳେ ଚେଷ୍ଟା ଜାରି ରଖିବି।

**–କାବ୍ୟରଞ୍ଜନ ମାଝୀ, ଛାତ୍ର, ବନ୍ତ ଆଦର୍ଶ ବିଦ୍ୟାଳୟ**

### ଡାକ୍ତର ହେବାକୁ ଲକ୍ଷ୍ୟ



ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ସିବିଏସ୍‌ଇ ଦଶମ ପରୀକ୍ଷାରେ ୯୬.୪ ପ୍ରତିଶତ ନମ୍ବର ରହିଛି। ଶିକ୍ଷୟିତ୍ରୀ ଶିକ୍ଷକ, ମା' ବାପା ଓ ବଡ଼ଭଉଣୀଙ୍କ ପ୍ରେରଣା ଯୋଗୁ ଏହି ସଫଳତା ମିଳିଛି। ବର୍ତ୍ତମାନ ଅଧିକାଂଶ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁ ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଗକୁ ଡାକ୍ତର ହୋଇ ଗରିବ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି। ଘରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିଲେ ମଧ୍ୟ ମୋତେ ପାଠ ପଢ଼ାଇ ଭଲ ମଣିଷ ହେବାକୁ ମା' ବାପା ସବୁବେଳେ ପ୍ରେରଣା ଦେଇଆସୁଛନ୍ତି। ସେମାନଙ୍କ ଆଶା ନିଶ୍ଚୟ ପୂରଣ କରିବି।

**–ଶିବାଦିତ୍ୟ ନାୟକ, ଛାତ୍ର, ଓଲଙ୍ଗ ଆଦର୍ଶ ବିଦ୍ୟାଳୟ, ଭଦ୍ରକ**

ରାଷ୍ଟ୍ରଜାତି, ପରିବାର ଓ ମାନବଜାତି– ଏ ତିନୋଟି ହେଲେ ବିଷ୍ଣୁଙ୍କର ତ୍ରିପାଦ –ବ୍ୟକ୍ତିର ଏକତ୍ୱରୁ ସମଷ୍ଟିର ଏକତ୍ୱ ଆଡେ। ପରିବାର ସମ୍ପନ୍ନ ହୋଇଛି। ରାଷ୍ଟ୍ରଜାତିକୁ ସମ୍ପନ୍ନ କରିବା ପାଇଁ ଆମେ ବର୍ତ୍ତମାନ ସଚେଷ୍ଟ। ମାନବଜାତି ଆଡକୁ ଆମେ ହାତ ପ୍ରସାରିତ କରିଛୁ। ତା'ର ଭିତ୍ତି ଆରମ୍ଭ ହୋଇଯାଇଛି। –ଶ୍ରୀଅରବିନ୍ଦ



# ବିଷାକ୍ତ ସ୍ୱର୍ଶ

ଭାରତରେ ବିଷାକ୍ତ ମଦ ପିଇ ଲୋକଙ୍କ ମୃତ୍ୟୁ ହେବା ଖବର ନିୟମିତ ଶୁଣିବାକୁ ମିଳେ। ଅଧିକାଂଶ କ୍ଷେତ୍ରରେ ଦେଶୀ ମଦ ଅପମିଶ୍ରଣ ମୁଖ୍ୟ କାରଣ ହୋଇଥାଏ। ଏହି ମଦ ପ୍ରସ୍ତୁତ ଭାଟି ଓ ସେଥିରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିଷୟରେ ପ୍ରାୟତଃ ସ୍ଥାନୀୟ ଅଞ୍ଚଳର ପୋଲିସ ସମେତ ଲୋକେ ଜାଣିଥାଆନ୍ତି। ଅନେକ ସମୟରେ ମଦ ବିରୋଧୀ ଆନ୍ଦୋଳନରେ ଏମାନଙ୍କ ସହ ମହିଳାମାନଙ୍କର ଗଣ୍ଡଗୋଳ ଓ ବାଡ଼ିଆପିଟା ମଧ୍ୟ ହୁଏ। କଥା ଗୋଟେ ବଡ଼ ଅଘଟଣ ଯାଏ ନ ଗଲେ ବର୍ଷବର୍ଷ ଧରି ପୋଲିସ ଓ ପ୍ରଶାସନ ଏହାକୁ ଅଣଦେଖା କରିଚାଲନ୍ତି। ମଦମୃତ୍ୟୁ ଘଟଣା ପ୍ରଚାର ହେଲେ କିଛି ଦିନ ପର୍ଯ୍ୟନ୍ତ ଧରପଗଡ଼ ହେବା ପରେ ପୁଣି ଯେଉଁ କଥାକୁ ସେହି କଥା। ସମସ୍ୟା ହେଲା ଅଣସଙ୍ଗଠିତ ମଦ କାରବାର ବହୁ ବଡ଼ ବେପାରରେ ପହଞ୍ଚିଲାଣି। ଏଥିରେ ଆର୍ଥିକ ଲାଭ ବାଣ୍ଟିକୁଣ୍ଟି ସମସ୍ତେ ନେଇଥାଆନ୍ତି। ମଦୁଆ ନିଜ ଜୀବନ ବରବାଦ୍ କରିବା ସହ ପରିବାରକୁ ମଧ୍ୟ ତଳିତଳାନ୍ତ କରିଦେଇ ଥାଆନ୍ତି। ଏହି ଦେଶୀ ମଦ ବେପାର ଉପରେ ସରକାରଙ୍କ ନିୟନ୍ତ୍ରଣ ଆସିବା ଜରୁରୀ। କିନ୍ତୁ ଏଥିରେ ଇଚ୍ଛାଶକ୍ତିର ଘୋର ଅଭାବ ଦେଖାଦେଉଛି। ଏପରିକି ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନକୁ ମଧ୍ୟ କେତେକାଂଶରେ ଦବେଇ ଦିଆଗଲାଣି।

ପଞ୍ଜାବର ଅମୃତସର ଅନ୍ତର୍ଗତ ମାଜିଥା ଅଞ୍ଚଳରେ ୧୨ ମେ'ରେ ବିଷାକ୍ତ ମଦ୍ୟପାନ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ୨୧ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଶୁଣିବାକୁ ମିଳିଛି। ଏମିତି ଦେଖିଲେ ପଞ୍ଜାବରେ ମାଦକଦ୍ରବ୍ୟ ସେବନର ରେକର୍ଡ ରହିଛି। ୨୦୨୨ ଫେବୃଆରୀରେ ଚଣ୍ଡିଗଡ଼ସ୍ଥିତ ପୋଷ୍ଟଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ(ପିଜିଆଇଏମ୍‌ଇଆର୍) ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ, ପଞ୍ଜାବରେ ୨୦ ଲକ୍ଷ ଲୋକ ମଦ୍ୟପାନ କରୁଥିବା ବେଳେ ପ୍ରାୟ ୧୫ ଲକ୍ଷ ତମାଖୁ ସେବନ କରୁଥିଲେ। ତେବେ ଅମୃତସର ମାଜିଥା ଅଞ୍ଚଳରେ ଘଟିଥିବା ଅଘଟଣକୁ ଦେଖି ପୋଲିସ ପକ୍ଷରୁ କରାଯାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ, ସମ୍ପୃକ୍ତ ଅଞ୍ଚଳକୁ ଅନ୍‌ଲାଇନ୍‌ରେ ବହୁ ପରିମାଣରେ ମିଥାନଲ୍ ମଗାଯାଇଥିଲା। ତେଣୁ ମଦ ପ୍ରସ୍ତୁତ ବେଳେ ଭାଗମାପରେ ଏପଟସେପଟ ହେବାରୁ ତାହା ବିଷାକ୍ତ ହୋଇଯାଇଥିବା କୁହାଯାଉଛି। ଅଘଟଣ ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏହାକୁ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ ନୁହେଁ, ବରଂ ହତ୍ୟା ଆଖ୍ୟା ଦେଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଇତିମଧ୍ୟରେ କେତେ ଜଣଙ୍କୁ ଗିରଫ କରାଯାଇଛି। ସେପଟେ ବିରୋଧୀ ଦଳ ବେଆଇନ ମଦ ମାଫିଆଙ୍କୁ ସରକାର ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି ବୋଲି କହିଛନ୍ତି। ସୂଚନା ଦିଆଯାଇପାରେ ଯେ, ୨୦୨୦ ଜୁଲାଇରେ ପଞ୍ଜାବରେ ବିଷାକ୍ତ ମଦ୍ୟପାନ ଯୋଗୁ ୧୨୧ ଜଣଙ୍କ ମୃତ୍ୟୁ ଘଟିଥିଲା।

କେବଳ ପଞ୍ଜାବ ନୁହେଁ, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ଓଡ଼ିଶା, ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ ଆଦି ରାଜ୍ୟରେ ମଦ ମୃତ୍ୟୁ ବିଭୀଷିକା ଅତୀତରେ ଦେଖିବାକୁ ମିଳିଛି। ଚିନ୍ତାର ବିଷୟ ହେଉଛି ଗୁଜରାଟ ରାଜ୍ୟ ଗଠନ ଦିନଠାରୁ ଏହା ଏକ ଡ୍ରାଏ ଷ୍ଟେଟ୍ ବା ମାଦକଦ୍ରବ୍ୟ ବିହୀନ ରାଜ୍ୟର ଶିରପା ଧାରଣ କରିଥିବା ବେଳେ ନିକଟ ଅତୀତକୁ ଦେଖିଲେ ୨୦୦୯ରେ ମଦ ପିଇ ୧୩୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୨୨ରେ ୪୨ ଜଣଙ୍କ ପ୍ରାଣ ଯାଇଥିଲା। ଏଥିରୁ ବୁଝିବାକୁ ହେବ ଯେ ଗୋଟିଏ ରାଜ୍ୟରେ ମଦ ବାରଣ ହୋଇଗଲେ ମଧ୍ୟ ଦେଶୀ ମଦ କାରବାରକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ଏଥିସହ ଗୁଜରାଟ ପୋଲିସର ତଥ୍ୟରୁ ଜଣାପଡ଼ିଛି ଯେ, ୨୦୨୪ରେ ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ୮୨ ଲକ୍ଷରୁ ଊର୍ଦ୍ଧ୍ୱ ଭାରତ ତିଆରି ବିଦେଶୀ ମଦ ବୋତଲ ଜବତ ହୋଇଥିଲା। ହିସାବ କହେ ଯେ, ପ୍ରତି ୪ ସେକେଣ୍ଡରେ ଗୋଟିଏ ମଦ ବୋତଲ ଜବତ ହେଉଥିଲା। କେବଳ ସେତିକି ନୁହେଁ, ମୁନ୍ଦ୍ରା ବନ୍ଦରରୁ ୧୩ ସେପ୍ଟେମ୍ବର ୨୦୨୧ରେ ୨୧ ହଜାର କୋଟି ଟଙ୍କାର ହେରୋଇନ୍ ଜବତ ହୋଇଥିଲା। ଏହାବାଦ୍ ବହୁ ସମୟରେ ଗୁଜରାଟ ଉପକୂଳରୁ ମାଦକଦ୍ରବ୍ୟ ଜବତ ହେବାର ଖବର ମିଳିଥାଏ। ସେହିପରି ୨୦୧୬ରେ ବିହାରକୁ ଡ୍ରାଏ ଷ୍ଟେଟ୍ ଘୋଷଣା କରାଯାଇଥିଲେ ମଧ୍ୟ ସେଠାରେ ମାଦକଦ୍ରବ୍ୟ କାରବାର ବଢ଼ିଥିବା ଦେଖିବାକୁ ମିଳିଛି।

ଦେଶର ବିଭିନ୍ନ ପ୍ରାନ୍ତରେ ଦେଖାଦେଉଥିବା ବିଷାକ୍ତ ମଦମୃତ୍ୟୁ ପଛରେ ଅସାଧୁ ପ୍ରସ୍ତୁତକର୍ତ୍ତା ଓ ବ୍ୟବସାୟୀଙ୍କ ଲାଭଖୋର ମନୋବୃତ୍ତି ରହୁଛି। ଅଧିକ ଅର୍ଥ ରୋଜଗାର ଲକ୍ଷ୍ୟରେ ଏମାନେ ଅପମିଶ୍ରିତ ମଦକୁ ସହରାଞ୍ଚଳ ଉପକଣ୍ଠରେ ଗରିବ ଶ୍ରେଣୀର ଲୋକଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଏହାର ନିୟମିତ ଯାଞ୍ଚ କରୁ ନ ଥିବାରୁ ମଦ ବ୍ୟବସାୟୀମାନେ ଚାହିଦାକୁ ଲକ୍ଷ୍ୟରେ ରଖି ଅପମିଶ୍ରଣ କରିବାରେ ଲାଗୁଛନ୍ତି। କିନ୍ତୁ ଯେତେବେଳେ ଅସ୍ୱାଭାବିକ ସ୍ଥିତି ଉପୁଜୁଛି ପୋଲିସ କାଁଭାଁଙ୍କୁ ଗିରଫ କରି ଦାୟିତ୍ୱ ମୁଣ୍ଡରୁ ଖସାଇ ଦେଉଛି। ସରକାରଙ୍କ ଉପରେ ଚାପ ପଡ଼ିଲେ କମିଶନ ବସାଇବାର ଭେଳିକି ଦେଖାନ୍ତି। କିନ୍ତୁ କମିଶନ ରିପୋର୍ଟ କେତେବେଳେ କେମିତି ବାହାରେ ଓ କେଉଁମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୁଏ ତାହାର କେହି ଆଦିଅନ୍ତ ପାଇ ନ ଥାନ୍ତି।

ଗୋଟିଏ ଦୃଷ୍ଟିରୁ ଦେଖିଲେ ମଦୁଆମାନେ ନିଜ ଇଚ୍ଛାରେ ବିଷ ପିଇବାକୁ ପ୍ରସ୍ତୁତ। ଅନେକ ସମୟରେ ସେମାନେ ତାଙ୍କ ପରିବାର ଓ ସମାଜ ଉପରେ ବୋଝ ପାଲଟି ଥାଆନ୍ତି। କିନ୍ତୁ ସେଇମାନେ ହିଁ ମଦ ବେପାରୀଙ୍କ ପାଇଁ ସମ୍ପତ୍ତି। ଏହି ବେପାରକୁ ସରକାର ଗୁରୁତ୍ୱର ସହ ନିୟନ୍ତ୍ରଣକୁ ନ ଆଣିଲେ କେବଳ ଯେ ଜୀବନ ଯାଉଛି ତାହା ନୁହେଁ, ମଦର ବିଷାକ୍ତ ସ୍ୱର୍ଶ ପରିବାର ସହ ସ୍ଥାନୀୟ ଅର୍ଥନୀତିକୁ ଛାରଖାର କରିଚାଲିଥିବ।

# ଜାତୀୟ ଆବଶ୍ୟକତା: ଭାରତୀୟଙ୍କ ସାଧୁତା



ଡ. ଶରତ ଚନ୍ଦ୍ର ପରିଡ଼ା

ଆଜି ବିଶ୍ୱରେ ଭାରତର ଜାତୀୟ ଚରିତ୍ର ଏକ ଦୋ'ଛକିରେ। ନୀତିନୈତିକତା ଓ ଆଧ୍ୟାତ୍ମିକ ପରମ୍ପରାରେ ସମୃଦ୍ଧ ଭାରତର ସାଂସ୍କୃତିକ ଜୀବନ ବିଡ଼ମ୍ବିତ। ଆଦର୍ଶ କମ୍ ଆଡ଼ମ୍ବର ବେଶି। ଆଚାର କମ୍ ପ୍ରଚାର ବେଶି। ନୀତି କମ୍, ଦୁର୍ନୀତି ବେଶି। ବିଶ୍ୱର ୧୮୦ ଦେଶ ମଧ୍ୟରୁ ସ୍ୱଚ୍ଛତା(ଟ୍ରାନ୍ସପରେନ୍ସି)ରେ ଭାରତ ୮୫ ଓ ଦୁର୍ନୀତିରେ ୯୬ ତମ ସ୍ଥିତିରେ ରହିଛି। ସଚ୍ଚୋଟତା ଆକଳନରେ ଦୁର୍ନୀତିକୁ ବିରୋଧ କରିବାର ସାହସର ଅଭାବ, ସମାଜରେ ଉଚ୍ଚ ନୀଚ ଶ୍ରେଣୀ ସୃଷ୍ଟି, କ୍ଷମତାର ଅପବ୍ୟବହାର, ଦଳିତଙ୍କ ଶୋଷଣ କଷଣ ତଥା ଜନସାଧାରଣଙ୍କ ସଚେତନତାର ଅଭାବ ଆଦି ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ମାପଦଣ୍ଡ ଗ୍ରହଣ କରାଯାଇଥିଲା। ମିଥ୍ୟା, ଛଳନାରେ ବ୍ୟକ୍ତି ଓ ଜାତୀୟ ଜୀବନ ଆଜି ଅଣନିଃଶ୍ୱାସୀ, ଅତିଷ୍ଠ। ସାଧୁତା ସାର୍ବଭୌମିକ ଓ ସାର୍ବଜନୀନ। ଏକାଧିକ ଭଲ/ଉତ୍ତମ/ସକାରାତ୍ମକ ଗୁଣର ସଂହତ ଓ ସନ୍ତୁଳିତ ଆଚରଣ ସାଧୁତାର ପରିଭାଷା। ଏହା କାୟମନୋବାକ୍ୟର ଏକତା ଓ ଅଖଣ୍ଡତା। ଚରିତ୍ରରେ ଥିବା ଦୟା, ଉଦାରତା, ସମାନାନୁଭୂତି, ସହାନୁଭୂତି, ସମ୍ବେଦନା, ସତ୍ୟ, ଧର୍ମ, ନ୍ୟାୟ ଆଦି ସଚ୍ଚୋଟତାର ଭିତ୍ତିଭୂମି। ପରପାଇଁ ଚିନ୍ତା/ଭାବନା ଦ୍ୱାରା ସାଧୁତା ସଞ୍ଚାଳିତ। ବ୍ୟକ୍ତି ନିଜ ପାଇଁ ସାଧୁ ଓ ପରପାଇଁ ଅସାଧୁ। ନାଗରିକର ବ୍ୟକ୍ତିଗତ ସାଧୁତା ଦ୍ୱାରା ଦେଶର ଚରିତ୍ର ନିର୍ମାଣ କରାଯାଇଥାଏ। ଆକବର ବୀରବଲଙ୍କ ପୋଖରୀରେ ରାତିରେ କ୍ଷୀର ଢାଳିବା କାହାଣୀ ଦ୍ୱାରା ରାଜ୍ୟବାସୀଙ୍କ ଅସାଧୁ ପ୍ରକୃତି ବୀରବଲ ପ୍ରମାଣ କରି ଦେଇଥିଲେ। ସର୍ତ୍ତ ଥିଲା– ଅଦେଖାରେ ରାଜ୍ୟବାସୀ ନିର୍ଦ୍ଦିଷ୍ଟ ପୋଖରୀରେ ରାତିରେ କ୍ଷୀର ଢାଳିବେ। ପ୍ରଜା ଭାବିଲେ–ମୁଁ ପାଣି ଢାଳିଲେ ଅନ୍ୟ ଢାଳିଥିବା କ୍ଷୀରରେ ମିଶିଯିବ। କେହି ଜାଣିପାରିବେ ନାହିଁ। ପରିଣାମରେ କ୍ଷୀରପୋଖରୀ ପରିବର୍ତ୍ତେ ରାତି ପାହିଲାବେଳକୁ ଜଳପୋଖରୀ ଦେଖିବାକୁ ମିଳିଥିଲା। ସାଧୁତା ସହିତ ମୁହାଁମୁହିଁ ହୋଇଗଲେ ସ୍ୱାର୍ଥପର ମୁହଁମୋଡ଼ି ଚାଲିଗଲାବେଳେ ନିଃସ୍ୱାର୍ଥପର ତାକୁ ପାଛୋଟି ନିଏ।

ଅସାଧୁତାପ୍ରବଣ ମଣିଷର ପ୍ରବୃତ୍ତି ପ୍ରଦୂଷିତ। ବୃତ୍ତିଧାରୀ, ବ୍ୟବସାୟୀ, ଉଦ୍ୟୋଗୀ ବା ସାଧାରଣ ଜନତା ଦୁର୍ନୀତିଗ୍ରସ୍ତ। ମିଥ୍ୟା ମୂଲ୍ୟବୋଧ ନିଶାରେ ମଣିଷ ମତୁଆଲା। ତୃଷ୍ଣା ଅତୃପ୍ତ। ଅନୀତି କରି ଦଣ୍ଡକୁ ଡରି ଉତ୍କୋଚ ଭରି ମୁକ୍ତି ପାଇବାର ବିଫଳ ପ୍ରୟାସ। ଅଳ୍ପ ବା ବିନା ଶ୍ରମରେ ଧାର୍ଯ୍ୟ ପ୍ରାପ୍ୟଠାରୁ ଅଧିକ ପ୍ରାପ୍ତି ପାଇଁ ଅସାଧୁତା ସହଜ ସରଳ ବାଟ। ମନରେ ଅସରନ୍ତି କାମନା ବାସନାର ବସା। ଧର୍ମନିଷ୍ଠାରେ ଦେଖାଇହେବାର ପରାକାଷ୍ଠା। 'କର୍ମ ଏକା ତା'ର ଜୀବନର ମାନଦଣ୍ଡ'–ଗୋପବନ୍ଧୁଙ୍କ ଏହି ଉକ୍ତି ଉପରେ ବିଶ୍ୱାସ ଦୁର୍ବଳ। ସତ୍ୟ ବିକଳ। ଧର୍ମ ଅଚଳ। ନ୍ୟାୟ କୁଚକ୍ରୀଙ୍କ ଷଡ଼ଯନ୍ତ୍ର କବଳିତ। କିଣାବିକାର ଦ୍ରବ୍ୟ। ସାପଶିଡ଼ିର ଲୁଡୁଖେଳ। ବିଚାରରେ ବିଭ୍ରାଟ। ବିବେକ ବେକହୀନ। ସାହିତ୍ୟିକ ଓ ବୁଦ୍ଧିଜୀବୀଙ୍କ ସ୍ୱାଧୀନ ଚିନ୍ତା ନୀରବତାରେ ଅପହୃତ। ଯୁକ୍ତି ବାଟବଣା। ସାଧୁ ଚିନ୍ତା ଓ ଚେତନା



ଦୈନନ୍ଦିନ ଜୀବନରେ ପଦେ ପଦେ ପ୍ରତିହତ। ଅସାଧୁତା–ଜାଲରେ ସାଧୁତା ମୀନ ପରି ଛଟପଟ। ଉଦାରତା ଆଜି ଚରମ ଉଦାସୀନତା। ମଣିଷ ମଣିଷ ଭିତରେ ପ୍ରୀତି ବଦଳରେ ଭୀତି। ସେବା ଶୋଷଣର ଶୋଷ। ସ୍ୱଦେଶ ବତ୍ସଳତା ଓ ମାତୃଭୂମିର ମମତା ବଦଳରେ ଧନବତ୍ସଳତା, କ୍ଷମତାବତ୍ସଳତା, ନାମଯଶବତ୍ସଳତାର ପ୍ରାବଲ୍ୟ। ଜ୍ଞାନ ପ୍ରତି ବିତୃଷ୍ଣା। ଚରିତ୍ରରେ ପକ୍ଷାଘାତ। ଅସାଧୁତାର ରାଜ୍ୟରେ ସାଧୁତା ନୂଆ ଆଗନ୍ତୁକ। ମଣିଷ ବସ୍ତ୍ର ବଦଳାଇଥାଏ, ସମ୍ପର୍କ ବଦଳାଇଥାଏ ଆଉ ଶେଷରେ ଘର ବଦଳାଇଥାଏ, ତଥାପି ଦୁଃଖୀ ରହିଥାଏ ; କାହିଁକି ନା ନିଜର ଅସାଧୁ ସ୍ୱଭାବ ବଦଳାଇ ନ ଥାଏ।

ଭାରତୀୟ ସଂସ୍କୃତିର ଅନ୍ତରାତ୍ମା କହେ ସାଧୁତା ପ୍ରତ୍ୟେକ ଭାରତୀୟର ମର୍ମ ଓ ଧର୍ମ। ଭାରତୀୟମାନେ ସଚ୍ଚୋଟ ଓ ନ୍ୟାୟପରାୟଣ ହୁଅନ୍ତୁ। ଅନ୍ତରକୁ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ଆତ୍ମବିଶ୍ଳେଷଣ ଲୋଡ଼ା। ସତ୍ୟବିଚାର ସତ୍ୟ ଆଚାରର ଅପେକ୍ଷା ରଖେ। ଅଜ୍ଞାନତା ଅସାଧୁତାର ମାତା। ସାଧୁତା ଜ୍ଞାନ ପୁସ୍ତକର ପ୍ରଥମ ଅଧ୍ୟାୟ। ସାଧୁତା ଅବଲମ୍ବନରେ ଜ୍ଞାନର ଧାରା ପ୍ରବାହିତ ହୁଏ। ବିଚାର ଅନନ୍ତ ଶକ୍ତିଯୁକ୍ତ। ନକାରାତ୍ମକ ପଞ୍ଝାରୁ ସ୍ୱୟଂକୁ ବଦଳାଇବାକୁ ହେବ। ଏହା ସତ ଯେ ସାଧୁତା ଉନ୍ମୁଖ ହେଲାବେଳେ ନାନା ନକାରାତ୍ମକ ଶକ୍ତି ବାଟ ଓଗାଳେ। କାମନା କଣ୍ଟା ସାଜେ। ବାସନା ବାସି ଉଠେ। ଆତ୍ମସ୍ୱାର୍ଥ ଭ୍ରମାତ୍ମକ ନିଷ୍ପତ୍ତି ନିଏ। ଗୋଟିଏ ପକ୍ଷରେ ଅବିଚାର, ଦୁଷ୍ପ୍ରବୃତ୍ତି, ଅନ୍ୟ ପକ୍ଷରେ ସାଧୁତାର ଆହ୍ୱାନ–ଉଭୟଙ୍କ ମଧ୍ୟରେ ଶୀତଳ ଯୁଦ୍ଧ। ସାଧୁତାରେ ଦୃଢ଼ତା ଥିଲେ ଅନ୍ତର୍ଦ୍ୱନ୍ଦ୍ୱରେ ବ୍ୟକ୍ତି ବିଜୟୀ ହୁଅନ୍ତି। ସାଧୁତାରେ ବିମଳ ଆନନ୍ଦ ଓ ଅସାଧୁତାରେ ଆସୁରିକ ଆନନ୍ଦ ମିଳିଥାଏ। ଅସାଧୁତା ଆଚରଣରେ ମାନବ ନିଜକୁ ବ୍ରହ୍ମାଣ୍ଡୀୟ ଚେତନାରୁ ନିଜକୁ ବିଚ୍ଛିନ୍ନ କରି ଦିଏ। ସାଧୁତାର ସ୍ପନ୍ଦନ ବାହାରକୁ ଦେଖା ନ ଗଲେ ମଧ୍ୟ ଜୀବନକୁ ବଞ୍ଚେଇ ରଖିଥାଏ। ଜଣେ ଅନ୍ୟ ପାଇଁ ବଞ୍ଚିଲେ ଅନ୍ୟମାନେ ତାଙ୍କ ପାଇଁ ବଞ୍ଚନ୍ତି। ସାଧୁତା ଏକ ବୃକ୍ଷ ହେଲେ ଈଶ୍ୱରୀୟ ଚିନ୍ତା/ଚେତନା ତାହାର ମାଟି, ସତ୍ସାହସ ବୀଜ, ସତ୍ୟ ଚେର, ଅଖଣ୍ଡତା ଶାଖାପ୍ରଶାଖା, ନ୍ୟାୟପରାୟଣତା ପତ୍ର, ବିବେକ ରସ, ଆନ୍ତରିକତା ଛାଇ, ସେବା ତାହାର ପୁଷ୍ପ ଓ ନିର୍ଲୋଭତା ତାହାର ଫଳ। ପ୍ରତିବଦ୍ଧତା ସୂର୍ଯ୍ୟକିରଣ। ବିପଦ/ସଙ୍କଟ/ଆହ୍ୱାନ ତା'ପାଇଁ ଝଡ଼ବତାସ। ସାଧୁତା ଚେଇଁଲେ ଆତ୍ମସଂଶୋଧନ ଆରମ୍ଭ ହୁଏ। ସେବାର ରୂପ ନିଏ। ନେତା ଜନତା ସତ୍ୟନିଷ୍ଠ ଓ ସଚେତନ ହେଲେ ଦେଶ ସ୍ୱଚ୍ଛ ହେବାରେ ବେଶି ଡେରି ହୁଅନ୍ତା ନାହିଁ।

ସାଧୁତା ଏକ ନୈତିକ ଦିଗ୍‌ନିର୍ଣ୍ଣୟ ଯନ୍ତ୍ର। ବ୍ୟକ୍ତି ଓ ଜାତିର ନିଷ୍ପତ୍ତି ଓ କାର୍ଯ୍ୟକୁ ଆଗକୁ ଯିବାକୁ ବାଟ ଫିଟାଏ। ସାଧୁତା ଏକ ଅଳଙ୍କାର ନୁହେଁ; ଅଙ୍ଗେନିଭା ଅନୁଭୂତି। ମନୋବିକାରର କାରଣ ଥିବା ସତ୍ତ୍ୱେ ଯେଉଁମାନଙ୍କର ମନୋବିକାର ଘଟେ ନାହିଁ, ସେହିମାନେ ହିଁ ପ୍ରକୃତରେ ସାଧୁ/ଧୀର। ସାଧୁତା ପ୍ରତି ପ୍ରତିଶ୍ରୁତିବଦ୍ଧ ହେଲେ ଭୁଲ୍ ବୁଝାମଣା, ସନ୍ଦେହ ଓ ଭୟ ସମାଜରେ ହ୍ରାସ ପାଇଥାଏ। ସାଧୁତା ଏକ ପାରସ୍ପରିକ ଦାୟିତ୍ୱ। ଏକ ଉପହାର ଯାହା ଜଣେ ନିଜକୁ ଓ ଅନ୍ୟକୁ ଭେଟି ଦେଇଥାଏ। ସାଧୁତା ନିଜ ବ୍ୟକ୍ତିତ୍ୱର ସୁରକ୍ଷା କବଚ ଓ ପରପାଇଁ ଆଶୀର୍ବାଦ। ଆସ୍ଥା, ସମ୍ମାନ ଓ ଗଭୀର ଆନ୍ତରିକତାକୁ ଏହା ପାଳନ ପୋଷଣ କରିଥାଏ। ଖୋଲାପଣ ଓ ବିଶ୍ୱାସଯୋଗ୍ୟତାର ସଂସ୍କୃତିକୁ ଆଗକୁ ନିଏ। ଗୋଟିଏ ଭୁଲ୍‌କୁ ରୋକିବାକୁ ଏହା ସବୁଠାରୁ ଦ୍ରୁତ ମାର୍ଗ। ବୁଦ୍ଧିର ମୋହ/ ଜଡ଼ତା ଦୂର କରି ମାନ ବୃଦ୍ଧି କରେ। ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ବିକାଶ ଘଟାଏ।

ସାଧୁତା ଏକ ସାଧନା। ବଡ଼ମାନେ ଆଚରଣ କଲେ ସାନମାନେ ଅନୁପ୍ରାଣିତ ହୁଅନ୍ତି। ସକାରାତ୍ମକ ସମାନ–ଅନୁଭୂତି ଓ ସହ–ଅନୁଭୂତିରୁ ସାଧୁତାର ଅଙ୍କୁରୋଦ୍‌ଗମ। କଳ୍ପନାଶକ୍ତିର ଆଧିକ୍ୟରେ ବିଚାର ଘନୀଭୂତ ହୁଏ। ମନୁଷ୍ୟ ଯେପରି ହେବାକୁ ସଂକଳ୍ପ କରେ, ସେହିପରି ହୋଇଯାଏ। ଯେଉଁମାନଙ୍କର ସ୍ୱପ୍ନ ଓ ସଂକଳ୍ପ, କଳ୍ପନା ଓ ରଚନାରେ ସଂହତିର ଅନ୍ତଃସ୍ରୋତ ପ୍ରବାହିତ, ସେମାନେ ପ୍ରାଣାନ୍ତକ ସଙ୍କଟ ଆସିଲେ ମଧ୍ୟ ନିଜ ପ୍ରକୃତିକୁ ବିକୃତ କରି ନ ଥା'ନ୍ତି। ସାଦାସିଧା ଜୀବନରେ ଉଚ୍ଚ ଚିନ୍ତା ଆପଣେଇବା ସାଧୁର ଧର୍ମ। ସଚ୍ଚୋଟ ହେବା ପାଇଁ ପ୍ରତିଭା/ଜାତି/ସମୟ ଲୋଡ଼ା ନାହିଁ। ଲୋଡ଼ା କେବଳ ସକ୍ରିୟ ଧାର୍ମିକ ଶକ୍ତି ଓ ବିବେକ ଶକ୍ତିର ପ୍ରୟୋଗ। ଆତ୍ମସଂଯମୀ, ଇନ୍ଦ୍ରିୟ–ଲାଳସାରହିତ, ନିଃସ୍ୱାର୍ଥପରାୟଣ ସତ୍ସାହସୀ ମଣିଷ ସାଧୁତା ଆଚରଣ କରିପାରେ। ସାଧୁତା ହେଉଛି ସତ୍ୟ ଚିନ୍ତନର ଅଭ୍ୟାସ। ସଂହତିହୀନ ଅନାଡ଼ି ବ୍ୟକ୍ତି ପ୍ରଥମେ ନିଜକୁ ମିଛ କହେ, ପରେ ଅନ୍ୟକୁ। ସଚ୍ଚୋଟତା ହେଉଛି ସତକୁ ଭଲ ପାଇବା, ସତ୍ୟକୁ ସ୍ୱୀକାର କରିବା ଓ ସତରେ ବଞ୍ଚିବା। ଆମେରିକାର ଲେଖକ ଓ ହାସ୍ୟରସିକ ମାର୍କ ଟ୍ୱେନ୍ ମଣିଷକୁ ଚିହ୍ନାଇ କହନ୍ତି ,''ସବୁ ପଶୁଙ୍କ ମଧ୍ୟରେ ମଣିଷ ଏକମାତ୍ର ବ୍ୟତିକ୍ରମ ଯିଏ ମିଛ କହେ।'' ବିଶ୍ୱାସକୁ କାର୍ଯ୍ୟକାରୀ ନ କରିବା କେବଳ ବୌଦ୍ଧିକ ଆତ୍ମସନ୍ତୁଷ୍ଟି। ସାଧୁତାର ଶୀତଳ ଛାଇରେ ଆତ୍ମଚେତନା ବିଶ୍ୱଚେତନାରେ ସମ୍ପ୍ରସାରିତ ହୁଏ। ଅନ୍ୟକୁ ପ୍ରସନ୍ନ କରିପାରିଲେ ଆତ୍ମପୁରୁଷ ପ୍ରସନ୍ନ ହୁଏ। ସାଧୁତାରେ ଦୃଢ଼ତା ଥିଲେ ଦୁଃସ୍ଥ ନିପୀଡ଼ିତଙ୍କ ପାଇଁ କୋମଳତା ପ୍ରକାଶ ପାଏ। ସାଧୁତା ବ୍ୟକ୍ତିକୁ ଚନ୍ଦନ ଓ ଚନ୍ଦ୍ରଠାରୁ ଅଧିକ ଶୀଳତ ସ୍ୱର୍ଶ ଦେଇଥାଏ। ବେଳେବେଳେ ସାଧୁତା ସହଜ ହୋଇ ନ ଥାଏ। ସାଧନାର କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତୁମେ ଜୀବନରେ ଯାହା ଚାହୁଁଛ, ତାହା ଅନ୍ୟମାନଙ୍କୁ ଦିଅ। ନିଶ୍ଚୟ ଫେରି ପାଇବ। ତାହା ଭଲ ପାଇବା, ସମ୍ମାନ ବା ସାଧୁତା ହୋଇପାରେ। ସାଧୁତା ଯେତେ ଜିତେ ଦୁର୍ନୀତି ପାରେ ନାହିଁ। ଗୋପବନ୍ଧୁଙ୍କ ଭାଷାରେ: ଅନ୍ୟାୟ ଅଧର୍ମ ପାପ ଅତ୍ୟାଚାର/ ମାନେ ଅବଶେଷେ ସତ୍ୟ ପାଖେ ହାର।

ଅବସରପ୍ରାପ୍ତ ଉପାଧ୍ୟକ୍ଷ
ପଟିଆ, ଭୁବନେଶ୍ୱର
ମୋ: ୯୪୩୭୭୭୬୯୦୮

# ଚିରସ୍ରୋତା ନଦୀ ପ୍ରତି ବିପଦ



ସୌଭାଗ୍ୟ ରଞ୍ଜନ ମହାନ୍ତି

ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁ ହିମାଳୟର ହିନ୍ଦୁକୁଶ ରେଜିୟନ (ଏଚ୍‌କେଏଚ୍)ରୁ ଉପର ନଦୀଗୁଡ଼ିକର ଜଳ ଧାରା ପ୍ରତି ଏବେ ବିପଦ ଦେଖାଦେଇଛି। ହିନ୍ଦୁକୁଶ ଅଞ୍ଚଳରୁ ବାହାରିଥିବା ନଦୀଗୁଡ଼ିକ ଚିରସ୍ରୋତା ଭାବେ ପରିଚିତ। ମୌସୁମୀ ଋତୁରେ ବର୍ଷା ଏବଂ ଗ୍ରୀଷ୍ମଋତୁରେ ବରଫ ତରଳିବା ଯୋଗୁ ଏହି ନଦୀଗୁଡ଼ିକରେ ବର୍ଷର ସବୁଦିନେ ଜଳଧାରା ରହିଥିବାରୁ ଏହାକୁ ଚୀରସ୍ରୋତା ନଦୀ ବୋଲି କୁହାଯାଇଥାଏ। ଦି ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ ମାଉଣ୍ଟେନ ଡେଭଲପମେଣ୍ଟ(ଆଇସିଆଇଏମ୍‌ଓଡି)ପକ୍ଷରୁ ନିକଟରେ ପ୍ରକାଶିତ ଏଚ୍‌କେଏଚ୍–୨୦୨୫ ସ୍ନୋ–ଅପଡେଟ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଯେତିକି ଉଦ୍‌ବେଗଜନକ ସେତିକି ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ୨୦୨୦–୨୧ରୁ ୨୦୨୪–୨୫ ମଧ୍ୟରେ ପାଞ୍ଚଟି ଶୀତଋତୁ ମଧ୍ୟରୁ ଚାରିଟିରେ ତୁଷାରପାତ ସ୍ୱାଭାବିକ ସ୍ତରଠାରୁ କମ୍ ରହିଛି। ୨୦୨୪–୨୫ ଶୀତ ଋତୁରେ ସ୍ୱାଭାବିକ ସ୍ତରଠାରୁ ତୁଷାରପାତ ୨୩.୬ ପ୍ରତିଶତ କମ୍ ଥିବା ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଯେତେବେଳେ ଗ୍ରୀଷ୍ମଋତୁରେ ବରଫ ତରଳେ ସେତେବେଳେ ହିନ୍ଦୁକୁଶ ହିମାଳୟରୁ ୧୨ଟି ବଡ଼ ବଡ଼ ନଦୀ ଏକ ଚତୁର୍ଥାଂଶ ଜଳ ପ୍ରଦାନ କରିଥାଏ। ଏହି ନଦୀଗୁଡ଼ିକ ମଧ୍ୟରେ ଗଙ୍ଗା, ଯମୁନା, ସିନ୍ଧୁ, ବ୍ରହ୍ମପୁତ୍ର, ମେକଙ୍ଗ, ଅମୁଦାର୍ଯ୍ୟ, ସାଲ୍ୱିନ ଆଦି ଅନ୍ୟତମ ତଥା ଜଣାଶୁଣା। ତେବେ ଶୀତ ଋତୁରେ ବରଫପାତରେ କ୍ରମାଗତ ଅନିୟମିତତା ଯୋଗୁ ଏହି ନଦୀଗୁଡ଼ିକ ଅବବାହିକାରେ ବସବାସ କରୁଥିବା ୨ ବିଲିୟନ ବା ୨୦୦ କୋଟିରୁ ଅଧିକ ଲୋକ ଭବିଷ୍ୟତରେ ଖରାଦିନେ ଉକ୍ତ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହେବା ରିପୋର୍ଟରେ ଆଇସିଆଇଏମ୍‌ଓଡି ଚେତାବନୀ ଦେଇଛି। କେବଳ ପାନୀୟ ଜଳ ନୁହେଁ, କୃଷି କ୍ଷେତ୍ରରେ ଜଳସେଚନ ଏବଂ ଜଳ ବିଦ୍ୟୁତ ଉତ୍ପାଦନ ଗୁରୁତର ଭାବେ ବାଧାପ୍ରାପ୍ତ ହେବା ନେଇ ରିପୋର୍ଟରେ ଆଶଙ୍କା ପ୍ରକାଶ ପାଇଛି।

ଭାରତରେ ପ୍ରବାହିତ ନଦୀଗୁଡ଼ିକ, ଯେଉଁ ସମସ୍ତ ହିମାଳୟରୁ ବାହାରିଛି, ସେଠାର ଉପର ମୁଣ୍ଡରେ ଚଳିତବର୍ଷ ବରଫପାତ ସ୍ୱାଭାବିକ ତୁଷାରପାତ ୨୩.୬ ପ୍ରତିଶତ କମ୍ ରହିଥିବା ବେଳେ ମେକଙ୍ଗ ଅବବାହିକାରେ ଏହାର ସ୍ୱାଭାବିକ ସ୍ତରଠାରୁ ୫୧.୯ ପ୍ରତିଶତ କମ୍ ରହିଥିବାବେଳେ ଗାଲୱିନ ଅବବାହିକାରେ ୪୮.୩ ପ୍ରତିଶତ କମ୍



ରହିଛି। ସେହିପରି ବ୍ରହ୍ମପୁତ୍ର ଅବବାହିକାରେ ତୁଷାରପାତ ସ୍ୱାଭାବିକ ସ୍ତରଠାରୁ ୨୭.୯ ପ୍ରତିଶତ ହ୍ରାସ ପାଇଛି। କହିବା ବାହୁଲ୍ୟ ଯେ, ଗତ ଦୁଇ ଦଶନ୍ଧି ମଧ୍ୟରେ ଗଙ୍ଗା ଅବବାହିକାରେ ତୁଷାରପାତ ହାର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଏହା ନିଃସନ୍ଦେହ ଯେ, ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅନବରତ ଭାବେ ହିନ୍ଦୁକୁଶ ହିମାଳୟ ରେଜିୟନରେ ତୁଷାରପାତ ହ୍ରାସ ପାଇବାରେ ଲାଗିଛି। ବିଶ୍ୱ ତାପମାତ୍ରା ବୃଦ୍ଧି ପ୍ରଭାବରେ ହିନ୍ଦୁକୁଶ ହିମାଳରେ ମଧ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି ବୋଲି ଏକ ଗବେଷଣାତ୍ମକ ସର୍ଭେ ରିପୋର୍ଟରେ କୁହାଯାଇଛି। ଆଇସିଆଇଏମ୍‌ଓଡି ରିପୋର୍ଟରେ କୁହାଯାଇଛି ଯେ, ପ୍ୟାରିସ ଜଳବାୟୁ ଚୁକ୍ତିନାମାରେ ବିଶ୍ୱତାପନକୁ ୧.୫ଡିଗ୍ରୀ ସେଲସିୟସ୍‌ରେ ସୀମିତ ରଖିବା ପାଇଁ ବିଶ୍ୱ ସମ୍ମିଳନୀ ଘୋଷଣା କରିଛି। ଯଦି ୧.୫ ଡିଗ୍ରୀଠାରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପାଏ, ତେବେ ହିନ୍ଦୁକୁଶ ହିମାଳୟ ଅଞ୍ଚଳରେ ତାପମାତ୍ରା ୦.୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବ ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି। ଆଇସିଆଇଏମ୍‌ଓଡିର ବୈଜ୍ଞାନିକମାନେ ମଧ୍ୟ ସତର୍କ ଦେଇ କହିଛନ୍ତି ଯେ, ଯଦି ଏହି ଧାରା ଜାରି ରହେ, ତେବେ ନଦୀ ଅବବାହିକାରେ ଅଞ୍ଚଳ ଉକ୍ତ ଜଳାଭାବର ସମ୍ମୁଖୀନ ହେବ, ଯାହାର ପରିଣତି ସ୍ୱରୂପ ଭୂତଳ ଜଳ ଉପରେ ନିର୍ଭରଶୀଳତା ବୃଦ୍ଧି ପାଇବା ସହ ମରୁଡ଼ିର ଆଶଙ୍କା ବୃଦ୍ଧି ପାଇବ।

ସରକାର ଓ ଜଳ ସଂସ୍ଥାଗୁଡ଼ିକ ଜଳ ସଞ୍ଚୟ ଯୋଜନା ପ୍ରସ୍ତୁତ କରିବା ସହ ମରୁଡ଼ି ପ୍ରତିକ୍ରିୟାରେ ଉନ୍ନତି ଆଣିବା ଏବଂ ସମ୍ବଳଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଭାବେ ପରିଚାଳନା ପାଇଁ ବୈଜ୍ଞାନିକ ତଥ୍ୟ ବ୍ୟବହାର କରି ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଯେଉଁ ପରାମର୍ଶ ଦେଇଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଏଥିଲାଗି ନୀତି ନିର୍ଦ୍ଧାରକମାନେ ଦୀର୍ଘମିଆଦ ଭିତ୍ତିରେ ସ୍ୱଳ୍ପ ଜଳରେ ଚାଷ ଏବଂ ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ଏଥିସହ ହିମାଳୟ ପାଦଦେଶରେ କୃଷିଜମିକୁ ଜନବସତି ଅଞ୍ଚଳରେ ବଦଳକୁ ବନ୍ଦ କରିବା ଜରୁରୀ। ଏହା ନିଃସନ୍ଦେହ ଯେ, ହିମାଳୟ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ନିୟନ୍ତ୍ରଣ ପାଇଁ ସବୁମତେ ଜରୁରୀ। ଅନ୍ୟଥା ଚୀରସ୍ରୋତା ନଦୀଗୁଡ଼ିକ ଆଗାମୀ ଦିନରେ ଶୁଖିଲା ପଡ଼ିବ।

ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼,
ଭୁବନେଶ୍ୱର
ମୋ: ୭୯୭୮୬୬୬୪୦୩

## ଏଇ ଭାରତରେ

ଏବେ ଜୈବ ଚମଡ଼ା(ବାୟୋ ଲେଦର) ବ୍ୟବହାର କରିପାରିବେ। ବିଶେଷକରି ଟମାଟୋ ବର୍ଜ୍ୟରୁ ଏହା ତିଆରି କରାଯାଉଛି। ୨୬ ବର୍ଷ ବୟସ୍କ ପ୍ରୀତିଶ୍ ମିସ୍ତ୍ରି ଦି ବାୟୋ କମ୍ପାନୀ(ଟିବିସି) ପ୍ରତିଷ୍ଠା କରି ତା' ମାଧ୍ୟମରେ ଏଭଳି ଚମଡ଼ା ପ୍ରସ୍ତୁତ କରୁଛନ୍ତି। ଏହି ବାୟୋ ଲେଦର ନରମ ଓ ଟାଣ ହେଉଛି। ଟମାଟୋରେ ପ୍ରାକୃତିକ ପଲିମର ପେପ୍‌ଟିନ ରହିଥିବାରୁ ରାସାୟନିକ ପ୍ରକ୍ରିୟାକରଣ ସାହାଯ୍ୟରେ ଏହି ଚମଡ଼ା ତିଆରି କରାଯାଉଛି। ପ୍ରୀତିଶ୍ ଥାଡୋମଲ ସାହାଣୀ ଇଞ୍ଜିନିୟରିଂ କଲେଜରୁ ବାୟୋଟେକ୍‌ନୋଲୋଜିରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ପଢ଼ିବା ସମୟରୁ ହିଁ ସେ ଜୈବ ଚମଡ଼ା ତିଆରି ଉପରେ ଗବେଷଣା କରି ୨୦୧୯ରେ ସଫଳତା ପାଇଥିଲେ। ଏବେ ବାୟୋ ଲେଦର ପାଇଁ ସେ ଟମାଟୋ ବର୍ଜ୍ୟ ମହାରାଷ୍ଟ୍ର, ଗୁଜରାଟ ଏବଂ ମଧ୍ୟପ୍ରଦେଶର ବିଭିନ୍ନ ଅଞ୍ଚଳରେ ଥିବା ଫାର୍ମ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ରୁ ସଂଗ୍ରହ କରୁଛନ୍ତି। ସୁରଟସ୍ଥିତ ଏକ କମ୍ପାନୀରେ ପ୍ରତି ମାସରେ ପାଖାପାଖି ୫,୦୦୦ ମିଟର ବାୟୋ ଲେଦର ତିଆରି ହେଉଛି। ଭାରତରେ ବର୍ଷକୁ ୪୪ ମିଲିୟନ ଟନ୍ ଟମାଟୋ ଉତ୍ପାଦନ ହେଉଛି ଓ ଏହାର ୩୦–୩୫ ପ୍ରତିଶତ ନଷ୍ଟ ହୋଇଯାଉଛି। ଯଦି ଏହାକୁ ଜୈବ ଚମଡ଼ା ପ୍ରସ୍ତୁତିରେ ବ୍ୟବହାର କରାଯାଇପାରନ୍ତା, ତେବେ ବହୁସଂଖ୍ୟାରେ ଜୀବ ହତ୍ୟା ହ୍ରାସ ପାଇପାରନ୍ତା ବୋଲି କୁହନ୍ତି ପ୍ରୀତିଶ୍।

## ଚିରନ୍ତନୀ

ଅଳତା ପରେ ରାଜେ ନାଗରା
ଚରମ ଚୁମେ ଚାରୁ ଘାଗରା
ପୃଷ୍ଠ ବେଣୀ ପରେ ସକଳ ବାଣୀ ମରେ
କୁଟିଳ କଟୀ ପୁଣି ମେଖଳା।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | | 7 |
| 2 | | | 6 | | | | | |
| | | | 2 | 8 | | 5 | | 4 |
| | 2 | | | 7 | | | | 3 |
| | | | 5 | | | | | |
| 3 | | | 1 | | | 9 | 7 | |
| | 5 | 9 | | | | | | |
| | 4 | | | | 3 | 8 | 5 | 1 |
| | | 8 | | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 2 | 9 | 7 | 1 | 6 | 4 | 5 |
| 7 | 9 | 6 | 4 | 3 | 5 | 2 | 1 | 8 |
| 1 | 5 | 4 | 8 | 6 | 2 | 7 | 3 | 9 |
| 3 | 6 | 1 | 2 | 5 | 9 | 4 | 8 | 7 |
| 5 | 4 | 7 | 6 | 1 | 8 | 3 | 9 | 2 |
| 2 | 8 | 9 | 3 | 4 | 7 | 1 | 5 | 6 |
| 4 | 7 | 3 | 5 | 8 | 6 | 9 | 2 | 1 |
| 6 | 2 | 5 | 1 | 9 | 4 | 8 | 7 | 3 |
| 9 | 1 | 8 | 7 | 2 | 3 | 5 | 6 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଗଛକଟା ଚାଲିଛି, ଲଗାଯାଉ ନାହିଁ

ମହାଶୟ,

ପ୍ରତିବର୍ଷ ରୌଦ୍ରତାପ ବଢ଼ି ଚାଲିଛି। ୫ ନମ୍ବର ଜାତୀୟ ରାଜପଥ ୪ ଲେନ୍ ହେବା ସମୟରେ ବହୁ ଗଛ କଟାହେଲା। ପୁଣି ୫ ଲେନ୍ ହେଲା ପରେ ଆହୁରି କଟାଗଲା। ଭୁବନେଶ୍ୱର–ପୁରୀ ୪ ଲେନ୍ ରାସ୍ତା ନିର୍ମାଣବେଳେ ସବୁଗଛ କଟା ହୋଇଗଲା। ବାଲେଶ୍ୱରର ଶେରଗଡ଼–ଝରଣାଘାଟି ରାସ୍ତାର ୪ ଲେନ୍ କାର୍ଯ୍ୟ ଚାଲିଛି। ସବୁଗଛ କଟାଗଲା। କୁରୁଡ଼ା ବାଇପାସ୍‌ରୁ ବାଲେଶ୍ୱର ସହର ପୁରୁଣା ସଦର ଥାନା ପର୍ଯ୍ୟନ୍ତ ରାସ୍ତା ୪ ଲେନ୍ ହେଲା। ଏଠାରେ ମଧ୍ୟ ଗଛସବୁ କଟାହେଲା। ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ପଞ୍ଚଲିଙ୍ଗେଶ୍ୱର ମନ୍ଦିରର ଘଞ୍ଚ ଜଙ୍ଗଲରୁ ଅବାଧରେ ଗଛ କଟାଚାଲିଛି। ସଜନାଗଡ଼ର ମା' ଭୁଧାରଚଣ୍ଡୀଙ୍କ ମନ୍ଦିର ନିକଟ ତିନିକୋଣିଆ ଜଙ୍ଗଲରୁ ପ୍ରତ୍ୟହ ଗଛକଟା ଚାଲିଛି। ବାଲେଶ୍ୱରର ଚାନ୍ଦିପୁର, ବଳରାମଗଡ଼ି, କଷାଫଳ, ଚୌମୁଖୀ, ଡଗିରା ବେଳାଭୂମିରୁ ପ୍ରତ୍ୟହ ହଜାର ହଜାର ଝାଉଁଗଛ କଟାଚାଲିଛି, ହେଲେ କୌଣସିଠାରେ ଗଛ ଲଗାଯାଉନାହିଁ।

–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

## ଓଡ଼ିଆ ଭାଷାର ବ୍ୟବହାର କମୁଛି

ଓଡ଼ିଆ ଭାଷା ଓ ଅକ୍ଷର ସବୁଠାରୁ ସୁନ୍ଦର। ଏପରି ଏକ ସୁନ୍ଦର ଭାଷାକୁ ଆମେ ଆମର ମାତୃଭାଷା ଭାବେ ପାଇବା ଅତି ଗର୍ବ ଓ ଗୌରବର ବିଷୟ। ମାତ୍ର ଏବେ ଓଡ଼ିଆ ଭାଷା ଦୁର୍ଗତି ମଧ୍ୟରେ ଗତି କରୁଛି। ଓଡ଼ିଆରେ କେହି କଥାବାର୍ତ୍ତା ହେବାକୁ ଓ ଏପରିକି ଚିଠି ଖଣ୍ଡେ ଲେଖିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି। ଏ କ୍ଷେତ୍ରରେ କାହାରର ଆଗ୍ରହ କି ସାମର୍ଥ୍ୟ ନାହିଁ। ତଥାପି ଯେଉଁମାନେ ଲେଖାଲେଖି କରୁଛନ୍ତି ସେମାନଙ୍କର ଭାଷା ଓ ବ୍ୟାକରଣ ଜ୍ଞାନ ଅଭାବ ପାଇଁ ବିକୃତ ଭାବରେ ବ୍ୟବହାର ହେଉଛି। ତେଣୁ ଓଡ଼ିଆ ଭାଷାର ବ୍ୟବହାର କ୍ରମେ ହ୍ରାସ ପାଇବାରେ ଲାଗିଛି। ଯେକୌଣସି ଭାଷାର ବ୍ୟବହାର କମିଲେ ସେ ଭାଷାର ମୃତ୍ୟୁ ହୁଏ। ବର୍ତ୍ତମାନ ଓଡ଼ିଆ ଭାଷାର ଏପରି ଦୁର୍ଗତି ପାଇଁ ରାଜ୍ୟ ସରକାର ମୁଖ୍ୟତଃ ଦାୟୀ। ଏବେ ସୁଦ୍ଧା ସରକାରୀ କାର୍ଯ୍ୟରେ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁଭଦ୍ରା, ବିଶ୍ୱଜିତଙ୍କ ପରିବାରକୁ ନ୍ୟାୟ ମିଳୁ

## ଜିଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗର ଦାବିପତ୍ର

**ଅନୁଗୋଳ, ୧୩।୫(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଲୋଧାଝରୀ ଗାଁର ସୁଭଦ୍ରା ପଦିଲଙ୍କୁ ଅପହରଣ ଓ ହତ୍ୟା ଏବଂ ତାଳଚେର ବ୍ଲକ କଲିୟରୀ ଥାନା ଦେଉଳବେଡ଼ା ଅଞ୍ଚଳର ବିଶ୍ୱଜିତ ନାଏକଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଅପରାଧୀମାନଙ୍କୁ ପୋଲିସ ଏଯାଏ ଗିରଫ କରିପାରି ନାହିଁ। ତେଣୁ ଉଭୟଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଅନୁଗୋଳ ଜିଲା କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ପ୍ରବୋଧ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏସ୍‌ପି ରାହୁଲ ଜୈନଙ୍କୁ ଏକ ସ୍ମାରକପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି।

ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି, ଦଳିତମାନଙ୍କ ସୁରକ୍ଷା ନିମନ୍ତେ ତାଳଚେର ଏବଂ ଅନୁଗୋଳ ପୋଲିସ ପ୍ରଶାସନ, ଜିଲା ପ୍ରଶାସନ କେତେ ଦାୟିତ୍ୱ ରହିଛି ତାହା ସୁଭଦ୍ରା ଓ ବିଶ୍ୱଜିତ୍‌ଙ୍କ ହତ୍ୟା ଘଟଣାରୁ ଜଣାପଡୁଛି। ୧୭ଦିନ ଅତିକ୍ରମ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉପରୋକ୍ତ ୨ଟି ହତ୍ୟା ଘଟଣାରେ ଅପରାଧୀମାନଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଛି। ତେଣୁ ଜିଲା ପୋଲିସ ପ୍ରଶାସନ ଓ ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ଏଥିସହ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରି ଫାଶୀ ଦେବା, ଉପଯୁକ୍ତ ସମୟରେ ତଦାରଖ ନ କରି ଅବହେଳା କରିଥିବା ସମ୍ପୃକ୍ତ ଥାନା ଅଧିକାରୀମାନଙ୍କୁ ବହିଷ୍କାର, ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ବାବଦରେ ସରକାରଙ୍କ ତରଫରୁ ୫୦ ଲକ୍ଷ ଟଙ୍କା ପ୍ରଦାନ, ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି, ବାସଗୃହ ପ୍ରଦାନ, ତାଳଚେର ରେଳଷ୍ଟେଶନ ଠାରୁ ତାଳଚେର ରୋଡ୍ ରେଳଷ୍ଟେଶନ ରାସ୍ତାକୁ ସ୍ୱତନ୍ତ୍ର ନିର୍ମାଣ କରି ଅତ୍ୟାଧୁନିକ କ୍ୟାମେରା ଲଗାଇବା ବ୍ୟବସ୍ଥା କରିବା, ଯାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ଓ ଗମନାଗମନ ସୁବିଧା ପାଇଁ ସରକାରୀ ବସ ଯୋଗାଇ ଦିଆଯିବା, ରେଳଷ୍ଟେଶନରେ ସମସ୍ତ ଅଟୋ ଓ ଅନ୍ୟ ଭଡ଼ାଗାଡ଼ିକୁ ପଞ୍ଜୀକୃତ କରିବା ଆଦି ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କାନିଧି ବେହେରା, ପିସିସି ସମ୍ପାଦକ ଟିକନ କୁମାର ବେହେରା, ଅନୁଗୋଳ ଜିଲା କଂଗ୍ରେସ କମିଟି ପଛୁଆବର୍ଗ ଅଧ୍ୟକ୍ଷ ପ୍ରବୋଧ କୁମାର ସ୍ୱାଇଁ, ଅନୁଗୋଳ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ନୀଳକଣ୍ଠ ନାଏକ, ଉପସଭାପତି ତପନ ପ୍ରଧାନ, ଏଲ. ମାଣିକ୍ୟପ୍ରଭା, ସଂଗ୍ରାମ ବେହେରା, ହେମନ୍ତ ମହାଲିକ, ରାଜକିଶୋର ସାହୁ, ସତ୍ୟରଞ୍ଜନ ବେହେରା, ସନତ ପ୍ରଧାନ, ରମାକାନ୍ତ ପ୍ରଧାନ, ଅଭିଷେକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଅନୁଗୋଳ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି କଂଗ୍ରେସ ନେତୃବୃନ୍ଦ।

# ଖମାର, ବାଗଡ଼ିଆ ଚନ୍ଦନଯାତ୍ରା ସମ୍ପନ୍ନ



**ଛେଣ୍ଡିପଦା, ୧୩।୫ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଓ ଖମାର ଗ୍ରାମରେ ସୋମବାର ଐତିହାସିକ ଚନ୍ଦନଯାତ୍ରା ଓ ଚାପଖେଳ ସମ୍ପନ୍ନ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ପରମ୍ପରା ଓ ପାରମ୍ପରିକ ପ୍ରଥା ଅନୁଯାୟୀ ଏହା ପାଳିତ ହୋଇଥିଲା। ଗ୍ରାମ ସଭାପତି ନେତ୍ରାନନ୍ଦ ଗଡ଼ନାୟକଙ୍କ ସଭାପତିତ୍ୱରେ ପ୍ରତ୍ୟେକ ସାହିରୁ କରାଯାଇଥିବା ତୋରଣ ଓ କାରୁକାର୍ଯ୍ୟକୁ ବିରାଟ ପାଟପଟୁଆରରେ ସାମିଲ କରାଯାଇଥିବା ବେଳେ ସୁସଜିତ ରଥରେ ରାଧାକୃଷ୍ଣଙ୍କୁ ବସାଇ ଗ୍ରାମ ପରିକ୍ରମା ପରେ ଚନ୍ଦନ ପଡିଆରେ ପହଞ୍ଚିଯାଇଥିଲା। ଏହାପରେ ମନ୍ଦିର ପୋଖରୀରେ ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସମ୍ପାଦକ, ଅନ୍ୟାନ୍ୟ କର୍ମକର୍ତ୍ତା, ଗ୍ରାମ ବେହେରା ବୃନ୍ଦ ଓ ଗ୍ରାମବାସୀଙ୍କ ସହଯୋଗରେ ଯାତ୍ରା ପରିଚାଳନା ହୋଇଥିଲା। ସେହିପରି ବାଗଡ଼ିଆ ଗ୍ରାମ ସଭାପତି ଦୁଃଶାସନ ବେହେରାଙ୍କ ତତ୍ତ୍ୱାବଧାନରେ ରାଧାକୃଷ୍ଣଙ୍କ ଚାପଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଯାତ୍ରାରେ ପ୍ରାୟ ୫୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ୨ ଗ୍ରାମ୍ୟ କମିଟି ପକ୍ଷରୁ ଯାତ୍ରା ପଡିଆକୁ ରଙ୍ଗବେରଙ୍ଗ ଉଜ୍ଜ୍ୱଳ ଆଲୋକରେ ସଜ୍ଜିତ କରିଥିବା ବେଳେ ଅସ୍ଥାୟୀ ଦୋକାନ ବଜାର ଖୋଲାଯାଇଥିଲା। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ଖାମର ଓ ବାଗଡ଼ିଆ ଗ୍ରାମ୍ୟ କମିଟି, ବାଗଡ଼ିଆ ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା କରାଯାଇଥିଲା।

# ବୁଢ଼ାପଙ୍କରେ ବାଦୀପାଲା ମହୋତ୍ସବ

**ସନ୍ତ୍ରୀଛକ, ୧୩।୫(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବାଁରପାଳ ବ୍ଲକ ବଡ଼ପାଟଣା ସାହିରେ ୨ ଦିନ ଧରି ଆୟୋଜିତ ବାଦୀପାଲା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଚିଲିପୁର ଗ୍ରାମର ସୁଭଦ୍ରା ନାୟକ ଏବଂ ନୟାଗଡ଼ ଜିଲା କଣ୍ଟିଲୋ ନୀଳମାଧବର ଗାୟିକା ଉଜ୍ଜ୍ୱଳ ତାରକା ରୁନୁ ମନ୍ତ୍ରୀଙ୍କ ମଧ୍ୟରେ ଏହି ବାଦୀପାଲା କରାଯାଇଥିଲା। ପାଲା ଦେଖିବା ପାଇଁ ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର ବହୁ ପାଲା ପ୍ରେମୀ ଯୋଗଦେଇ ଉତ୍ସାହିତ କରିଥିଲେ । ବଡ଼ପାଟଣା ଗ୍ରାମର ହାଡ଼ିବନ୍ଧୁ ବେହେରା, ସୁଧାକର ବାବା, କନ୍ଦର୍ପ ପରିଡ଼ା, ପ୍ରଦୀପ ନାଥ, ଚଗଲା ବେହେରା, ପ୍ରଶାନ୍ତ ନାଥ, ସନାତନ ଭୂତିଆ, ରୋହିତ ବେହେରା, ପ୍ରାଣବନ୍ଧୁ ତରାଇ, ଲମ୍ବୋଦର ପରିଡ଼ାଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।


ବଡ଼ପାଟଣା ସାହିରେ ବାଦୀପାଲା ଚାଲିଛି।

# ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା


ବଡ଼ଗୁଣ୍ଡୁରି ଗ୍ରାମବାସୀ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

**ପବିତ୍ରନଗର, ୧୩।୫(ନିରୋଜ ପ୍ରଧାନ)**

ଲୋ ଭୋଲଟେଜ ସମସ୍ୟା ଓ ଅଘୋଷିତ ବିଦ୍ୟୁତ୍‌କାଟ ପ୍ରତିବାଦରେ ମଙ୍ଗଳବାର ସକାଳେ କଣିହାଁ ବ୍ଲକ ବଡ଼ଗୁଣ୍ଡୁରି ଗ୍ରାମର ବିଦ୍ୟୁତ୍ ଉପଭୋକ୍ତା ଓ ଗ୍ରାମବାସୀ କଣିହାଁ ସବ୍‌ଷ୍ଟେଶନ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ପୋଲିସ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବା ନେଇ ବିଦ୍ୟୁତ୍ ବିଭାଗ ଅଧିକାରୀ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ। ଗ୍ରାମବାସୀ କହିଛନ୍ତି, ଗ୍ରାମର ପ୍ରଧାନପଡ଼ା ସାହି, ବଡ଼ଦାଣ୍ଡ ସାହି, ବେହେରା ସାହିର ୧୭୦ ପରିବାରଙ୍କ ପାଇଁ ବେଳେ ୧୦୦ କେଭି ଟ୍ରାନ୍ସଫର୍ମର ଲାଗିଛି। ଉକ୍ତ ଟ୍ରାନ୍ସଫର୍ମର ଆବଶ୍ୟକ ବିଦ୍ୟୁତ୍ ଯୋଗାଇ ପାରୁ ନ ଥିବାରୁ ଲୋ ଭୋଲଟେଜ ସମସ୍ୟା ଓ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ୩ବର୍ଷ ହେବ ଟ୍ରାନ୍ସଫର୍ମର ପରିବର୍ତ୍ତନ କରିବାକୁ ଗ୍ରାମବାସୀ ବାରମ୍ବାର ଦାବି କରିଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ।

# ରାସୋଳଠାରେ ପିସିସି ସଭାପତିଙ୍କୁ ସ୍ୱାଗତ

**ରାସୋଳ, ୧୩।୫ (ସରୋଜ ମିଶ୍ର)**


ପିସିସି ସଭାପତିଙ୍କୁ ସ୍ୱାଗତ କରାଯାଇଛି।

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଡାକବଙ୍ଗଳାଠାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ହିନ୍ଦୋଳ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଥିଲା । ତାଙ୍କ ସହିତ ପୂର୍ବତନ ଏମ୍‌ପି ନଗେନ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲା କଂଗ୍ରେସ ସଭାପତି ସୁନିଲ ଦାଶ, ହିନ୍ଦୋଳ କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ପୂର୍ବତନ ବିଧାୟକ ମହେଶ୍ୱର ନାୟକ, ପଠାଣି ନାୟକ, ସାରସ୍ୱତ ମିଶ୍ର, ପରମାନନ୍ଦ ସାହୁ, ରବି ନାରାୟଣ ସାହୁ, ଚନ୍ଦନ ନାୟକ, ସଞ୍ଜୟ ଆଚାର୍ଯ୍ୟ, ମନସୁର ମହମ୍ମଦ ଓ ଦଳୀୟ କର୍ମୀମାନେ ଉପସ୍ଥିତ ରହି ହିନ୍ଦୋଳ ସାଂଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ । ପରେ ହିନ୍ଦୋଳ ହରିହାଟ ଉତ୍ସବ ଅଭିମୁଖେ ଯାତ୍ରା କରିଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-12, ତା.08.05.2025ରିଖ

କାର୍ଯ୍ୟର ନାମ : [illegible]

ଟେଣ୍ଡର ମୂଲ୍ୟ (₹): 80,45,057.50, EMD (₹) : 1,60,900.00

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.05.2025 ରିଖ 1100 ଘଣ୍ଟାରେ।

[illegible] https://www.ireps.gov.in [illegible]

PR-120/O/25-26

# ପାଣି ପାଇଁ ଜାତୀୟ ରାଜପଥ ଅବରୋଧ

**ଢେଙ୍କାନାଳ, ୧୩।୫(ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ୮ନଂ ୱାର୍ଡବାସୀ ଉକ୍ତ ଅଞ୍ଚଳରେ ବ୍ୟାପକ ପାନୀୟଜଳର ଅଭାବକୁ ନେଇ ଏହାର ପ୍ରତିବାଦରେ ମଙ୍ଗଳବାର ସକାଳ ସାଢେ ୮ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ୫୫ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହାନ ଅଟକି ରହିଥିଲା । ଉକ୍ତ ଅଞ୍ଚଳରେ ବସୁଧା ପାନିୟଜଳ ଯୋଜନା କାର୍ଯ୍ୟକାରୀ ହେଉନଥିବା ବେଳେ ଅଞ୍ଚଳରେ ଥିବା ଗୋଟିଏ ନଳକୂପ ଯେଉଁଠିରେ କି ଲୁହଗୁଣ୍ଡ ପାଣି ଆସୁଥିବାରୁ ଏହା ସ୍ୱାସ୍ଥ୍ୟ ଉପଯୋଗୀ ନୁହେଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଥିଲେ । ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ପାଣି ଟିକେ ପାଇଁ ଅଞ୍ଚଳବାସୀ ତହଲ ବିକଳ ହେଉଥିବା ବେଳେ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଏ ସମ୍ପର୍କରେ କର୍ଣ୍ଣପାତ କରିନଥିଲେ । ଏପରିକି ମଙ୍ଗଳବାର ଧାରଣା ସ୍ଥଳକୁ ମଧ୍ୟ ଗ୍ରାମ୍ୟ ଜଳଯୋଗାଣ ବିଭାଗର କୌଣସି ଅଧିକାରୀ ବା କର୍ମଚାରୀ ଆସିନଥିଲେ । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଖବରପାଇ ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସ ଓ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ଘନିଷ୍ଠ ମହନ୍ତ, ସଦର ତହସିଲ ଅତିରିକ୍ତ ତହସିଲଦାର ପ୍ରଦ୍ୟୁମ୍ନ ବେଉରିଆ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ।


ଅଞ୍ଚଳବାସୀଙ୍କୁ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ବୁଝାସୁଝା କରୁଛନ୍ତି।

# ଦଶମରେ ଆଦିତ୍ୟ, ଦ୍ୱାଦଶରେ ଅଶ୍ୱିନ ଟପ୍ପର

**ବନ୍ତଲା, ୧୩।୫(ସୁଶିତ ସାହୁ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଅନୁଗୋଳ ଜିଲା ଚମ୍ପତିମୁଣ୍ଡାସ୍ଥିତ ଅନୁଗୋଳ ଜବାହର ନବୋଦୟ ବିଦ୍ୟାଳୟର ଫଳ ଶତ ପ୍ରତିଶତ ହୋଇଛି। ଦଶମ ଶ୍ରେଣୀରେ ବିଦ୍ୟାଳୟର ମୋଟ ୮୨ ଜଣ ବିଦ୍ୟାର୍ଥୀ


ଆଦିତ୍ୟ ପ୍ରଧାନ


ପ୍ରିଶା ପ୍ରାଞ୍ଜଲ


ଆଶିଷ ଦେହୁରୀ

ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୩୦ ଜଣ ବିଦ୍ୟାର୍ଥୀ ୯୦%ରୁ ଊର୍ଦ୍ଧ୍ୱ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଆଦିତ୍ୟ ପ୍ରସାଦ ପ୍ରଧାନ ୯୭.୮୦% ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଥିବାବେଳେ ପ୍ରିଶା ପ୍ରାଞ୍ଜଲ ୯୬.୮୦% ରଖି ଦ୍ୱିତୀୟ ଏବଂ ଆଶିଷ କୁମାର ଦେହୁରୀ ୯୫.୪% ମାର୍କ ରଖି ତୃତୀୟସ୍ଥାନ ଅଧିକାର କରିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ମୋଟ ୫୯ ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ସମସ୍ତ ବିଦ୍ୟାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ୧୨ ଜଣ ବିଦ୍ୟାର୍ଥୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ଅଶ୍ୱିନ ମହାରଣା ୯୬.୮୦% ମାର୍କ ରଖି ସର୍ବୋଚ୍ଚ ସ୍ଥାନରେ ଥିବାବେଳେ ସ୍ମୃତି ଚନ୍ଦ୍ରମା ତରାଇ ୯୪.୮୦% ମାର୍କ ରଖି ଦ୍ୱିତୀୟ ଓ ସୁମିତ୍ ସତ୍ ଦର୍ଶନ ୯୪.୨% ମାର୍କ ରଖି ତୃତୀୟ ସ୍ଥାନରେ ଅଛନ୍ତି। ସଫଳ ବିଦ୍ୟାର୍ଥୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟବୃନ୍ଦ ତଥା ଅଭିଭାବକ ବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Fresh/Experienced Wanted Dynamic **Sales / Customer Support Engineer** for a leading Organization in BBSR. Dealing with Industrial Product.
**Contact : 9437053367**
Write to - sibashaktielastomerbbsr@gmail.com

**ଡ୍ରାଇଭର ଆବଶ୍ୟକ**
ଅଟୋ/ଟାଟା ଏସିଇ/ବୋଲେରୋ ପିକ୍‌ଅପ୍ ଗାଡ଼ି ପାଇଁ ଏବଂ ଫର୍ଣ୍ଣିଚର, ରଡ୍ ଓ ସିମେଣ୍ଟ ଡିପୋରେ ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଦରକାର। ଭୁବନେଶ୍ୱରରେ ମାଗଣା ରହିବା ଓ ଖାଇବା ବ୍ୟବସ୍ଥା ଅଛି।
- ଯୋଗାଯୋଗ -
7064170280

See Career Appointment on every Wednesday & Saturday

**Current Manpower Requirement**
**@Trupti Enterprises Pvt. Ltd.**
Tata Motors Passenger Car Dealership in BBSR
1. Team Leaders - 5
2. Sales Customer Adviser - 15
3. Tele Callers - 3
4. EMO-Rural outlet Manager - 1
5. Sales Coach-Trainer - 1
6. Drivers - 2
Qualification - Graduate/MBA/Marketing
Experience - 4-5 years in Automobile-Fresher can also apply
Nb - Salary is not a constraint for right candidates.
**Contact : Satyabrata Jena, Mob : 7077770313**

**ଦ.ପୂ. ରେଳପଥ – ଟେଣ୍ଡର**

[illegible] www.ireps.gov.in [illegible]

(PR-150)

# ବଜ୍ରପାତରେ ବାପ-ପୁଅ ମୃତ, ୨ ଗୁରୁତର

**ବଇଣ୍ଡା, ୧୩।୫ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଟକବା ନିକଟ କାକରପାଣି ଗ୍ରାମରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ବର୍ଷା ବେଳେ ବଜ୍ରପାତ ଘଟି ବାଲିଖମଣ ଗ୍ରାମର ପ୍ରଫୁଲ୍ଲ ମାଝୀ ଓ ତାଙ୍କ ପୁଅ ପ୍ରବୀଣ ମାଝୀଙ୍କ ମୃତ୍ୟୁ ହୋଇଛି। ସେହିପରି ଟକବା ଅଞ୍ଚଳର ଅରୁଣ ବେହେରା ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତ ୪ ଜଣ ଖରାଟିଆ ଧାନ ଅମଳ କରି ଘରକୁ ଫେରୁଥିବା ବେଳେ ଅପରାହ୍ନ ୪ଟାରେ ବଜ୍ରପାତ ହୋଇଥିଲା। ଫଳରେ ୪ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ କିଶୋରନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରଫୁଲ୍ଲ ଓ ପ୍ରବୀଣଙ୍କୁ ସନ୍ଧ୍ୟା ୬ଟାରେ ଡାକ୍ତର ମୃତ ଘୋଷଣା କରିଥିଲେ। ହଣ୍ଡପା ପୋଲିସ କିଶୋରନଗର ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi-834 008, Jharkhand, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in** In addition, procurement is also done through GeM portal **https://gem.gov.in**".

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

**ଛେଣ୍ଡିପଦା, ୧୩।୫(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଥାନା ଅଞ୍ଚଳରେ ମଙ୍ଗଳବାର କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି। ବହୁ ପୁରୁଣା ଗଛ ଉପୁଡ଼ି ପଡିଥିବାବେଳେ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ବଗଡ଼ିଆ ବାମନାଳି ଗ୍ରାମର ସୀମା ସାହୁଙ୍କ ଘର ଉପରେ ଏକ ଗଛ ପଡ଼ିଯିବାରୁ କାନ୍ଥ ଭାଙ୍ଗି ଯାଇଛି। ହେଲେ ପରିବାର ଲୋକେ ଘରେ ନ ଥିବାରୁ ଏଥିରୁ ବର୍ତ୍ତି ଯାଇଛନ୍ତି। ଖବରପାଇ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଗଛ କାଟିଥିଲେ। ସେହିପରି କୋଶଳା କୁଦପାଳ ଅଞ୍ଚଳରେ ଝଡ଼ବର୍ଷା ପ୍ରଭାବରେ କୁଦପାଳ ଗାଁର ଦାମ ବେହେରାଙ୍କ ଆଜବେଷ୍ଟସ୍ ଘର ଭାଙ୍ଗି ଘର ଭିତରେ ପାଣି ପଶିବା ସହ ଆସବାବପତ୍ର ନଷ୍ଟ ହୋଇଯାଇଛି। ଦୁର୍ଗାପୁର ଗାଁରେ କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ ପ୍ରବଳ ପବନ ବହିବା ସହ କୁଆପଥର ମାଡ଼ ହୋଇଥିଲା। ଫଳରେ ରାସ୍ତାପାର୍ଶ୍ୱରେ ଥିବା ବହୁ ଗଛ ଭାଙ୍ଗି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବିଦ୍ୟୁତ୍ ତାର ଉପରେ ଗଛ ଓ ଡାଳ ପଡିଯିବାରୁ ସେବା ବ୍ୟାଘାତ ହୋଇଛି।




# ଚାଳକ ଗିରଫ, ବାଇକ୍ ଜବତ

**ବଇଣ୍ଡା, ୧୩।୫(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ପୋଲିସ ସୋମବାର କିଶୋରନଗର ଅଞ୍ଚଳରେ ଗାଡ଼ିମୋଟର ଯାଞ୍ଚ କରିଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡ଼ିକୁ ଅଟକାଇ ଚାଳକଙ୍କ ହେଲମେଟ୍, ଗାଡ଼ି କାଗଜପତ୍ର ସହ ଲାଇସେନ୍ସ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ କିଆକଟା ଥାନା କାଦପଡ଼ା ଅଞ୍ଚଳର ଶାନ୍ତନୁ କୁମାର ବାଘଙ୍କୁ ଗିରଫ କରାଯିବା ସହ ତାଙ୍କ ବାଇକ୍‌କୁ ଜବତ କରାଯାଇଥିଲା।

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664

**SHORT TENDER NOTICE**

NIT No : OCPL/SER-198/2025 — Date : 14/05/2025

Sealed bids in prescribed format are invited from Agency/Supplier/Contractor for the following work :

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Supply and Installation of Fittings & Fixtures, Furniture and other Assets to DAV School at Manoharpur Township, Sarbahal, Sundargarh, Odisha | Rs.1,180/- (Rupees One Thousand One Hundred Eighty only) including GST. | 14/05/2025 | 20/05/2025 | 03:00 PM / 03:30 PM on 28/05/2025 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in

Sd./- Chief Operating Officer

**୮୦ ଲକ୍ଷ ଟଙ୍କାର ବନୀକରଣ ଦୁର୍ନୀତି**

# ଡେପୁଟି ରେଞ୍ଜରଙ୍କ ସମେତ ୫ ଗିରଫ

ଭବାନୀପାଟଣା/ଭୁବନେଶ୍ୱର, (ଉତ୍ତମ କୁମାର ଦାଶ/ ସତ୍ୟଜିତ ରାଉତ) ୧୩।୫



ଡେପୁଟି ରେଞ୍ଜର୍ ସୈରେନ୍ଦ୍ରୀ ବାଗ୍(ବାମରୁ), ଫରେଷ୍ଟର ଦେବରାଜ ସୁନାନି, ଉମେଶ ରାଉତ, ଫରେଷ୍ଟ ଗାର୍ଡ ଅଶୋକ କୁମାର ସାହୁ ଏବଂ ଲଳିତ ନାଏକ।

- ତଦନ୍ତ ଦାୟିତ୍ୱରେ ଭିଜିଲାନ୍ସର ୪ଟି ଟିମ୍
- ୨ ମାସ ତଳେ ଚଢ଼ଉ କରିଥିଲା ଇଡି

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଜୟପାଟଣା ବନାଞ୍ଚଳରେ ବନୀକରଣ ଆଳରେ ହୋଇଥିବା ବ୍ୟାପକ ଦୁର୍ନୀତି ସାମ୍ନାକୁ ଆସିଛି। ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ଦାୟିତ୍ୱରେ ଥିବା ବନ ବିଭାଗର ଅଫିସର ଓ କର୍ମଚାରୀମାନେ ଏହି ଦୁର୍ନୀତି କରିଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ଜାଣିବାକୁ ପାଇଛି। କମ୍ପେନସାଟୋରି ଆଫୋରେଷ୍ଟେଶନ ସ୍କିମ୍ ଜରିଆରେ ଗଛ ଲଗାଇବା ଆଳରେ ୮୦ ଲକ୍ଷ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ମଙ୍ଗଳବାର ଜୟପାଟଣା ବନାଞ୍ଚଳ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର୍ ସୈରେନ୍ଦ୍ରୀ ବାଗ୍‌ଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଅନ୍ୟ ୪ ଅଭିଯୁକ୍ତମାନେ ଫରେଷ୍ଟର ଉମେଶ ରାଉତ, ଦେବରାଜ ସୁନାନି, ଫରେଷ୍ଟ ଗାର୍ଡ ଅଶୋକ କୁମାର ସାହୁ ଏବଂ ଲଳିତ ନାଏକ। ଏ ସମ୍ପର୍କରେ ସୋମବାର କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା (ନଂ.୧୯/୨୦୨୫) କରାଯାଇଛି। ଅଭିଯୁକ୍ତମାନଙ୍କୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମିଳିମିଶି ବନୀକରଣ ଆଳରେ ଅର୍ଥ ଆତ୍ମସାତ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ଟଙ୍କା ହଡ଼ପ କରିଥିଲେ। ପ୍ଲାଣ୍ଟେସନ୍ ସାଇଟ୍ ଯଥା ଚମ୍ପାଚୁଆଁ-୧ରେ ୭୧.୦୬୬ ହେକ୍ଟରରେ ପ୍ରତି ହେକ୍ଟର ପିଛା ୧୬୦୦ ଗଛ (୪୩.୭୫ ଲକ୍ଷ), ଚମ୍ପାଚୁଆଁ-୨ରେ ୧୪.୧୦୯ ହେକ୍ଟରରେ ପ୍ରତି ହେକ୍ଟର ପିଛା ୧୬୦୦ ଗଛ (୬.୬୭ ଲକ୍ଷ), ଖମାରପଦର ଟାଙ୍ଗରା ପାହାଡରେ ୩୦ ହେକ୍ଟରରେ ପ୍ରତି ହେକ୍ଟର ପିଛା ୧୬୦୦ ଗଛ (୧୨.୭୬ ଲକ୍ଷ), ଖମାରପଦର ଏଏନ୍ଆର୍ ରେ ୫୮.୮୬ ହେକ୍ଟରରେ ପ୍ରତି ହେକ୍ଟର ପିଛା ୮୦୦ ଗଛ (୧୧.୨୨ ଲକ୍ଷ) ଏବଂ ଖମାରପଦର ଏଏନ୍ଆର୍ ରେ ୭୭.୭୪୩ ହେକ୍ଟରରେ ପ୍ରତି ହେକ୍ଟର ପିଛା ୪୦୦ ଗଛ (୫.୧୨ ଲକ୍ଷ) ଲଗାଇବାକୁ କହି ଟଙ୍କା ଆଣିଥିଲେ। ହେଲେ ଅଳ୍ପ ଗଛ ଲଗାଇ ଆଉ ସବୁ ଟଙ୍କା ଚଲୁ କରିଦେଇଥିଲେ। ଅଭିଯୁକ୍ତମାନେ ଶ୍ରମିକଙ୍କ ଆକାଉଣ୍ଟ କହି ଅନ୍ୟ ଆକାଉଣ୍ଟ ଦେଇ ଟଙ୍କା ନେଇଯାଇଥିଲେ। ଏହାପରେ ସେମାନେ ଉକ୍ତ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ ଟଙ୍କା ନେଇଥିଲେ। ଏନେଇ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ଘଟଣାକୁ ଗୁରୁତ୍ୱର ସହ ନେଇଥିଲା। ୨ ମାସ ହେଲା ଭିଜିଲାନ୍ସ ୨୫ ଅଫିସରଙ୍କୁ ନେଇ ଗଠିତ ୪ ଟିମ୍ ତଦନ୍ତ ଓ ଅନୁସନ୍ଧାନ କରିଥିଲେ। ଏହାପୂର୍ବରୁ ଗତ ଫେବୃଆରୀ ୨୮ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟ ଜୟପାଟଣା ବନାଞ୍ଚଳ କାର୍ଯ୍ୟାଳୟ ସମେତ ଅଭିଯୁକ୍ତଙ୍କ ଘରେ ଚଢ଼ଉ କରିଥିଲା। ଏନେଇ ଇଡି ମଧ୍ୟ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## ୬୧୪ କେଜି ଗଞ୍ଜେଇ ଜବତ, ୨ ଗିରଫ

ମୋହନା, ୧୩।୫(ମନ୍ମଥ ମିଶ୍ର)

ଗଜପତି ଜିଲା ଅଡ଼ବା ପୋଲିସ ୬୧୪ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଅଡବା ଥାନା ଅନ୍ତର୍ଗତ ବିରିକୋଟ ପଞ୍ଚାୟତ ଯୋଡ଼ାଆମ୍ବ ଗାଁ ନିକଟରୁ ଏକ ୧୦ ଚକିଆ ଟ୍ରକ ( ନଂ. ପିବି ୦୬ଏ ଏସ ୧୮୦୫)ରେ ପଞ୍ଜାବ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଗଞ୍ଜେଇ ଧରିବାକୁ ଅଡବା ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଟ୍ରକ୍‌ରେ ଗଞ୍ଜେଇ ବୋଝେଇ ହେଉଥିବା ବେଳେ ପୋଲିସ ମାଡ଼ି ବସିଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପଞ୍ଜାବର ଗଞ୍ଜେଇ ବ୍ୟବସାୟୀ ଦିଲବାଗ ସିଂ ଓ ଗଜପତି ଜିଲ୍ଲା ପରମାଗୁଡା ଗାଁର ରଞ୍ଜନ ନାୟକଙ୍କୁ ପୋଲିସ କାବୁ କରିଥିଲା। ଉକ୍ତ ଟ୍ରକରୁ ୬୧୪ କିଲୋ ୮୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଏହାର ଆନୁମାନିକ ବଜାର ଦର ୬୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅଡବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ତଦନ୍ତ ଆବେଦନ

**କିଟ୍ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଜନସ୍ୱାର୍ଥ ମାମଲା**

କଟକ, ୧୩।୫(କାର୍ତ୍ତିକ ସାହୁ)

କିଟ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହାଇକୋର୍ଟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କୁ ନେଇ ଘଟଣାର ତଦନ୍ତ କରାଯାଉ ବୋଲି ଆବେଦନକାରୀ ପ୍ରତାପ ମହାନ୍ତି ଆବେଦନରେ ଦର୍ଶାଇଛନ୍ତି। ଘଟଣାରେ ସବୁ ଦିଗକୁ ଦୃଷ୍ଟି ଦେଇ ତଦନ୍ତ ହେଉ। ରାଜ୍ୟ ସରକାର ଗଠନ କରିଥିବା ତଦନ୍ତ କମିଟି ୟୁଜିସି ଗାଇଡ ଲାଇନରେ ଥିବା ଅନେକ ଦିଗକୁ ବିଚାରକୁ ନେଇନାହିଁ। ୪ ମାସ ମଧ୍ୟରେ କିଟ୍‌ରୁ ୩ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଛି। ହାଇକୋର୍ଟ ବିଚାର ବିଭାଗୀୟ ତଦନ୍ତ ପାଇଁ ଆଦେଶ ଦିଅନ୍ତୁ ବୋଲି ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ଛିନ୍‌ତାଇ ଅଭିଯୁକ୍ତ ଗିରଫ: ୫୦ହଜାର ଟଙ୍କା ଉଦ୍ଧାର

ନୀଳଗିରି, ୧୩।୫(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ବଉଳଗଡ଼ିଆ ମୁକୁନ୍ଦପୁର ରାସ୍ତାରେ ଗତ ୧୫ଦିନ ପୂର୍ବରୁ ଜଣେ ଠିକାଦାରଙ୍କ ପୁଅ ନିକଟରୁ ନଗଦ ୫୦ହଜାର ଟଙ୍କା ଜଣେ ଦୁର୍ବୃତ୍ତ ଛଡ଼ାଇ ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ମଙ୍ଗଳବାର ନୀଳଗିରି ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ନିକଟରୁ ୫୦ହଜାର ଟଙ୍କା ଉଦ୍ଧାର କରିଥିବା ଜଣାଯାଇଛି।

ସୂଚନା ଅନୁଯାୟୀ, ଔପଦା ବ୍ଲକ୍ ଚିନ୍ତାମଣିପୁର ଗ୍ରାମର ପଥରମୂର୍ତ୍ତୀ ଠିକାଦାର ଆନନ୍ଦ ରାଉତଙ୍କ ପୁଅ ଅମିତ୍ ଏକ ବାଇକ୍‌ରେ ୫୦ହଜାର ଟଙ୍କା ରଖି ଘରୁ ବାହାରକୁ ଯାଉଥିବା ବେଳେ ବଉଳଗଡ଼ିଆ ମୁକୁନ୍ଦପୁର ରାସ୍ତା ନିକଟରେ ଉକ୍ତ ଗ୍ରାମର କ୍ଷେତ୍ରମୋହନ ଦାସ ଅମିତଙ୍କୁ ଅଟକାଇ ତାଙ୍କୁ ଉଲଗ୍ନ କରି ୫୦ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ ଅମିତ୍‌ଙ୍କ ବାପା ଆନନ୍ଦ ନିକଟସ୍ଥ ଈଶ୍ୱରପୁର ଥାନାରେ ଅଭିଯୋଗ କରିଥିଲେ। ଦୀର୍ଘ ୧୫ଦିନ ପରେ ମଙ୍ଗଳବାର ନୀଳଗିରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ୫୦ହଜାର ଟଙ୍କା ଉଦ୍ଧାର କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟା

କଣାସ, ୧୩।୫(ବିଭୂତି ଭୂଷଣ ତ୍ରିପାଠୀ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ବୀଭତ୍ସ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏଭଳି ହତ୍ୟାକାଣ୍ଡ ପୁରୀ ଜିଲା କଣାସ ବ୍ଲକ ଅଧୀନ ଗଡ଼ିଶାଗୋଦା ଥାନା ଅଞ୍ଚଳରେ ଘଟିଛି। ମୃତକ ହେଲେ ବନ୍ଧମୁଣ୍ଡା ଗ୍ରାମର ପ୍ରତାପ ସୁନ୍ଦରାୟ। ଏନେଇ ପ୍ରତାପଙ୍କ ପତ୍ନୀ ଗଡ଼ିଶାଗୋଦା ଥାନାରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ସୋମବାର ସନ୍ଧ୍ୟାରେ ପ୍ରତାପ ଚୁପୁରିଙ୍ଗି ଜେସିବି ଚଲାଇବା ପାଇଁ ଯାଇଥିଲେ। ମାତ୍ର ରାତିରେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ ପାଇ ନ ଥିଲେ। ମଙ୍ଗଳବାର ସକାଳୁ ପ୍ରତାପଙ୍କ ମୃତଦେହ ପାହିଲୁଣ୍ଡିଠାରେ ଏକ ବିଲରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଗଡ଼ିଶାଗୋଦା ଥାନା ଆଇଆଇସି ସୁଧିର କୁମାର ଦାସ, ପୁରୀ ସଦର ଏସ୍‌ଡିପିଓ ରବୀନ୍ଦ୍ର କୁମାର ଭଞ୍ଜ, ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଛି। ପରେ ଗଡ଼ିଶାଗୋଦା ଥାନାରେ ୮୯/୨୫ରେ ଏକ ମାମଲା ରୁଜ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ହତ୍ୟାକାରୀ ଫେରାର୍ ଥିବା ପୋଲିସ୍ କହିଛି। ପୂର୍ବରୁ ପ୍ରତାପଙ୍କର ଗ୍ରାମର କେତେଜଣ ଲୋକଙ୍କ ସହ ରାଜନୈତିକ ବିବାଦ ରହିଥିଲା। ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ମଧ୍ୟ ଦେଉଥିବା ପ୍ରତାପଙ୍କ ପତ୍ନୀ ଥାନାରେ ଅଭିଯୋଗ କରିଛନ୍ତି।

# ୩ ଘଣ୍ଟା ଧରି ଚାଲିଲା ବିତର୍କ

**ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

ପାଟଣାଗଡ଼, ୧୩।୫ (ସଚ୍ଚିଦାନନ୍ଦ ମହାକୁର)



ସୁରକ୍ଷାକର୍ମୀଙ୍କ ସହିତ ପୁଞ୍ଜିଲାଲ କୋର୍ଟ ଭିତରୁ ବାହାରକୁ ବାହାରୁଛନ୍ତି।

ମଙ୍ଗଳବାର ପାଟଣାଗଡ଼ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଉଭୟ ପକ୍ଷର ଓକିଲଙ୍କୁ ନେଇ ବଲାଙ୍ଗୀର ଜିଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବିତର୍କ ହୋଇଥିଲା। ଉକ୍ତ ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ବଲାଙ୍ଗୀର ଜେଲରୁ କଡ଼ା ସୁରକ୍ଷା ବଳୟ ଭିତରେ ପାଟଣାଗଡ଼ କୋର୍ଟକୁ ଅଣାଯାଇଥିଲା। କୋର୍ଟରେ ଉଭୟ ପକ୍ଷର ବିତର୍କ ପ୍ରାୟ ୩ ଘଣ୍ଟା ଧରି ଚାଲିଥିଲା। କୋର୍ଟରେ ଉପସ୍ଥିତ ଥିବା ଅଭିଯୋଗକାରୀଙ୍କ ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋଙ୍କ କହିବା ଅନୁଯାୟୀ ଏହି ବିତର୍କ ପ୍ରକ୍ରିୟା ୯ ତାରିଖରୁ ଆରମ୍ଭ ହୋଇଛି। ସେମାନେ ମଙ୍ଗଳବାର ଡିଫେନ୍ସ ପାଇଁ କୋର୍ଟକୁ ଜଣାଇଥିଲେ। ସେମାନେ ଯାହା ନୂଆ ତଥ୍ୟ କୋର୍ଟରେ ଉଠାଇଲେ ଆମେ ତା'ର ପ୍ରତ୍ୟୁତ୍ତର ବୁଧବାର ରଖିବୁ। ଆଶା କରାଯାଉଛି ଏହି ବିତର୍କ ପ୍ରକ୍ରିୟା ବୁଧବାର ସରି ଯାଇପାରେ। ଏହାପରେ କୋର୍ଟ ଶୁଣାଣି ତାରିଖ ଧାର୍ଯ୍ୟ କରିବେ।

ଅପରପକ୍ଷରେ ପୁଞ୍ଜିଲାଲଙ୍କ ଓକିଲ ପ୍ରମୋଦ ମିଶ୍ରଙ୍କ କହିବା ଅନୁସାରେ ଏହି ମାମଲାରେ ଅନ୍ୟ ବହୁ ଦିଗ ଓ ଘଟଣା ଥିଲା। ଏହାକୁ କ୍ରାଇମବ୍ରାଞ୍ଚ ଜାଣିଶୁଣି ଚାପଗ୍ରସ୍ତ ହୋଇ ତଦନ୍ତ ପରିସରକୁ ଆଣି ନ ଥିଲା। ଏପରି କି ଅଭିଯୋଗକାରୀଙ୍କ ପରିବାର ସହ ବିଭିନ୍ନ ଦିଗକୁ ନେଇ ଶତ୍ରୁତା ମଧ୍ୟ ଥିଲା। ସେ ଦିଗରେ କ୍ରାଇମବ୍ରାଞ୍ଚ ତଦନ୍ତ କରିନାହିଁ। କେବଳ ପୁଞ୍ଜିଲାଲଙ୍କୁ ଟାର୍ଗେଟକରି ଫସାଇ ଦିଆଯାଇଛି। ଏ ସମ୍ପର୍କରେ ଲିଖିତ ଭାବେ କୋର୍ଟକୁ ଜଣାଯାଇଛି। ଯେହେତୁ ଏହି ମାମଲା ବିଚାରାଧୀନ ଅଛି, ତେଣୁ ଅଧିକ କହିବା ଠିକ୍ ହେବନାହିଁ। ବୁଧବାର ସେମାନେ ଆମର କେତୋଟି ବିଷୟ ଉପରେ କ୍ଲାରିଫିକେଶନ ଦେବେ। ଆମେ ମଧ୍ୟ ତା'ର ପ୍ରତ୍ୟୁତ୍ତର ରଖିବୁ। ଏଥିସହ ପୁଞ୍ଜିଲାଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ କ୍ରାଇମବ୍ରାଞ୍ଚ ସେମିତି କିଛି ଠୋସ୍ ପ୍ରମାଣ ଯୋଗାଡ଼ କରିପାରିନାହିଁ। କ୍ରାଇମବ୍ରାଞ୍ଚ ନିଜର ଲକ୍ଷ୍ୟ ପୂରଣ ପାଇଁ ପୁଞ୍ଜିଲାଲଙ୍କୁ ଏହି ମାମଲାରେ ଛନ୍ଦି ଦେଇଛି ବୋଲି ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଅପରପକ୍ଷରେ ମଙ୍ଗଳବାର କୋର୍ଟରେ ଏହି ମାମଲାର ବିତର୍କ ପରେ ଶୁଣାଣି ତାରିଖ କୋର୍ଟ ଧାର୍ଯ୍ୟ କରିବା ଆଶାରେ ପୁଞ୍ଜିଲାଲଙ୍କ ବାପା, ସ୍ତ୍ରୀ ଓ ତାଙ୍କ ୨ ପୁଅଙ୍କୁ କୋର୍ଟ ପରିସରରେ ଦେଖିବାକୁ ମିଳିଥିଲା। ସୂଚନା ଅନୁସାରେ ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା। ବିସ୍ଫୋରଣରେ ନବବିବାହିତ ସୌମ୍ୟ ଶେଖର ସାହୁ ଓ ତାଙ୍କ ଜେଜେ ମା' ଜେମାମଣି ସାହୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ନବବିବାହିତା ସ୍ତ୍ରୀ ରିମାରାଣୀ ସାହୁ ଗୁରୁତର ହୋଇ ଦୀର୍ଘଦିନ ଧରି ଚିକିତ୍ସିତ ହୋଇ ସୁସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚ ଏ ଦିଗରେ ତଦନ୍ତକରି ପୁଞ୍ଜିଲାଲଙ୍କୁ ମାମଲାର ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା।

## ଦମ୍ପତିଙ୍କୁ ହାଣି ଲୁଟିନେଲେ ୧୪ ଭରି ସୁନା ଅଳଙ୍କାର

ରାୟଗଡ଼ା, ୧୩।୫ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଶିକରପାଇ ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ବଡ଼ ଧରଣର ସଶସ୍ତ୍ର ଡକାୟତି ହୋଇଛି। ୪ଜଣ ଦୁର୍ବୃତ୍ତ ଦମ୍ପତିଙ୍କୁ ମାରଣାସ୍ତ୍ରରେ ହାଣି ପ୍ରାୟ ୧୪ ଭରି ସୁନା ଅଳଙ୍କାର ସହ ଘରେ ଥିବା ଏକ ଲୁହା ସିନ୍ଦୁକ ମଧ୍ୟ ନେଇଯାଇଛନ୍ତି। ଏ ନେଇ ଘର ମାଲିକ ଗୋପାଳ ଚେଟ୍ଟୀ ମଙ୍ଗଳବାର ସକାଳେ କଲ୍ୟାଣସିଂପୁର ଥାନାରେ ଏତଲା ଦେଇଛନ୍ତି।

ଅଭିଯୋଗକାରୀଙ୍କ ଏତଲା ଅନୁସାରେ, ସୋମବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ଘରେ ଲୋକେ ଶୋଇଥିବାବେଳେ ଛାତ ଉପରଦେଇ ୪ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସିନ୍ଦୁକ ଓ ଆଲମାରୀ ଭାଙ୍ଗିବା ବେଳେ ଉଭୟେ ଗୋପାଳ ଓ ତାଙ୍କ ସ୍ତ୍ରୀ ଉଠିପଡିବାରୁ ଦୁର୍ବୃତ୍ତମାନେ ତାଙ୍କ କାନ୍ଧରେ ଛୁରି ଲଗାଇ ପାଟି ଚୁପ୍ କରିଦେଇଥିଲେ। ପରେ ବେକରେ ମାରଣାସ୍ତ୍ର ଲଗାଇବା ସହ ହାତରେ ମଧ୍ୟ ଆଘାତ କରିଥିଲେ। ଏଥିସହ ସେମାନେ ପିନ୍ଧିଥିବା ସୁନା ଅଳଙ୍କାର ଛଡ଼ାଇ ନେଇଯାଇଥିଲେ। ସୁନା ଅଳଙ୍କାର ସହ ୨ଟି ମୋବାଇଲ ଏବଂ ଘରେ ଥିବା ଏକ ଲୁହା ସିନ୍ଦୁକ ମଧ୍ୟ ସେମାନେ ନେଇଯାଇଥିବା ଗୋପାଳ ଅଭିଯୋଗରେ ଉଲ୍ଲେଖ କରିଛନ୍ତ। କଲ୍ୟାଣସିଂହପୁର ପୋଲିସ ଓ ଅତିରିକ୍ତ ଦାୟିତ୍ୱରେ ଥିବା ଚାନ୍ଦିଲି ଥାନା ଆଇଆଇସି ପ୍ରସନ୍ନ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତେବେ ଏହି ମାମଲା ନେଇ ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କୁ ଯୋଗାଯୋଗ କରିଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ।

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

କେନ୍ଦୁଝର, ୧୩।୫ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଅତିରିକ୍ତ ଜିଲାଜଜ୍‌ଙ୍କ କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମମିତ୍ରା ଦାସ ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ତେଲକୋଇ ବ୍ଲକ୍ ସିରିଗିଡ଼ା ଗ୍ରାମର ନରୋତ୍ତମ ପେଣ୍ଟେଇଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଜରିମାନା ଓ ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଆଦେଶ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ମେ ୧୦ରେ ନରୋତ୍ତମଙ୍କ ଶ୍ୱଶୁର ବିଶ୍ୱନାଥ ପେଣ୍ଟେଇ(୪୫), ଶାଶୁ ଗୋମୋତି ପେଣ୍ଟେଇ ଓ ସ୍ତ୍ରୀ ବବିତା ପେଣ୍ଟେଇ ଘରେ ଶୋଇଥିଲେ। ରାତି ୧୦ ଟାରେ ନରୋତ୍ତମ ଏକ କୁରାଢ଼ି ଧରି ଘରେ ପଶିଥିଲେ। ବବିତା ଶୋଇଥିବା ଅବସ୍ଥାରେ ତାଙ୍କ ବେକକୁ ହାଣିଦେଇଥିଲେ। ପରେ ଆଉ ଥରେ ହାଣିବାକୁ ଉଦ୍ୟମ କରିବାରୁ ଗୋମୋତି ଅଟକାଇ ଦେଇଥିଲେ। ପରେ କୁରାଢ଼ି ଧରି ନରୋତ୍ତମ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁ ବବିତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏ ନେଇ ରାତି ପ୍ରାୟ ୩ଟା ୧୫ରେ ବିଶ୍ୱନାଥ ତେଲକୋଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୭୫/୨୨) ରୁଜୁକରି ନରୋତ୍ତମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଘଟଣାରେ ୧୮ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିବା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର କହିଛନ୍ତି।

## ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ୩ ଗିରଫ

**ବିଡିଓଙ୍କୁ ଗାଳିଗୁଲଜ, ବ୍ଲକ୍ ପରିସରରେ ଭଙ୍ଗାରୁଜା ଘଟଣା**

କେନ୍ଦୁଝର, ୧୩।୫ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ବିଡିଓଙ୍କୁ ଗାଳିଗୁଲଜ, ଅଫିସରେ ଭଙ୍ଗାରୁଜା ଓ ଗେଟ୍‌ରେ ତାଲା ପକାଇବା ଘଟଣାରେ ନୟାକୋଟ ପୋଲିସ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଂଶପାଳ ବ୍ଲକ୍ ଅଧ୍ୟକ୍ଷ ତଥା ଖଜୁରିମୁଣ୍ଡି ଗ୍ରାମର ମାନସ ଦେହୁରୀ(୩୮), କୁମୁଣ୍ଡି(ଖ) ଗ୍ରାମର ଶୁକଦେବ ମହାକୁଡ଼(୫୦) ଓ କାଞ୍ଜିପାଣି ଗ୍ରାମର ପଦ୍ମଲୋଚନ ଆରୁକ(୪୦)।

ପ୍ରକାଶ ଯେ, ମେ ୫ ଅପରାହ୍ନ ୨ଟା ୨୦ରେ ବାଂଶପାଳ ବିଡିଓ ରାଜା ରଣଜିତ୍ ପ୍ରତାପ ବଳ ବିପ୍ଳବୀ ଧରଣୀଧର ନାଏକଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଅନ୍ୟ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରୁଥିଲେ। ଏହି ସମୟରେ ବାଂଶପାଳ ବ୍ଲକ୍ ଅଧ୍ୟକ୍ଷ ମାନସ ଦେହୁରୀ ଏବଂ ଅନ୍ୟ ୨ଜଣ ଅଫିସରେ ଜବରଦସ୍ତ ପ୍ରବେଶ କରିଥିଲେ। ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ଅଫିସ ଖାଲି କରିବାକୁ ବାଧ୍ୟ କରିଥିଲେ। ଅଫିସ୍‌ର କାଚ କବାଟ ଭଙ୍ଗାରୁଜାକରି ମୁଖ୍ୟ ଗେଟ୍‌ରେ ତାଲା ପକାଇ ପଛ ଗେଟ୍‌ରେ ଚାଲିଯିବାକୁ ବାଧ୍ୟ କରିଥିଲେ। ଏ ନେଇ ବିଡିଓ ନୟାକୋଟ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୬୭/୨୫) ରୁଜୁକରି ତଦନ୍ତ କରୁଥିଲା। ସବ୍ ଇନ୍ସପେକ୍ଟର ଫୁଲଜେମ୍ସ ଟିଗା ତଦନ୍ତ କରୁଥିଲେ। ସେମାନଙ୍କ ନିକଟରୁ ଏକ କାର୍(ଓଡି ୦୯ ଡି ୭୯୯୯) ଜବତ ହୋଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ସଦର ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

## ଅର୍ଚ୍ଚନା ନାଗଙ୍କୁ କାରଣ ଦର୍ଶାଅ ନୋଟିସ

**ଓକିଲାତି ଲାଇସେନ୍ସ ଆବେଦନପତ୍ରରେ ଫୌଜଦାରି ମାମଲା ତଥ୍ୟ ଲୁଚାଇଛନ୍ତି**

କଟକ, ୧୩।୫(କାର୍ତ୍ତିକ ସାହୁ)

ରାଜ୍ୟ ବାର୍ କାଉନସିଲରୁ ଗତ ୧୦ ତାରିଖରେ ଓକିଲାତି ପାଇଁ ଲାଇସେନ୍ସ ପାଇଥିବା ଅର୍ଚ୍ଚନା ନାଗ ଲାଇସେନ୍ସ ପାଇଁ ଦେଇଥିବା ଆବେଦନପତ୍ରରେ ତାଙ୍କ ନାମରେ ଥିବା ଫୌଜଦାରି ମାମଲାଗୁଡ଼ିକର ତଥ୍ୟ ଲୁଚାଇଥିବା ଜଣାପଡ଼ିଛି। ଏହାକୁ ନେଇ ବାର୍ କାଉନ୍‌ସିଲ ପକ୍ଷରୁ ମଙ୍ଗଳବାର ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ସୂଚନାନୁସାରେ, ଅର୍ଚ୍ଚନା ନାଗ ଓକିଲାତି କରିବା ପାଇଁ ରାଜ୍ୟ ବାର କାଉନସିଲକୁ ଆବେଦନ କରିଥିଲେ।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପୁଆତୀ ଖାଇଲେ ପଣସ, ଶୁଖୁଆ, ତାଳ; ଜାଣିବ ପିଲାର ପୂରିଲା କାଳ।**

ଗର୍ଭବତୀ ମହିଳାମାନେ ପଣସ, ଶୁଖୁଆ ଓ ତାଳ ଖାଇବା ଅନୁଚିତ୍। କାରଣ ଏପରି ଖାଦ୍ୟ ଖାଇଲେ ତାହା ଗର୍ଭସ୍ଥ ଶିଶୁ ପ୍ରତି ବିପଦ ସୃଷ୍ଟି କରିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ପିଣ୍ଡାରେ ବସି ଯେ ପଚାରେ ଚାଷ ତା'ର କାହିଁ ପାଇଁ ଚାଷରେ ଆଶ ?**

ଚାଷ କାର୍ଯ୍ୟରେ ବହୁ ଶାରୀରିକ ପରିଶ୍ରମ ଲୋଡ଼ା ହୋଇଥାଏ। ତେବେ ନିଜେ ଚାଷ ନ କରି ପର ଉପରେ ନିର୍ଭର କରି ବସି ରହିଲେ ଫସଲରୁ ସେତେ ଅଧିକ ଲାଭ ମିଳି ନ ଥାଏ ଓ ଭଲ ଫସଲ ମଧ୍ୟ ମିଳି ନ ଥାଏ। ଚାଷ କାର୍ଯ୍ୟରେ ପର ଉପରେ ନିର୍ଭର କରୁଥିବା ବ୍ୟକ୍ତିଙ୍କୁ ନିରାଶ ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।


# ବନ୍ଧାହେଲେ ଆଉ ୨୦ ଅଭିଯୁକ୍ତ

- ଅପରାଧମୁକ୍ତ ଗଞ୍ଜାମ ଲକ୍ଷ୍ୟ: ଦକ୍ଷିଣାଞ୍ଚଳ ଆଇଜି
- ଧରାପଡ଼ିଲେ ସୁରଟ,ରାଉରକେଲା ପୋଲିସର ୨ ୱାଣ୍ଟେଡ

ଛତ୍ରପୁର, ୧୩।୫ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)



ଦକ୍ଷିଣାଞ୍ଚଳ ଆଇଜି ସୂଚନା ଦେଉଛନ୍ତି।



ଜବତ ପିସ୍ତଲ ଓ ଗୁଳି।

ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ଆଉ ୨୦ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରାଯାଇଛି। ବେଆଇନ୍ ଭାବେ ପିସ୍ତଲ, ଗୁଳି ଆଦି ରଖିବା ଏବଂ ବିଭିନ୍ନ ଆପରାଧିକ ମାମଲାରେ ଏମାନେ ସମ୍ପୃକ୍ତ ଥିଲେ। ଅଭିଯୁକ୍ତମାନଙ୍କଠାରୁ ୮ଟି ପିସ୍ତଲ, ୩୧ଟି ଗୁଳି ଓ ୧୨ଟି ମାଗାଜିନ୍ ଜବତ ହୋଇଥିବା ମଙ୍ଗଳବାର ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ଛତ୍ରପୁରଠାରେ ସୂଚନା ଦେଇଛନ୍ତି।

ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଦକ୍ଷିଣାଞ୍ଚଳ ଆଇଜି ଖବରଦାତା ସମ୍ମିଳନୀ କରି ଅପରାଧ ରୋକିବାରେ ବିଭିନ୍ନ ଥାନା ପୋଲିସ ଭଲ କାମ କରିଥିବା କହିଥିଲେ। ଅପରାଧୀମାନଙ୍କୁ ଧରିବା ପାଇଁ ଗଞ୍ଜାମ ପୋଲିସ ଜିଲାରେ ସ୍ପେଶାଲ ଡ୍ରାଇଭ ଚାଲିଛି। ଗତ ରବିବାର ପୋଲିସ ଏଭଳି ୧୮ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୧୦ ଦିନ ମଧ୍ୟରେ ୩୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ବହୁତ ପିସ୍ତଲ ଓ ଗୁଳି ଜବତ ହୋଇଛି। ଗଞ୍ଜାମକୁ ଅପରାଧମୁକ୍ତ କରିବା ପାଇଁ ଅଭିଯାନ ଜାରି ରହିବ ବୋଲି ଆଇଜି କହିଛନ୍ତି। ଅଭିଯୁକ୍ତମାନଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତାର ସେକ୍ସନ ୧୧୧ ଓ ଏହି ଆଇନର ଅନ୍ୟାନ୍ୟ ଧାରା, ଆର୍ମ୍ସ ଆକ୍ଟ ଲଗାଯାଇ ମାମଲା ରୁଜୁ କରାଯାଇଛି।

ସୂଚନାଯୋଗ୍ୟ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କ ନେତୃତ୍ୱରେ ଚାଲିଥିବା ସ୍ପେଶାଲ ଡ୍ରାଇଭରେ ଦ୍ୱିତୀୟ ପର୍ଯ୍ୟାୟରେ ୪ଟି ଥାନା ଯଥା କୋଦିନଡା, ଆସିକା, ପୋଲସରା ଓ ହିଞ୍ଜିଳି ଥାନା ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନାଁରେ ବିଭିନ୍ନ ଥାନାରେ ବହୁ ଆପରାଧିକ ମାମଲା ରହିଛି। କୋଦିନଡା ଥାନା ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଳନ୍ଥରା ଥାନା ଜୁଗୁଡି ଗାଁର ରାମଚନ୍ଦ୍ର ଗୌଡ ଓରଫ ରାମ, ବ୍ରହ୍ମପୁର ସଦର ଥାନା ଲାଠି ଗାଁର ପିଣ୍ଟୁ ଗୌଡ ଓରଫ ପଣ୍ଡା, କୋଦଳା ଥାନା ଛଟିନା ଗାଁର ରାଜୁ ଜେନା, ରମ୍ଭା ଥାନା ଖଣ୍ଡଦେଉଳି ଗାଁର ସନ୍ତୋଷ ବେହେରା, ପୋଲସରା ଥାନା ସୋଡ଼କ ଗାଁର ଗଣେଶ ନାହାକ, କୋଦିନଡା ଥାନା ଭେଟନଇ ଗାଁର ପିଣ୍ଟୁ ବେହେରା, ଛତ୍ରପୁର ଥାନା ଅପରବସଷ୍ଟାଣ୍ଡ ରାଜେଶ ମହାରଣା ଓ ପଟ୍ଟନାୟକ କଲୋନୀର ପ୍ରତାପ କୁମାର ଜେନା ଓରଫ ପପୁ। ସେମାନଙ୍କଠାରୁ ୪ଟି ପିସ୍ତଲ, ୧୮ଟି ଗୁଳି, ୮ଟି ମାଗାଜିନ୍, ଗୋଟିଏ କାର୍ ଓ ଗୋଟିଏ ବାଇକ୍ ଏବଂ ୯ ଟି ମୋବାଇଲ ଫୋନ୍ ଜବତ ହୋଇଛି। ଅଭିଯୁକ୍ତ ରାଜେଶଙ୍କ ନାଁରେ ସାକୁରା ବେହେରା ହତ୍ୟା ସମେତ ୨ଟି ମାମଲା ରହିଥିବା ବେଳେ ରାମଙ୍କ ନାଁରେ ୪ଟି, ପିଣ୍ଟୁଙ୍କ ନାଁରେ ୯ଟି ମାମଲା, ସନ୍ତୋଷଙ୍କ ନାଁରେ ୧୩ଟି, ଗଣେଶଙ୍କ ନାଁରେ ଗୋଟିଏ ଏବଂ ପ୍ରତାପଙ୍କ ନାଁରେ ୩ଟି ମାମଲା ରହିଛି।

ଅଭିଯୁକ୍ତ ରାଜୁ ସୁରଟର ସାରଥନା ଥାନାର ଏକ ମାମଲାରେ ସମ୍ପୃକ୍ତ ଅଛନ୍ତି। ସେହିପରି ସୁନା ଦୋକାନ ଡକାୟତି ଯୋଜନା କରୁଥିବାବେଳେ ଆସିକା ଥାନା ପୋଲିସ ପକ୍ଷରୁ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୁଷୋତ୍ତମପୁରର ଘନଶ୍ୟାମ ବେହେରା ଓରଫ କାଳିଆ, କୋଦଳାର ଦୀପକ ପୃଷ୍ଟି, କବିସୂର୍ଯ୍ୟନଗର ଥାନା ଆଠଗଡପାଟଣାର ଅଜିତ ପଲେଇ, ଆସିକା ଥାନା ପୁଡୁଗେଶ୍ୱରପଲୀର ଟୁକୁନା ବାରିକ ଓ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ହୁଂଜନର ଶିବ ପ୍ରସାଦ ଦାସ। ଏହି ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ପିସ୍ତଲ, ୭ଟି ଗୁଳି, ୨ଟି ମାଗାଜିନ୍, ୨ଟି ବାଇକ୍ ଓ ୭ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସେହିପରି ପିତଳ ଛକ ଏଟିଏମ ଲୁଟ୍ ଯୋଜନା କରୁଥିବା ନେଇ ହିଞ୍ଜିଳି ଥାନା ପୋଲିସ ହିଞ୍ଜିଳି କେନାଲ ସାହିର ଟିଣ୍ଟୁ ଦାସ, ବେଲଗାଁ ପଳାସି ବଡ ସାହିର ରାଜା ଗୌଡ, ହିଞ୍ଜିଳି ଥାନା ସିକିରି ନୂଆ ସାହିର ହୀନ ସାମଲ, ଗାଙ୍ଗପୁର ଥାନା ନିମିନା ଗାଁର ରାକେଶ ମହାପାତ୍ର, ଧରାକୋଟ ଥାନା ଢଉଗାଁର ଗୋବିନ୍ଦ ବେହେରାଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୨ଟି ପିସ୍ତଲ, ୩ଟି ଗୁଳି, ୨ଟି ମାଗାଜିନ୍ ଓ ୪ ଟି ମୋବାଇଲ ଜବତ କରାଯାଇଛି। ପୋଲସରା ଥାନା ପୋଲିସ ମଧ୍ୟ ଗୋଟିଏ ପିସ୍ତଲ, ୩ଟି ଗୁଳି ଜବତ କରିଛି। ଏହି ଘଟଣାରେ ପୋଲସରା ନିଗମ ନଗର ସାହିର କୃଷ୍ଣ ଚନ୍ଦ୍ର ବେହେରା ଓ ଧୋବା ସାହିର ରାଜେ ସେଠୀଙ୍କୁ ଗିରଫ କରାଯାଇଛି। କୃଷ୍ଣ ରାଉରକେଲା ପ୍ଲାଣ୍ଟ ସାଇଡ ଥାନାର ଏକ ମାମଲାରେ ଫେରାର ଥିଲେ।



## ଫଳଚାରା ଲଗାଇବା ସମୟରେ...

ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ିଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି., ନଡ଼ିଆ – ୧ ମି. x ୧ ମି. x୧ ମି. , କଦଳୀ – ୦.୫ ମି. x ୦.୫ ମି.x ୦.୫ ମି. , କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି.। ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବରଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ। ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଅନ୍ୟପକ୍ଷରେ ନର୍ସରି ପାଇଁ ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ। ଆମ୍ବଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛ ଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଛାଇ ପ୍ରଦାନ ସହ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ ।

**ସଫଳ ଚାଷୀ**
**ରଞ୍ଜନ କୁମାର ସେଠୀ**

## ଫୁଲଚାଷ ନୂଆ ପରିଚୟ ଦେଇଛି





ନିଜର ଉଦ୍ୟମ ବଳରେ ସେ ଆଜି ଚାଷ କ୍ଷେତ୍ରରେ ସଫଳତା ହାସଲ କରିପାରିଛନ୍ତି। ପାଠପଢ଼ା ଶେଷହେବା ପରେ ସେ ଚାକିରି ନ କରି ନିଜ ପୈତୃକ ଚାଷଜମିରେ ଚାଷକାମ ଆରମ୍ଭ କରିବାକୁ ବାହାରିଲେ। ଆଉ ଆଜି ସେ ସ୍ଥାନୀୟ ଅଞ୍ଚଳରେ ନିଜକୁ ଜଣେ ସଫଳଚାଷୀ ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ସେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଦକ୍ଷିଣ ପ୍ରହରାଜପୁର ଗ୍ରାମର ରଞ୍ଜନ କୁମାର ସେଠୀ। ତା'ସହ ନିଜ ଅଞ୍ଚଳରେ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ନିଜ ଲକ୍ଷ୍ୟପଥରେ ଅଗ୍ରସର ହେଉଥିବା ରଞ୍ଜନ କହନ୍ତି, ''ପ୍ରଥମେ ନିଜର ୨ ଏକର ଜମିରେ ଜୈବିକ ପଦ୍ଧତିରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲି। ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ୨୦୧୬ରେ ଏମ୍‌ଏ ପାସ୍ କଲି। କିନ୍ତୁ ତା'ପରେ ଚାକିରି କରିବାକୁ ମୋର ଆଗ୍ରହ ନ ଥିଲା। ଚାଷରେ ଜଣେ ଭଲ ରୋଜଗାର କରିପାରିବ–ଏକଥା ମୋ ମନରେ ଆସିଥିଲା। ବାସ୍, ତା'ପରେ କୃଷିକୁ ହିଁ ମୋ ଜୀବିକା ଭାବରେ ଗ୍ରହଣ କରିନେଇଥିଲି। ଆଜି ସେହି ଗେଣ୍ଡୁଫୁଲ ଚାଷ ମୋତେ ଏକ ନୂଆ ପରିଚୟ ଦେଇଛି। ବର୍ଷକୁ ପାଖାପାଖି ୧୨ ଲକ୍ଷ ଟଙ୍କା ଆୟ ହେଉଛି। ୨୦୨୦ରେ ମୁଁ ମାତ୍ର ୧୦,୦୦୦ ଟଙ୍କା ପୁଞ୍ଜିରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲି। ଏବେ ମୁଁ ଚେରି, ଚିନା, ବାସନ୍ତୀ, ନାଲି ଗେଣ୍ଡୁ, ରକ୍ତ ଗେଣ୍ଡୁ ଇତ୍ୟାଦି ଚାଷ କରୁଛି। ଏହି ଫୁଲଚାଷ ପାଇଁ ଚାରା ପଶ୍ଚିମବଙ୍ଗର ରାଏ, ପାଂଶ୍‌କୁଡ଼ା, କଲାଘାଟ ଆଦି ଅଞ୍ଚଳରୁ ସଂଗ୍ରହ କରିଥାଏ। ଚାରା ଲାଗିବାର ୩୫ରୁ ୪୦ ଦିନ ମଧ୍ୟରେ ଗଛରେ ଫୁଲ ଫୁଟିବା ଆରମ୍ଭ ହୁଏ। ଫୁଲ ଫୁଟିବା ଆରମ୍ଭ ହେଲେ ସେବେଠାରୁ ପାଖାପାଖି ୪ ମାସ ପର୍ଯ୍ୟନ୍ତ ଫୁଲ ଅମଳ ହୁଏ।'' ରଞ୍ଜନ ଉତ୍ପନ୍ନ ହେଉଥିବା ଫୁଲକୁ ଜଳେଶ୍ୱର ସମେତ ଭୋଗରାଇ, ବସ୍ତା, ବାଲିଆପାଳ, ରାସଗୋବିନ୍ଦପୁର ଏପରିକି ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳକୁ ପଠାଇଥାନ୍ତି। ରଞ୍ଜନଙ୍କ ପରିବାର ଏବଂ ତାଙ୍କ ଗ୍ରାମର ୫ ଜଣ ଏହି ଫୁଲଚାଷ କାମରେ ନିୟୋଜିତ ଥାଆନ୍ତି। ଗତ ୪ ବର୍ଷ ହେଲା ରଞ୍ଜନ କେବଳ ଗେଣ୍ଡୁଫୁଲ ଚାଷକୁ ଗୁରୁତ୍ୱ ଦେଉଥିବା ବେଳେ ଚଳିତ ବର୍ଷଠାରୁ ବୁକେ ଓ ଫୁଲତୋଡ଼ା ପ୍ରସ୍ତୁତ ପାଇଁ ଆବଶ୍ୟକ ପଡୁଥିବା ଅନ୍ୟ ଫୁଲ ଓ ଡାଳ ସବୁ ଚାଷ କରିବାକୁ ସ୍ଥିର କରିଛନ୍ତି। ଯଦି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ତାଙ୍କୁ ଫୁଲଚାଷ ପାଇଁ ପ୍ରଶିକ୍ଷଣ ଏବଂ ଆର୍ଥିକ ସହାୟତା ମିଳିପାରନ୍ତା ତା'ହେଲେ ସେ ଆହୁରି ଅଧିକ ଜମିରେ ଚାଷ କରିପାରନ୍ତେ ବୋଲି କହନ୍ତି ରଞ୍ଜନ।

**–ନବୀନ ସାହୁ**, ଜଳେଶ୍ୱର

# ଫସଲ ଉତ୍ପାଦନରେ ମାଙ୍ଗାନିଜ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ଫସଲ ତା'ର ଖାଦ୍ୟ ପ୍ରସ୍ତୁତି ପାଇଁ ବିବିଧ ଜୈବ ଏନ୍‌ଜାଇମ୍ ଉପରେ ନିର୍ଭର କରିଥାଏ । ଉକ୍ତ ଜୈବ ଏନ୍‌ଜାଇମ୍‌ଗୁଡ଼ିକୁ କ୍ରିୟାଶୀଳ କରିବା ପାଇଁ ମାଙ୍ଗାନିଜ୍ ବଡ଼ ଭୂମିକା ନେଇଥାଏ । ଗଛ ପ୍ରସ୍ତୁତ କରୁଥିବା ଜଟିଳ ଶ୍ୱେତସାରକୁ ଭାଙ୍ଗି ସରଳ ଶ୍ୱେତସାରରେ ପରିଣତ କରିବା ମାଙ୍ଗାନିଜ୍‌ର କାମ । ଗଛ ଦିବାଲୋକରେ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତି ଏବଂ ରାତିରେ ଅଙ୍ଗାରକାମ୍ଳଜାନ ନିର୍ଗତ କରିବା କାମକୁ ମାଙ୍ଗାନିଜ୍ ତ୍ୱରାନ୍ୱିତ କରିଥାଏ । ଉକ୍ତ ଦୁଇ ପ୍ରକ୍ରିୟା ପାଇଁ ଫସଲ ଯେଉଁ ଏନ୍‌ଜାଇମ୍ ଆବଶ୍ୟକ କରିଥାଏ, ମାଙ୍ଗାନିଜ୍ ଉକ୍ତ ଏନ୍‌ଜାଇମ୍‌ର ପ୍ରସ୍ତୁତି ପାଇଁ ସାହାଯ୍ୟକରେ । ମାଙ୍ଗାନିଜ୍ ଏପରି ଏକ ଉପାଦାନ, ଯାହା ଫସଲର ସବୁ ଏନ୍‌ଜାଇମ୍ ପାଇଁ କାମକରି ନିଜେ ଅକ୍ଷତ ଥାଏ ଏବଂ ପୁନର୍ବାର ସେହି କାର୍ଯ୍ୟରେ ଲାଗେ ।

ମାଙ୍ଗାନିଜ୍ ଅଣୁ ଖାଦ୍ୟ ଉପାଦାନ ଅଭାବରେ ଗଛର ନୂଆପତ୍ରର ଉପରଭାଗ ବାଦାମୀ ଏବଂ ନିମ୍ନଭାଗ ଫିକା ସବୁଜ ଥାଏ । କ୍ରମେ ଉକ୍ତ ପତ୍ର ଫିକା ହଳଦୀ ରଙ୍ଗର ହୁଏ । ଏହି ସମୟରେ ଗଛର ପୁରୁଣା ପତ୍ର ବାଦାମୀ ରଙ୍ଗ ହୁଏ । ମାଙ୍ଗାନିଜର ଅଭାବଜନିତ ଲକ୍ଷଣ ବିଭିନ୍ନ ଫସଲରେ ସମାନ ନ ହୋଇ ପୃଥକ୍ ପୃଥକ୍ ହୋଇଥାଏ। ଶସ୍ୟଜାତୀୟ ଫସଲ ଯଥା : ଧାନ, ଗହମ, ବାଜରା, ଜୁଆର ଆଦିର ଉଭୟ ନୂଆ ଏବଂ ପୁରୁଣା ପତ୍ର ବାଦାମୀ ରଙ୍ଗର ହୁଏ । ଅନ୍ୟାନ୍ୟ ଫସଲ ଅପେକ୍ଷା ଗହମ ଫସଲରେ ମାଙ୍ଗାନିଜ୍‌ର ଅଭାବ ଅଧିକ ପରିସ୍ଫୁଟ ହୁଏ । ମାଙ୍ଗାନିଜ୍‌ର କମ୍ ଅଭାବରେ ଗହମର ଉପର ପତ୍ରର ମଝି ଅଂଶ ଫିକା ହଳଦିଆ ଥିଲା ବେଳେ ପତ୍ରର ତଳ ଭାଗ ଫିକା ସବୁଜ ଥାଏ । ମଧ୍ୟମ ମାଙ୍ଗାନିଜ୍ ଅଭାବରେ ଗହମ ପତ୍ରର ମଝି ଶିରା ଫିକା ସବୁଜ ଥାଇ ପତ୍ରର ଅନ୍ୟ ଶିରା ସବୁ ବାଦାମୀ ରଙ୍ଗର ହୁଏ । ମାତ୍ରାଧିକ ମାଙ୍ଗାନିଜ୍ ଅଭାବରେ ଗହମ କେଣ୍ଡା ସମ୍ପୂର୍ଣ୍ଣ ବାହାରିପାରେ ନାହିଁ । ଗହମ କେଣ୍ଡାର ପାର୍ଶ୍ୱ ପତ୍ର ଫିକା ସବୁଜ ଥାଇ ପତ୍ରର ଅନ୍ୟ ଶିରା ସବୁ ବାଦାମୀ ହୁଏ । ମାଙ୍ଗାନିଜ୍ ଅଭାବରେ ମୁଗ ଗଛର ଉପର ପତ୍ର ସବୁଜ ଥିଲାବେଳେ ତଳ ପତ୍ର ବାଦାମୀ ହୁଏ ଏବଂ ଉପର ପତ୍ରର ଆକାର ଠାରୁ ଛୋଟ ହୁଏ । ସୋୟାବିନ୍ ଫସଲର ଶିରା ସବୁ ସବୁଜ ଥିଲାବେଳେ ଦୁଇ ଶିରାର ମଝି ଭାଗ ହଳଦୀ ରଙ୍ଗର ହୁଏ। ଚିନାବାଦାମ ଫସଲର ଚେର ବଢ଼ିପାରେ ନାହିଁ ଏବଂ ଯେଉଁ ଫଳ ଆସେ, ତାହା ଛୋଟ ଆକାରର ହୁଏ ।

ବାଲି ଏବଂ ବାଲିଆ ଦୋରସା ମାଟିରେ ମାଙ୍ଗାନିଜ ଉପାଦାନ ବାନ୍ଧିହୋଇ ନ ପାରି ବର୍ଷା ଏବଂ ଅଧିକ ଜଳସେଚନ ଦ୍ୱାରା ଧୋଇ ନଷ୍ଟହୁଏ । ସମସ୍ତ ବୟନ ଶ୍ରେଣୀର ମାଟିର ପିଏଚ୍ ୭.୫ରୁ ଅଧିକ ହେଲେ ସେହି ମାଟିରେ ସୁଲଭ ମାଙ୍ଗାନିଜ୍ ଅଭାବ ହୁଏ। ଖାରି ମାଟିରେ ମାଙ୍ଗାନିଜ ଦ୍ରବୀଭୂତ ହୋଇ ନ ପାରି ବାନ୍ଧିହୋଇ ଫସଲକୁ ଗ୍ରହଣଯୋଗ୍ୟ ହୁଏ ନାହିଁ । ମାଟି ପରୀକ୍ଷାରୁ ହେକ୍ଟର ପ୍ରତି ୨.୦ କି.ଗ୍ରା.ରୁ ମାଙ୍ଗାନିଜ୍ କମ୍ ହେଲେ ମାଟିରୁ ମାଙ୍ଗାନିଜ ଅଭାବ ହୁଏ । ଆମ ରାଜ୍ୟର ବିଭିନ୍ନ ଜିଲାର ମାଟିର ସୁଲଭ ମାଙ୍ଗାନିଜ୍ ପରୀକ୍ଷାରୁ ଜଣାପଡ଼େ ଯେ, ଓଡ଼ିଶାର ସମୁଦାୟ ଚାଷଜମିର ମାତ୍ର ୧.୨୨ ଶତକଡ଼ା ଜମିରେ ସୁଲଭ ମାଙ୍ଗାନିଜ୍‌ର ଅଭାବ ରହିଛି । କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଯେ ଜଗତ୍‌ସିଂହପୁର ଜିଲାର ସମୁଦାୟ ଚାଷ ଜମିର ସର୍ବାଧିକ ୩୦ ଭାଗ ଜମିରେ ସୁଲଭ ମାଙ୍ଗାନିଜ୍ ଅଧିକ ମାତ୍ରାରେ ରହିଛି । ଅନ୍ୟାନ୍ୟ ଜିଲା ଅର୍ଥାତ୍ କଟକ ଜିଲାରେ ସମୁଦାୟ ଚାଷଜମିରେ ଶତକଡ଼ା ୫ ଭାଗ ଜମିରେ ମାଙ୍ଗାନିଜ୍ ଅଭାବ ଥିଲାବେଳେ ଗଜପତି ଜିଲାରେ ଶତକଡ଼ା ୧.୦ ଭାଗ, ବାଲେଶ୍ୱର ଜିଲାରେ ଶତକଡା ୦.୪ ଭାଗ ଏବଂ ମାଲକାନାଗିରି ଜିଲାର ସବୁଠାରୁ କମ୍ ଅର୍ଥାତ୍ ଶତକଡା ୦.୭ ଭାଗ ଜମିରେ ଅଭାବ ରହିଛି। ରାଜ୍ୟର ଅନ୍ୟାନ୍ୟ ଜିଲାର ଚାଷଜମି ମାଟିରେ ଲୁକ୍କାୟିତରୁ ନଗଣ୍ୟ ପରିମାଣର ସୁଲଭ ମାଙ୍ଗାନିଜ୍ ଅଛି।

> ''ପ୍ରତ୍ୟେକ ଫସଲରୁ ଆଶାନୁରୂପ ଅମଳ ପାଇବା ପାଇଁ ଫସଲ ଆବଶ୍ୟକ କରୁଥିବା ୧୭ ଗୋଟି ଖାଦ୍ୟ ଉପାଦାନ ମାଟିରେ ସମତୁଲ ପରିମାଣରେ ରହିବା ଦରକାର । ଉକ୍ତ ଖାଦ୍ୟ ଉପାଦାନଗୁଡ଼ିକ ମଧ୍ୟରୁ ମାଙ୍ଗାନିଜ୍ ଅନ୍ୟତମ । ଫସଲ, ଉକ୍ତ ଉପାଦାନକୁ ସ୍ୱଳ୍ପ ପରିମାଣରେ ଚାହୁଁଥିବାରୁ ମାଙ୍ଗାନିଜ୍ ଏକ ଅଣୁ ଖାଦ୍ୟ ଉପାଦାନ । ଉକ୍ତ ଅଣୁ ଉପାଦାନ ୧ କି.ଗ୍ରା. ମାଟିରେ ୨ ମିଲିଗ୍ରାମରୁ କମ୍ ରହିଲେ ଫସଲ ଅମଳ ପ୍ରାୟ ୨୦ ରୁ ୨୫ ଶତକଡ଼ା କମିଥାଏ ।''



ମାଙ୍ଗାନିଜ୍ ଅଭାବ ଥିବା ମାଟିରେ ଫସଲ ପାଇଁ ମାଙ୍ଗାନିଜ୍ ସାର ପ୍ରୟୋଗ କରାଯାଏ । ମାଙ୍ଗାନିଜ୍ ଜାତୀୟ ସାର ମଧ୍ୟରେ ମାଙ୍ଗାନିଜ୍ ସଲ୍‌ପେଟ୍, ମାଙ୍ଗାନିଜ୍ ଅକ୍ସାଇଡ୍ ଏବଂ ମାଙ୍ଗାନିଜ୍ କ୍ଲୋରାଇଡ୍ ମୁଖ୍ୟ । ମାଙ୍ଗାନିଜ୍ ସଲ୍‌ପେଟ୍‌ରେ ଶତକଡ଼ା ୩୦ ଭାଗ, ମାଙ୍ଗାନିଜ୍ ଅକ୍ସାଇଡ୍‌ରେ ଶତକଡା ୨୫ ଭାଗ ଏବଂ ମାଙ୍ଗାନିଜ୍ କ୍ଲୋରାଇଡ୍ ୨ ଗ୍ରେଡ୍‌ର ଯଥା ଶତକଡ଼ା ୧୦ ଏବଂ ଶତକଡ଼ା ୧୬ ଭାଗ ମାଙ୍ଗାନିଜ୍ ଥାଏ । ଆମ ରାଜ୍ୟର କୃଷି ବିଭାଗ ଦ୍ୱାରା ମୁଖ୍ୟତଃ ୩୦ ଭାଗଥିବା ମାଙ୍ଗାନିଜ୍ ସଲ୍‌ଫେଟ୍‌କୁ ଫସଲରେ ପ୍ରୟୋଗ ପାଇଁ ଅନୁମୋଦନ କରାଯାଏ । ହେକ୍ଟର ପ୍ରତି ୫୦ କି.ଗ୍ରା. ମାଙ୍ଗାନିଜ୍ ସଲ୍‌ଫେଟ୍‌ରେ ଏହାର ୫ ଗୁଣା ଶୁଖିଲା ଗୁଣ୍ଡ ଗୋବରଖତ ମିଶାଇ ମଞ୍ଜି ବୁଣା କିମ୍ବା ଚାରା ରୁଆ ସମୟରେ ପ୍ରୟୋଗ କରାଯାଇ ପାରେ । ଠିଆ ଶସ୍ୟଜାତୀୟ ଫସଲରେ ମାଙ୍ଗାନିଜ୍‌ର ଅଭାବ ଦେଖାଦେଲେ ଶତକଡା ୧.୦ ଭାଗ ମାଙ୍ଗାନିଜ୍ ସଲ୍‌ଫେଟ୍ ଅର୍ଥାତ୍ ୧୦୦ ଗ୍ରାମ ମାଙ୍ଗାନିଜ୍ ସଲ୍‌ଫେଟ୍‌କୁ ୧୦ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ର ଛିଞ୍ଚା କରାଯିବା ଉଚିତ୍ ।

ବିଭିନ୍ନ ପନିପରିବା ଯଥା–ବନ୍ଧାକୋବି, ଫୁଲକୋବି, ଗଣ୍ଠିକୋବି, ବିଟ୍ ଓ ଗାଜର ଆଦିରେ ମାଙ୍ଗାନିଜ୍‌ର ଅଭାବ ଅଧିକ ଦେଖାଯାଏ । ଏପରି ସ୍ଥଳେ ଶତକଡା ୦.୫ ଭାଗ ଅର୍ଥାତ୍ ୧୦ ଲିଟର ପାଣିରେ ୫୦ ଗ୍ରାମ ମାଙ୍ଗାନିଜ୍ ସଲ୍‌ଫେଟ୍‌ର ଦ୍ରବଣକରି ୧୦ ଦିନ ବ୍ୟବଧାନରେ ଦୁଇଥର ପତ୍ରଛିଞ୍ଚା କରାଯାଏ । ଫଳଜାତୀୟ ଗଛ ଯଥା: ଆମ୍ବ, ପିଜୁଳି, ଲେମ୍ବୁ, କମଳା, କରମଙ୍ଗା ଆଦି ଗଛରେ ମାଙ୍ଗାନିଜ୍‌ର ଅଭାବ ଦେଖାଯାଏ। ଏପରି ସ୍ଥଳେ ଶତକଡ଼ା ୦.୫ ଭାଗ ମାଙ୍ଗାନିଜ୍ ସଲ୍‌ଫେଟ୍ ଅର୍ଥାତ୍ ୫୦ ଗ୍ରାମ୍ ମାଙ୍ଗାନିଜ୍ ସଲ୍‌ଫେଟ୍‌କୁ ୧୦ ଲିଟର ପାଣିରେ ଦ୍ରବଣ ପ୍ରସ୍ତୁତକରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ରଛିଞ୍ଚା କରାଯାଏ।

–ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ଅଣଧାନ ଫସଲ ଚାଷ କରୁଥିଲେ...



ଧାନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା–ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହିପାରୁଥିବା ଧାନ କିସମ ଯଥା–ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ–୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

## ତଳି ପଟିରେ ବିହନ ବୁଣିବା ସମୟରେ...



ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜାହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷାଋତୁରେ ମୋଟ ୬୦ ମିଲି ମି. ବର୍ଷା ହେବା ପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଢିପଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ । ଏଥିଲାଗି ଢିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ମୁଖ୍ୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨–୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ । ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମି ଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଫସଲକୁ ବିହନ ଜନିତ ରୋଗରୁ ରକ୍ଷାକରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବେକ୍ସିନ୍ x ଥିରାମ୍ ବା ୨ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣି ଶକ୍ତି ଥିବା କିସମର ଧାନଚାଷ କରନ୍ତୁ ।

## ଢିପ ଜମିରେ ଡାଲି ଜାତୀୟ ଫସଲ



ଜମି ପ୍ରସ୍ତୁତକରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ। ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ ।

## ଚିନାବାଦାମ ଚାଷ

ଚିନାବାଦାମ ଚାଷ କରିବା ସମୟରେ ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ)। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣି ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଫସଲରେ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରବ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

# ପନିପରିବାରେ ରୋଗ ପୋକ ନିୟନ୍ତ୍ରଣ



ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବାର ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପକରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା – ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ।

# ୧୮ରେ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ

**ଅନୁଗୋଳ, ୧୩।୫(ମାନସ ବିଶ୍ୱାଳ)**



ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନେତୃବୃନ୍ଦ।

ଆସନ୍ତା ୧୮ ତାରିଖରେ ଅନୁଗୋଳଠାରେ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ କୃଷକ ଯୋଗଦେବେ। ଏ ନେଇ ମଙ୍ଗଳବାର ଅନୁଗୋଳ ଜିଲା ଭାଜପା ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରରେ ମୋଦି ସରକାର ଏବଂ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ଭାଜପାର ଡବଲ ଇଞ୍ଜିନ ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ସମସ୍ତ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିଆସୁଛି। କୃଷକଙ୍କ ଆୟ ଦୁଇ ଗୁଣିତ କରିବାକୁ ଭାଜପା ସଂକଳ୍ପ ପତ୍ରରେ ସ୍ଥାନିତ କରି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ଭାଜପା ସରକାର ଆସିବା ପରେ ଧାନର ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ବୋନସ ଦେଇ ୩୧୦୦ ଟଙ୍କାରେ ପହଞ୍ଚାଇ କୃଷକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି। ରାଜ୍ୟର ସମସ୍ତ କୃଷକ ଭାଜପା ସରକାର ଉପରେ ଖୁସି ପ୍ରକଟ କରିଛନ୍ତି। ଏଥିପାଇଁ ଅନୁଗୋଳରେ ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସେହିପରି ଆସନ୍ତା ୧୫ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲା ଗସ୍ତ କରି ଆଠମଲ୍ଲିକ ନିର୍ବାଚନମଣ୍ଡଳୀରେ କେନ୍ଦ୍ରୀୟ ବିଦ୍ୟାଳୟର ଶିଳାନ୍ୟାସ ସହ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମରେ ଯୋଗଦେବେ। ଏ ନେଇ ଭାଜପା ପକ୍ଷରୁ ବୈଠକରେ ଆଲୋଚନା କରାଯାଇଥିଲା। ଅହଲ୍ୟାବାଈ ହୋଲକରଙ୍କ ୩୦୦ ତମ ଜୟନ୍ତୀ ପାଳନ ପାଇଁ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲା ସଭାପତିଙ୍କ ସମେତ ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀ, ପ୍ରାକ୍ତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ।

## ଅନୁଗୋଳ ଭାଜପାର ପ୍ରସ୍ତୁତି ବୈଠକ

ସେହିପରି କେନ୍ଦ୍ରମନ୍ତ୍ରୀଙ୍କ ଆଠମଲ୍ଲିକ ଗସ୍ତକୁ ନେଇ ଆଠମଲ୍ଲିକ ଭାଜପା ପକ୍ଷରୁ ଏକ ବୈଠକ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ବତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, କେନ୍ଦ୍ରମନ୍ତ୍ରୀଙ୍କ ନଗର ପ୍ରତିନିଧି ସନ୍ତୋଷ ହୋତା, ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, କିଶୋର ନଗର ବ୍ଲକ ପ୍ରତିନିଧି ସରୋଜ ସାହୁ, ନଗର ସଭାପତି ଶୈଳବାଳା ଅମାନ୍ତ, ଭାଜପା ନେତା ଅର୍ଜୁନ ସାହୁ, ରତ୍ନାକର ସାହୁ, ଚିତ୍ତରଞ୍ଜନ ମେହେର, ଭବାନୀ ପ୍ରସାଦ ଜ୍ୟୋତିଷରାୟ, ପରେଶ ଦେଓ, ପ୍ରକାଶ ଡାଙ୍ଗ, ଅଜିତ ପ୍ରଧାନ, ବିଶ୍ୱଜିତ ମିଶ୍ର, ପିନା ପାଣିଗ୍ରାହୀଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ମିଳିତ ଜନ ଶୁଣାଣିରେ ୩୭ ଅଭିଯୋଗ



ଜିଲାସ୍ତରୀୟ ଜନଶୁଣାଣି ଶିବିରରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀ।

**ଅନୁଗୋଳ, ୧୩।୫(ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ସର୍କିଟ ହାଉସ ଅଡିଟୋରିୟମରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦଲ ମହମ୍ମଦ ଅଖତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୩୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୬ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୩ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ମୋଟ ୧୭ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଓ ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ଅନୁଗୋଳ ଉପ ଜିଲାପାଳ ମାୟାଧର ବେହେରା, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱ ଭୂଷଣ, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ ଧଳ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ସ୍ମିତା ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ମୁଖ୍ୟ ଜିଲା କୃଷି ଅଧିକାରୀ ଉମା ଶଙ୍କର ମିଶ୍ର, ଉପ ନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ, ଜିଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ଶିବାଶିଷ କାନୁନ୍‌ଗୋ, ଜିଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନିରୋଦ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# ଦଶମରେ ସ୍ୱାଗତ ବୈଭବ, ଦ୍ୱାଦଶରେ ସ୍ନେହାଶିଷ ଟପ୍ପର

**ଅନୁଗୋଳ, ୧୩।୫ (ମାନସ ବିଶ୍ୱାଳ)**

## ରୋଟାରି ପବ୍ଲିକ ସ୍କୁଲର ସଫଳତା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳରେ ଅନୁଗୋଳ ଜିଲାର ରୋଟାରି ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନେ ଅଭୂତପୂର୍ବ ସଫଳତା ପାଇଛନ୍ତି। ବିଦ୍ୟାଳୟର ଦଶମ ଶ୍ରେଣୀରେ ୧୪୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୩ ଜଣ ୯୫ ପ୍ରତିଶତରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ମୋଟ ୪୦ ଜଣ ଛାତ୍ରୀଛାତ୍ର ୯୦%ରୁ ଅଧିକ ମାର୍କ ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଛାତ୍ର ସ୍ୱାଗତ ବୈଭବ ସ୍ୱାଇଁ ମୋଟ ୯୯.୪% ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିପରି ଶିବଂଶ ପାଣ୍ଡେ (୯୮.୪%), ସମର୍ପିତା ରାଉତ (୯୭.୬%), ଅନୁପମ ନାଥ (୯୭.୨%), ସୌମ୍ୟାଶ୍ରୀ ଧର (୯୭.୨), ପ୍ରତୀକ ମହାନ୍ତି (୯୬.୮), ସ୍ମୃତିରେଖା ବାରିକ (୯୬.୮%) ବିଶାଳ ଗୁପ୍ତା (୯୬.୨%), ସ୍ୱସ୍ତିକ ଦାଶ (୯୫.୬), ଅନନ୍ତ କେଶରୀ ରାୟ (୯୫%), ଦିପ୍ସେନ ବେହେରା (୯୫%), ସ୍କନ୍ଦ କୁମାର ଓ ସ୍ଲୋକା ସ୍ୱାଇଁ (୯୫%) ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେହିଭଳି ଭାବେ ଦ୍ୱାଦଶ ଶ୍ରେଣୀରେ ମୋଟ ୭୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସ୍ନେହାଶିଷ ଦାଶ ୮୭% ନମ୍ବର ସହ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ବିଦ୍ୟାଳୟ ତରଫରୁ ଅଧ୍ୟକ୍ଷ ଡ. ଅଶୋକ କୁମାର ବେହେରା, ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନିର୍ମଳ କୁମାର ମିଶ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବାଳିକା ସଶକ୍ତୀକରଣ ଅଭିଯାନ ଶୁଭାରମ୍ଭ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ସହ ଯୋଗଦେଇଥିବା ବାଳିକାମାନେ।

**ତାଳଚେର, ୧୩।୫(ମନୋଜ ନନ୍ଦ)**

ଏନ୍‌ଟିପିସି ତାଳଚେର ଥର୍ମାଲ ପକ୍ଷରୁ ବହୁ ପ୍ରତୀକ୍ଷିତ ବାଳିକା ସଶକ୍ତୀକରଣ ଅଭିଯାନ ୨୦୨୫ର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ୪ଟି ପଞ୍ଚାୟତର ୮ଟି ସରକାରୀ ବିଦ୍ୟାଳୟର ୪୦ ଜଣ ବାଳିକା ଏହି ଶିବିରରେ ଯୋଗଦେଇ ୪ ସପ୍ତାହ ଯାଏ ବିଭିନ୍ନ କାର୍ଯ୍ୟକ୍ରମ ଓ ଶିକ୍ଷାର ସୁଯୋଗ ଲାଭ କରିବେ। ଏନ୍‌ଟିପିସି ଆଞ୍ଚଳିକ କାର୍ଯ୍ୟକାରୀ ନିର୍ଦ୍ଦେଶକ ଅରିନ୍ଦମ ସିହ୍ନା ଏହି କାର୍ଯ୍ୟଶାଳାର ଶୁଭ ଉଦ୍‌ଘାଟନ କରିବା ସହ ପିଲାମାନଙ୍କ ଉପରେ ଏହି କାର୍ଯ୍ୟକ୍ରମର ସୁଦୂର ପ୍ରସାରୀ ପ୍ରଭାବ ଓ ଉତ୍କର୍ଷ ସମ୍ବନ୍ଧରେ ବ୍ୟାଖ୍ୟା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସୁଧା ମହିଳା ମଣ୍ଡଳ ସଭାନେତ୍ରୀ, ସାଗରିକ ମହିଳା କ୍ଲବର ପ୍ରେସିଡେଣ୍ଟ ଯୋଗଦେଇ ଏହି ବାଳିକା ସଶକ୍ତୀକରଣ କାର୍ଯ୍ୟକ୍ରମର ସୁଦୂର ପ୍ରସାରୀ ପ୍ରଭାବ ଉପରେ ଆଲୋଚନା କରିଥିଲେ। ସ୍ଥାନୀୟ ସ୍କୁଲ ଶିକ୍ଷକ ଓ ପିଲାମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରି ସମସ୍ତଙ୍କ ମନ ମୋହି ନେଇଥିଲେ। ବିଗତ ୫ ବର୍ଷ ଧରି ଏହି କାର୍ଯ୍ୟକ୍ରମ ଏନ୍‌ଟିପିସି ଦ୍ୱାରା ପରିଚାଳିତ ହେଉଛି ଏବଂ ଏଥିରୁ ୧୦ ହଜାରରୁ ଅଧିକ ବାଳିକା ଲାଭାନ୍ୱିତ ହୋଇଛନ୍ତି।

# ଦ୍ୱାଦଶରେ ରିତିଶା, ଦଶମରେ ଶୁଭସ୍ମିତା ପ୍ରଥମ

**ପାଲଲହଡ଼ା, ୧୩।୫ (ଦିବ୍ୟଜ୍ୟୋତି ଦାଶ)**





ରିତିଶା ପ୍ରିୟଦର୍ଶିନୀ ବେହେରା। ଶୁଭସ୍ମିତା ମହାରଣା।

ଅନୁଗୋଳ ଜିଲା ପାଲଲହଡ଼ା ସଦରମହକୁମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶତପ୍ରତିଶତ ଛାତ୍ରୀଛାତ୍ର ସିବିଏସ୍‌ଇ ପରୀକ୍ଷାରେ ସଫଳତା ହାସଲ କରିଥିବା ବେଳେ ସେଣ୍ଟ ଜୋସେଫ ବିଦ୍ୟାଳୟର ପାସ୍ ହାର ରହିଛି ୯୨%। ଆଦର୍ଶ ବିଦ୍ୟାଳୟର ଦ୍ୱାଦଶରେ ବିଜ୍ଞାନ ବିଭାଗ ଛାତ୍ରୀ ରିତିଶା ପ୍ରିୟଦର୍ଶିନୀ ବେହେରା ୮୮% ନମ୍ବର ରଖି ସଫଳତା ହାସଲ କରିଛନ୍ତି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ଶୁଭସ୍ମିତା ମହାରଣା ୯୬% ନମ୍ବର ରଖିଥିବା ବେଳେ ସେଣ୍ଟ ଜୋଶେଫ ବିଦ୍ୟାଳୟର ଯୁଭିତା ମହାନ୍ତ ୯୨% ନମ୍ବର ରଖିଛନ୍ତି। ଆଦର୍ଶ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀରେ ୧୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଦଶମ ଶ୍ରେଣୀରେ ୫୮ ଜଣ ପରୀକ୍ଷା ଦେଇଥିଲେ। ସେହିପରି ସେଣ୍ଟ ଜୋସେଫ ସ୍କୁଲରେ ଦଶମ ଶ୍ରେଣୀରେ ୨୫ ଜଣ ପରୀକ୍ଷା ଦେଇଥିବାବେଳେ ୨୩ ଜଣ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି।

# ବନ୍ତଳା ଅଞ୍ଚଳରେ ବୈଶାଖ ପୂର୍ଣ୍ଣିମା ମହୋତ୍ସବ



ବନ୍ତଳା ଅଞ୍ଚଳରେ ବୈଶାଖ ପୂର୍ଣ୍ଣିମା ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

**ବନ୍ତଳା, ୧୩।୫ (ସୁଶିତ ସାହୁ)**

ଅନୁଗୋଳ ବ୍ଲକ ବନ୍ତଳା ଅଞ୍ଚଳରେ ବୈଶାଖ ପୂର୍ଣ୍ଣିମା ମହୋତ୍ସବ ମହା ଆଡ଼ମ୍ବରରେ ପାଳନ ହୋଇଯାଇଛି। ଏହି ଅବସରରେ ଖିଣ୍ଡା ପଞ୍ଚାୟତ ମହୀଧରପଡ଼ା ଗାଁରେ ୩ ଦିନ ଧରି ନାମସଂକୀର୍ତ୍ତନ ସହ ବିଶ୍ୱଶାନ୍ତି ନିମନ୍ତେ ଯଜ୍ଞ ଅନୁଷ୍ଠିତ ହୋଇ ହୋଇଥିଲା। ସେହିପରି ବାରଗୌଣିଆ ପଞ୍ଚାୟତର ବନ୍ଧାଣପଶି, ନନ୍ଦପୁର ପଞ୍ଚାୟତର ବ୍ରହ୍ମପୁର, ବଡ଼କନ୍ତକୂଳ ପଞ୍ଚାୟତର କଞ୍ଚା, ଇଙ୍କରବନ୍ଧ ପଞ୍ଚାୟତର ସାରଙ୍ଗପୁର ଠାରେ ୧୩ତମ ଅଲେଖ ମହିମା ବିଶ୍ୱଶାନ୍ତି ମହାଯଜ୍ଞ ମହାଆଡ଼ମ୍ବର ସହ ପାଳିତ ହୋଇଯାଇଛି। ଏହିସବୁ ଗ୍ରାମରେ ନେତା, ଜନପ୍ରତିନିଧି, ସାଧାରଣ ଜନତା ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ଏହି ଅବସରରେ ପ୍ରତ୍ୟେକ ଗାଁରେ ଗ୍ରାମବାସୀଙ୍କ ତରଫରୁ ସାମୂହିକ ପ୍ରସାଦ ସେବନ, ମନୋରଞ୍ଜନ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବା ଗ୍ରାମବାସୀ କହିଛନ୍ତି।

# ଛେଣ୍ଡିପଦା ଆଦର୍ଶ ବିଦ୍ୟାଳୟରେ ପାସ୍‌ହାର ୯୮.୭%







ପ୍ରିନ୍ସ ପ୍ରଧାନ, ଦେବସ୍ମିତା ପ୍ରଧାନ, ଦେବଯାନୀ ସାହୁ।

**ଛେଣ୍ଡିପଦା, ୧୩।୫ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଗୋପୀନାଥପୁର ଆଦର୍ଶ ବିଦ୍ୟାଳୟର ୯୮.୭ ପ୍ରତିଶତ ଛାତ୍ରୀଛାତ୍ର ଚଳିତବର୍ଷ ସିବିଏସ୍‌ଇ ପରୀକ୍ଷାରେ ପାସ୍ କରିଛନ୍ତି। ଏଥିର ବିଦ୍ୟାଳୟର ୭୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୭୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ପ୍ରିନ୍ସ ପ୍ରଧାନ ସର୍ବାଧିକ ୯୩ ଶତକଡ଼ା ମାର୍କ ରଖି ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ସେ ଭବିଷ୍ୟତରେ ଜିଲାପାଳ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ସେହିପରି ଛାତ୍ରୀ ଦେବସ୍ମିତା ପ୍ରଧାନ ୯୨.୮ ଶତକଡ଼ା ମାର୍କ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ଛାତ୍ରୀ ଦେବଯାନୀ ସାହୁ ୯୦.୬ ଶତକଡ଼ା ନମ୍ବର ରଖିଥିବା ବେଳେ ଭବିଷ୍ୟତରେ ଜିଲାପାଳ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଉପସ୍ୱାସ୍ଥ୍ୟକେନ୍ଦ୍ରର ଭୂମିପୂଜନ ଉତ୍ସବ

**ବଁଅରପାଳ, ୧୩।୫(ସୁବାସ ସାହୁ)**



ଭୂମି ପୂଜନ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

ଅନୁଗୋଳ ଜିଲା ବଁଅରପାଳ ବ୍ଲକ କୁଲାଡ଼ଠାରେ ପଞ୍ଚାୟତବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଏକ ଉପସ୍ୱାସ୍ଥ୍ୟକେନ୍ଦ୍ରର ଭୂମିପୂଜନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଭାଜପା ନେତା କୁଲାଡ଼ ଟ୍ରକ ମାଲିକ ସଂଘ ତଥା ନାଲ୍‌କୋ କଣ୍ଟ୍ରାକ୍ଟର ସଂଘ ସଭାପତି ମନୋରଞ୍ଜନ ଜେନା, ବ୍ୟବସାୟୀ ତଥା ସାମାଜିକ କର୍ମୀ ସତ୍ୟବ୍ରତ ସ୍ୱାଇଁ, କୁଲାଡ଼ ସରପଞ୍ଚ ଉଷାରାଣୀ ସ୍ୱାଇଁ, ଦଳର ନେତୃବୃନ୍ଦ ଓ ପଞ୍ଚାୟତ ବାସିନ୍ଦା ଉପସ୍ଥିତ ଥିଲେ। ବିଧାୟକ ପ୍ରଧାନ ଏହି ଭୂମିପୂଜନ କରିବା ସହ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ମାଣକାରୀ ଠିକାସଂସ୍ଥାକୁ ପରାମର୍ଶ ଦେଇଥିଲେ। ଗ୍ରାମବାସୀଙ୍କ ସହ ଭାଜପା କର୍ମକର୍ତ୍ତା ଉପସ୍ଥିତ ରହି ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# କନ୍ତପଡ଼ାରେ ବିଧାୟକଙ୍କ ସମୀକ୍ଷା ବୈଠକ

**ବଇଣ୍ଡା, ୧୩।୫(ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡ଼ା ପଞ୍ଚାୟତର ହାତୀଗେଞ୍ଜି, ଗୋପୀନାଥପୁର, କନ୍ତପଡ଼ା, ମୁରାରିପୁର, ଗୋଲେଖପୁର, ଅଲେଖପୁର ଆଦି ଗ୍ରାମରେ ମଙ୍ଗଳବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ବିଧାୟକ ପଞ୍ଚାୟତରେ ଥିବା ସମସ୍ତ ସମସ୍ୟା ଲୋକଙ୍କ ଠାରୁ ବୁଝିବା ସହ କିଭଳି ସମସ୍ତ ସମସ୍ୟାର ଶୀଘ୍ର ସମାଧାନ ହେବ ସେ ନେଇ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମରେ କିଭଳି ପିଇବା ପାଣି ସହ ଅନ୍ୟାନ୍ୟ ମୌଳିକ ସୁବିଧା ପହଞ୍ଚିବ ସେ ନେଇ ଦୃଷ୍ଟିଦେବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ମହେଶ୍ୱର ଦେହୁରୀ, ଅଜିତ କୁମାର ପ୍ରଧାନ, ଶରତ ସାହୁ, ଭୁବନେଶ୍ୱର ସାହୁ, ମଦନମୋହନ ପୋଢ଼, ସୁରେଶ ବେହେରା, ସୁରେଶ ସ୍ୱାଇଁ, ମାର୍କଣ୍ଡ ପ୍ରଧାନ, ଟଙ୍କଧର ସାହୁ, ଚନ୍ଦ୍ରମଣି ସାହୁ, ସିଦ୍ଧାର୍ଥ ଶଙ୍କର ସାହୁ, ପ୍ରବୀଣ କୁମାର ପ୍ରଧାନ, କିଶୋରୀ ବିଶ୍ୱାଳ, ଭୁବନେଶ୍ୱର ପ୍ରଧାନ, ବୈରାଗୀ ସାହୁ, ଯଦୁମଣି ସାହୁ, ପୁରନ୍ଦର ନାୟକ, ପୀତାମ୍ବର ନାୟକ, ରଘୁନାଥ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



ସମୀକ୍ଷା ବୈଠକରେ ବିଧାୟକଙ୍କ ସହ ଅନ୍ୟମାନେ।

# 'ଜାତିଆଣ କୁସଂସ୍କାର ଦୂର ପାଇଁ ମହିମା ଧର୍ମର ସୃଷ୍ଟି'

**ଅନୁଗୋଳ, ୧୩।୫ (ମାନସ ବିଶ୍ୱାଳ)**



ସନ୍ଥକବି ଭୀମ ଭୋଇଙ୍କ ୧୭୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଜିଲା ପାଠାଗାରଠାରେ ଅଙ୍ଗାରବନ୍ଧ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ ଓ ପୂଜ୍ୟପୂଜା ସଂସଦ ଅନୁଗୋଳର ମିଳିତ ସହଯୋଗରେ ସୋମବାର ସନ୍ଧ୍ୟାରେ ସନ୍ଥକବି ଭୀମ ଭୋଇଙ୍କ ୧୭୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ପୂଜ୍ୟପୂଜା ସଂସଦ ସଭାପତି ଗୋପାଳ ଚନ୍ଦ୍ର ନାଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର ଯୋଗଦେଇ ସମାଜରୁ ଜାତିଆଣ କୁସଂସ୍କାରକୁ ଦୂର କରି ଏକ ସରଳ ଓ ସାବଲୀଳ ସମାଜ ଗଠନ ପାଇଁ ମହିମା ଧର୍ମର ସୃଷ୍ଟି ବୋଲି ପ୍ରକାଶ କରିବା ସହ ଭୀମ ଭୋଇଙ୍କ ଦର୍ଶନ ସମାଜ ଗଠନରେ ଏକ ପ୍ରମୁଖ ସ୍ତମ୍ଭ ଭାବରେ ରହି ଆସିଛି ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତାଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ଯୋଗଦେଇ ଭୀମ ଭୋଇଙ୍କ କୃତ ବିଭିନ୍ନ କାବ୍ୟ ଓ କବିତାକୁ ଆଲୋଚନା କରି ପ୍ରଖ୍ୟାତ କବି ଓ ସଂସ୍କାରକ ଭାବେ ସେ ଚିର ଅମର ହୋଇ ରହିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ଖମାରର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ଅକ୍ଷୟ କୁମାର ପଣ୍ଡା ଯୋଗଦେଇ ଭୀମ ଭୋଇଙ୍କ ରଚିତ ବିଭିନ୍ନ କବିତାରେ ମାନବବାଦ ଓ ଜୀବନ ଦର୍ଶନ କିଭଳି ସାଧାରଣ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ସେ ନେଇ ଆଲୋଚନା କରିଥିଲେ। କବିଜ୍ୟୋତି ନିରଞ୍ଜନ ପତି ଓ କବୟିତ୍ରୀ ଗୀତାରାଣୀ ମହାପାତ୍ର କବିତା ପାଠ କରିଥିଲେ। ପୂଜ୍ୟପୂଜା ସଂସଦ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପଣ୍ଡା, ପରିଷଦର କାର୍ଯ୍ୟକାରୀ ସଭାପତି ରଞ୍ଜନ ପାତ୍ର, ସଙ୍ଗଠନ ସମ୍ପାଦକ ବିଜ୍ଞାନୀ ବେହେରା ମଞ୍ଚାସୀନ ଥିଲେ। ପରିଷଦର ସାଧାରଣ ସମ୍ପାଦକ ଦୁଷ୍ମନ୍ତ ସାହୁ ବିବରଣୀ ପାଠ କରିଥିଲେ। ଜିଲା ସାହିତ୍ୟ ସଂସଦ ସାଧାରଣ ସମ୍ପାଦକ ରାଧାକାନ୍ତ ମହାନ୍ତି, ଶକ୍ତି ପଟ୍ଟନାୟକ, ଧୀରେନ ମିଶ୍ର, ଦ୍ୱାରିକା ପ୍ରସାଦ ନନ୍ଦ, ରଜତ ରଞ୍ଜନ ଦାସ, ରୁଚିର ପାଣିଗ୍ରାହୀ, ବିଶ୍ୱରଞ୍ଜନ ପ୍ରଧାନ, ତପନ ପ୍ରଧାନ, କରୁଣାକର ସାହୁ, ଅକ୍ଷୟ ସାହୁ, ଯୁଧିଷ୍ଠିର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପୂଜ୍ୟପୂଜା ସଂସଦ ସମ୍ପାଦକ ରଞ୍ଜିତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ଗୋ ପରିଚାଳନାରେ ଐତିହାସିକ ମାଇଲଖୁଣ୍ଟ

## ବାର୍ଷିକ ଭିତ୍ତିରେ ୪.୩% ବୃଦ୍ଧି

ଭୁବନେଶ୍ୱର,୧୩।୫(ଅଭୟ ଦାଶ)



ଗତ ଦଶନ୍ଧିରେ ଭାରତର ପ୍ରମୁଖ ବନ୍ଦରଗୁଡ଼ିକ ନିରନ୍ତର ଉଲ୍ଲେଖନୀୟ ପ୍ରଗତି ପ୍ରଦର୍ଶନ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ କାର୍ଗୋ ପରିଚାଳନା, ପରିଚାଳନାଗତ ଦକ୍ଷତା ଏବଂ ଭିତ୍ତିଭୂମିର ଆଧୁନିକୀକରଣ ଦୃଷ୍ଟିରୁ ଏକ ମାଇଲଖୁଣ୍ଟ ବର୍ଷ ଭାବେ ଉଭାହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଦେଶର ପ୍ରମୁଖ ବନ୍ଦରଗୁଡିକ କାର୍ଗୋ ପରିଚାଳନାରେ ୪.୩% ବାର୍ଷିକ ଭିତ୍ତିରେ ଅଭିବୃଦ୍ଧି ହାର ପଞ୍ଜୀକୃତ କରିଛନ୍ତି, ଯାହା ୨୦୨୩-୨୪ ଆର୍ଥିକ ବର୍ଷରେ ୮୧୯ ନିୟୁତ ଟନ୍‌ରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୮୫୫ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି, ବୃଦ୍ଧି ପାଉଥିବା ବାଣିଜ୍ୟ ପରିମାଣକୁ ସମାୟୋଜନ କରିବାରେ ପ୍ରମୁଖ ବନ୍ଦରଗୁଡିକର ସ୍ଥିରତା ଏବଂ କ୍ଷମତାକୁ ଉଜାଗର କରିଥାଏ। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଅଧିକ କଣ୍ଟେନର ଥ୍ରୁପୁଟ୍ (୧୦%), ସାର କାର୍ଗୋ ପରିଚାଳନା (୧୩%), ପିଓଏଲ୍ କାର୍ଗୋ ପରିଚାଳନା (୩%) ଏବଂ ବିବିଧ ସାମଗ୍ରୀ ପରିଚାଳନା (୩୧%) ଯୋଗୁ ଟ୍ରାଫିକ୍ ବୃଦ୍ଧି ଘଟିଛି।

ସେହିଭଳି ଦେଶର ପ୍ରମୁଖ ବନ୍ଦରଗୁଡ଼ିକରେ ପରିଚାଳିତ ସାମଗ୍ରୀ ମଧ୍ୟରେ ପେଟ୍ରୋଲିୟମ, ତୈଳ ଏବଂ ଲୁବ୍ରିକାଣ୍ଟ (ପିଓଏଲ୍) ଅଶୋଧିତ, ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜି/ଏଲ୍ଏନ୍‌ଜି ସମେତ ୨୫୪.୪ ନିୟୁତ ଟନ୍ (୨୯.୮%) ପରିମାଣ ସହିତ ଚାର୍ଟରେ ଆଗୁଆ ରହିଛି। ଏହା ପରେ ୧୯୩.୫ ନିୟୁତ ଟନ୍ (୨୨.୬ %), କୋଇଲା ୧୮୬.୬ ନିୟୁତ ଟନ୍ (୨୧.୮%) ଏବଂ ଅନ୍ୟାନ୍ୟ କାର୍ଗୋ ବର୍ଗ ଯେପରିକି ଲୁହାପଥର, ପେଲେଟ୍, ସାର ଏବଂ ଅନ୍ୟାନ୍ୟ କାର୍ଗୋ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବାଧିକ ହୋଇଛି। ସେହିପରି ଦେଶର ପ୍ରମୁଖ ବନ୍ଦରଗୁଡ଼ିକର ଇତିହାସରେ ପ୍ରଥମ ଥର ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (ପିପିଏ) ଏବଂ ଦୀନଦୟାଲ ବନ୍ଦର କର୍ତ୍ତୃପକ୍ଷ (ଡିପିଏ) ୧୫୦ ନିୟୁତ ଟନ୍ କାର୍ଗୋ ପରିଚାଳନା ମାର୍କକୁ ଅତିକ୍ରମ କରିଛନ୍ତି, ଯାହା ସାମୁଦ୍ରିକ ବାଣିଜ୍ୟ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷର ପ୍ରମୁଖ କେନ୍ଦ୍ର ଭାବେ ସେମାନଙ୍କର ସ୍ଥିତିକୁ ସୁଦୃଢ଼ କରିଛି। ଏହି ସମୟରେ ଜବହାରଲାଲ ନେହେରୁ ବନ୍ଦର କର୍ତ୍ତୃପକ୍ଷ (ଜେଏନ୍‌ପିଏ ) ୭.୩ ନିୟୁତ ଟିଇୟୁ ପରିଚାଳନାକରି ଏକ ରେକର୍ଡ ସ୍ଥାପନ କରିଛି, ଯାହା ବାର୍ଷିକ ୧୩.୫% ଅଭିବୃଦ୍ଧିକୁ ପ୍ରତିଫଳିତ କରିଥାଏ। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତୀୟ ବନ୍ଦରଗୁଡିକ ସାମୂହିକ ଭାବେ ବନ୍ଦର ନେତୃତ୍ୱାଧୀନ ଶିଳ୍ପାୟନ ପାଇଁ ୯୬୨ ଏକର ଜମି ଆବଣ୍ଟନ କରିଥିଲେ, ଯାହା ୨୦୨୪-୨୫ ଆର୍ଥିକ ବର୍ଷରେ ୭,୫୬୫ କୋଟି ଟଙ୍କା ଆୟ ସୃଷ୍ଟି କରିବ ବୋଲି ଆକଳନ କରାଯାଇଥିଲା। ଏହା ବ୍ୟତୀତ, ଲିଜ୍‌ଧାରୀମାନେ ଆବଣ୍ଟିତ ଜମିରେ ଭବିଷ୍ୟତରେ ୬୮,୭୮୦ କୋଟି ଟଙ୍କା ନିବେଶ କରିବେ ବୋଲି ଆଶା କରାଯାଉଛି।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୩।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୮୧.୬୮ ପଏଣ୍ଟ ହ୍ରାସ ଘଟି ୮୧,୧୪୮.୨୨ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୪୬.୩୫ ପଏଣ୍ଟ କମି ୨୪,୫୭୮.୩୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ସପ୍ତାହବ୍ୟାପୀ ନର୍ସ ଦିବସ ପାଳୁଛି କେୟାର



ଭୁବନେଶ୍ୱର, ୧୩।୫(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ କେୟାର୍ ହସ୍ପିଟାଲ ପକ୍ଷରୁ ସପ୍ତାହବ୍ୟାପୀ ଅନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଉଛି। ହସ୍ପିଟାଲ ନର୍ସିଂ ପ୍ରଶାସନର ଉପାଧକ୍ଷ ଡା. ଭିନ୍ସି ଅଶୋକ ତ୍ରିଭୁବନଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଗ୍ରୁପ୍ ମୁଖ୍ୟ ଆର୍ଥିକ ଅଧିକାରୀ ବିଶାଳ ମାହେଶ୍ୱରୀ, ଡା. ନିଖିଲ ମାଥୁର, ଡା. ଅମିତ ସିଂହ, ହରେଶ ତ୍ରିବେଦୀ, ବିନୋଦ ରମଣ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। 'ଆମର ନର୍ସ ଆମର ଭବିଷ୍ୟତ ଯତ୍ନର ଅର୍ଥନୈତିକ ଶକ୍ତି' ଦିବସର ବାର୍ତ୍ତା ରହିଥିବାବେଳେ କାର୍ଯ୍ୟକ୍ରମରେ ନର୍ସଙ୍କୁ ସମ୍ମାନିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ଦକ୍ଷତା ବୃଦ୍ଧି କର୍ମଶାଳା ଆଦିର ଆୟୋଜନ କରାଯାଇଥିଲା। ଏହାସହ ହସ୍ପିଟାଲ ପକ୍ଷରୁ ସ୍ଥାନୀୟ ଅନାଥାଶ୍ରମରେ ପିଲାମାନଙ୍କ ପାଇଁ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଶିବିର ମଧ୍ୟ ଆୟୋଜନ କରିଥିଲା। କେୟାର ହସ୍ପିଟାଲର ଜୋନାଲ ଚିଫ୍ ଅପରେଟିଂ ଅଫିସର କିଶଲୟ ଆନନ୍ଦ କହିଛନ୍ତି, ନର୍ସମାନେ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ମେରୁଦଣ୍ଡ। ସେମାନଙ୍କର କ୍ଲିନିକାଲ ବିଶେଷଜ୍ଞତା, ଭାବପ୍ରବଣ ବୁଦ୍ଧିମତ୍ତା ଏବଂ ନିରନ୍ତର ସମର୍ପଣ ପ୍ରତିଦିନ ନିରାପଦ ଏବଂ ପ୍ରଭାବଶାଳୀ ସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରେ।

# ମଣିପାଲ ହସ୍ପିଟାଲରେ ଜଟିଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୩।୫

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଜଟିଳ ଅସ୍ତ୍ରୋପଚାର (ଆବ୍‌ଡୋମିନାଲ୍ ଏଓର୍ଟିକ୍ ଏନ୍ୟୁରିଜମ) ସଫଳତାର ସହ ଶେଷ ହୋଇଛି। ବାଲେଶ୍ୱରରୁ ଆସିଥିବା ଜଣେ ୬୦ ବର୍ଷୀୟ ରୋଗୀ ହଠାତ୍ ପେଟ ଓ ପିଠିରେ ଯନ୍ତ୍ରଣା ହେବାରୁ ତାଙ୍କ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ସମୟରେ ଏହା ଜଟିଳ ରୋଗର ଲକ୍ଷଣ ଦେଖି ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ତୁରନ୍ତ ମଣିପାଲ ହସ୍ପିଟାଲ ଭୁବନେଶ୍ୱରକୁ ରେଫର କରାଇଥିଲେ। ସେଠାରେ ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ଦିବ୍ୟରଞ୍ଜନ ବେହେରା ତାଙ୍କର ସମସ୍ତ ପ୍ରକାର ଡାକ୍ତରୀ ପରୀକ୍ଷା ପରେ ରୋଗୀ ଆବ୍‌ଡୋମିନାଲ୍ ଏଓର୍ଟିକ୍ ଏନ୍ୟୁରିଜମ୍‌ରେ ପୀଡିତ ବୋଲି ଜାଣିବାକୁ ପାଇଥିଲେ, ଯେଉଁଥିରେ ଶରୀରକୁ ରକ୍ତ ପ୍ରଦାନ କରୁଥିବା ମୁଖ୍ୟ ରକ୍ତନଳୀ ଆବ୍‌ଡୋମିନାଲ୍ ଏଓର୍ଟା ପତଳା ହୋଇ ଏକ ବେଲୁନ୍ ଭଳି ଫୁଲି ଫାଟିଯିବା ପରିସ୍ଥିତିରେ ପହଞ୍ଚିଯାଇଥିଲା। ଏ ସମ୍ପର୍କରେ ଡା. ବେହେରା କହିଛନ୍ତି, ଠିକ୍ ସମୟରେ ରୋଗକୁ ଚିହ୍ନଟ କରି ଅତ୍ୟାଧୁନିକ ପଦ୍ଧତିରେ ଚିକିତ୍ସା କରାଯିବାରୁ ରୋଗୀର ଜୀବନ ରକ୍ଷା କରାଯାଇପାରିଲା। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଏଥିପାଇଁ ଡାକ୍ତର ଦିବ୍ୟରଞ୍ଜନ ବିଶେଷ କରି ଡାକ୍ତର ବିଶ୍ୱଜିତ ମହାପାତ୍ର, ଡାକ୍ତର ସୁଭଶ୍ରୀ ସାମନ୍ତରାୟ, ଡାକ୍ତର ରାଜଶ୍ରୀ, ଡାକ୍ତର ବିବେକ ଚୌଧୁରୀଙ୍କ ସମେତ କ୍ୟାଥ୍‌ଲାବ୍ ଓ ସିସିୟୁର ସମସ୍ତ ଷ୍ଟାଫ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର ଏହି ଜଟିଳ ଅପରେଶନ ପାଇଁ ଡାକ୍ତର ଦିବ୍ୟରଞ୍ଜନ ବେହେରା ଓ ତାଙ୍କ ପୁରା ଟିମ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆଲୁମିନିୟମ ଶିଳ୍ପ ବର୍ଜ୍ୟରୁ ଉଚ୍ଚ ଶୁଦ୍ଧତା ଗ୍ରାଫାଇଟ୍

ଭୁବନେଶ୍ୱର,୧୩।୫



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମରେ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ-୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସଫଳତାପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଘୋଷଣା କରାଯାଇଛି। ଏ ନେଇ ଏକ ପେଟେଣ୍ଟ ପ୍ରଦାନ କରାଯାଇଛି, ଯାହା ଆଲୁମିନିୟମ ଶିଳ୍ପ ବର୍ଜ୍ୟରୁ ଉଚ୍ଚ ଶୁଦ୍ଧତା ଗ୍ରାଫାଇଟ୍ (୯୯%) ପୁନରୁଦ୍ଧାରକୁ ସକ୍ଷମ କରିଛି। ଏହି ସଫଳତା ଚଳିତ ବର୍ଷର ବିଷୟବସ୍ତୁର ଉଦାହରଣ ଦିଏ, ଯନ୍ତ୍ର-ନୂତନ ପ୍ରଯୁକ୍ତିବିଦ୍ୟା, ଗବେଷଣା ଏବଂ ତ୍ୱରାନ୍ୱିତ ପାଇଁ ଯୁଗାନ୍ତର'-ଶିଳ୍ପ ଅପଚୟକୁ ଏକ ରଣନୈତିକ ଜାତୀୟ ସମ୍ପଦରେ ପରିଣତ କରିଛି। ଏହି ପେଟେଣ୍ଟ ପ୍ରକ୍ରିୟା ବେଦାନ୍ତ ଆଲୁମିନିୟମର ଇନ-ହାଉସ୍ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ (ଆର୍ ଆଣ୍ଡ ଡି) ଟିମ୍ ଦ୍ୱାରା ସିଏସ୍‌ଆଇଆର୍-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ଆଇଏମ୍‌ଏମ୍‌ଟି) ଭୁବନେଶ୍ୱର ସହିତ ସହଯୋଗରେ ବିକଶିତ ହୋଇଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଇଲେକ୍ଟ୍ରିକ୍ ଯାନ, ଶକ୍ତି ସଂରକ୍ଷଣ ଏବଂ ଉଚ୍ଚ ପ୍ରଯୁକ୍ତି ଇଲେକ୍ଟ୍ରୋନିକ୍ସ ପାଇଁ ଭାରତର ଚାହିଦା ଆକାଶଛୁଆଁ ହେବାକୁ ଯାଉଛି। ଆମର ପେଟେଣ୍ଟ ସମାଧାନ ସମୟୋପଯୋଗୀ ଏବଂ ପରିବର୍ତ୍ତନକାରୀ। ଏହା ଶୂନ୍ୟ-ଅପଚୟ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଉତ୍ପାଦନର ଆମର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ସହିତ ଭାରତର ଗୁରୁତ୍ୱପୂର୍ଣ୍ଣ ଖଣିଜ ରୋଡ୍‌ମ୍ୟାପ୍ ପାଇଁ ଆମର ଅବଦାନକୁ ସୁଦୃଢ଼ କରିଛି।

# ସିମ୍ଫୋନିର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର, ୧୩।୫(ଅନୁରାଧା ମହାରଣା)

ମେ ୭ ତାରିଖରେ ବଜାର ବନ୍ଦ ହେବା ପରେ ସିମ୍ଫୋନି ଏହାର ଚତୁର୍ଥ ତ୍ରୈମାସିକ ( ଆର୍ଥିକବର୍ଷ-୨୫ର ଚତୁର୍ଥ ତ୍ରୈମାସିକ) ଫଳାଫଳ ଘୋଷଣା କରିଥିଲା। ଏଥିରେ କମ୍ପାନୀ ୭୯ କୋଟିର ନେଟ୍ ଲାଭ ରିପୋର୍ଟ କରିଥିଲା। ଏହା ଗତ ବର୍ଷର ସମାନ ସମୟରେ ରେକର୍ଡ ହୋଇଥିବା '୪୮ କୋଟି ନେଟ୍ ଲାଭ ତୁଳନାରେ ପ୍ରାୟ ୬୫ ପ୍ରତିଶତ ଅଭିବୃଦ୍ଧିକୁ ଦର୍ଶାଉଛି। ଏହି ସମୟ ମଧ୍ୟରେ କମ୍ପାନୀର ପରିଚାଳନା ଆୟ ୪୮୮ କୋଟିକୁ ବୃଦ୍ଧି ପାଇଛି। ଏହି ଏୟାର କୁଲର ନିର୍ମାଣକାରୀ କମ୍ପାନୀ ୧୦୩ କୋଟିର ଏବିଟିଡା ରିପୋର୍ଟ କରିଛି, ଯାହା ବର୍ଷ ଅନୁପାତରେ ୭୭ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଏବିଟିଡା ମାର୍ଜିନ ୨୧.୨୨ ପ୍ରତିଶତ ରହିଛି। ଆର୍ଥିକ ବର୍ଷ ୨୦୨୪-୨୫ର ଚତୁର୍ଥ ତ୍ରୈମାସିକ ଫଳାଫଳ ସହ ସିମ୍ଫୋନି ଆର୍ଥିକବର୍ଷ ୨୫ ପାଇଁ ପ୍ରତି ଇକ୍ୱିଟି ଶେୟାର ପାଇଁ ୮ଟଙ୍କାର ଅନ୍ତିମ ଲାଭାଂଶ ଘୋଷଣା କରିଛି। ଲାଭାଂଶ ପାଇବାକୁ ଯୋଗ୍ୟ ଶେୟାରହୋଲ୍ଡରମାନଙ୍କ ପାଇଁ ରେକର୍ଡ ତାରିଖ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ। କମ୍ପାନୀ କହିଛି, ଭାରତରେ ୨୦୨୫ ଗ୍ରୀଷ୍ମ ଋତୁ ଆଶାଜନକ ଭାବରେ ଆରମ୍ଭ ହୋଇଥିଲା, ମାତ୍ର ତା'ପରେ ଅନିୟମିତ ପାଗ ଯୋଗୁ ଗତି ଟିକେ ଧୀର ହୋଇଯାଇଛି। ଆମେ ଅର୍ଦ୍ଧ ସହରୀ ଏବଂ ଗ୍ରାମୀଣ ବଜାର ସହ ଆଧୁନିକ ଖୁଚୁରା ଚ୍ୟାନେଲ ଉପରେ ଧ୍ୟାନ ଦେଇ ରହିଛୁ। ଆମର ରଣନୈତିକ ଧ୍ୟାନ ଏହି ବିକାଶଶୀଳ ବଜାରଗୁଡ଼ିକରେ ବିସ୍ତାର କରିବା, ଡିଜିଟାଲ ବିସ୍ତାରକୁ ତ୍ୱରାନ୍ୱିତ କରିବା ଏବଂ ଆଧୁନିକ ବାଣିଜ୍ୟ ସହ ସହଭାଗିତାକୁ ବିସ୍ତାର କରିବା ଉପରେ ରହିଛି।

## ଜାତୀୟ/ଅନ୍ତର୍ଜାତୀୟ

# ବିଷାକ୍ତ ମଦ ପିଇ ୨୧ ମୃତ

ଚଣ୍ଡିଗଡ଼/ଅମୃତସର,୧୩।୫(ପି.ଟି.)



ଅମୃତସର ମର୍ଦ୍ଦିକଲନ ଗ୍ରାମରେ ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବା ସରବଜିତ୍ ସିଂଙ୍କ ପରିବାରର ମହିଳାମାନେ ଦୁଃଖରେ ଭାଙ୍ଗି ପଡିଛନ୍ତି।

ପଞ୍ଜାବର ଅମୃତସର ଜିଲାରେ ବିଷାକ୍ତ ମଦ ପିଇ ୨୧ ଜଣଙ୍କ ମୃତ୍ୟୁ ଘଟିଥିବା ମଙ୍ଗଳବାର ପୋଲିସ କହିଛି। ଅଧିକାଂଶ ମୃତକ ଦିନ ମଜୁରିଆ। ଗୁରୁତର ଅବସ୍ଥାରେ ୬ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସୋମବାର ରାତିରେ ଭଙ୍ଗାଲି, ପଟଲପୁରୀ, ମରାରି କଲନ ଏବଂ ଥେରେୱାଲ ଗ୍ରାମରେ ମଦମୃତ୍ୟୁ ଘଟିଛି। ମଦ ପ୍ରସ୍ତୁତି ପାଇଁ ଅନ୍‌ଲାଇନରେ ପ୍ରଚୁର ପରିମାଣରେ ମିଥାନଲ କିଣାଯାଇଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ନିରୀହ ଲୋକଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ, ସେମାନଙ୍କୁ ଛଡ଼ାଯିବ ନାହିଁ। ଏହା ମୃତ୍ୟୁ ନୁହେଁ ବରଂ ହତ୍ୟା ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ବିରୋଧୀ ଦଳଗୁଡ଼ିକ ମଦମୃତ୍ୟୁ ପାଇଁ ଆପ୍ ସରକାରଙ୍କୁ ଦାୟୀ କରିଛନ୍ତି। ମଦ ମାଫିଆଙ୍କୁ ନିୟନ୍ତ୍ରଣ କରିବାରେ ମାନ୍ ସରକାର ବିଫଳ ହୋଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମାନ୍ ଏବଂ ଅବକାରୀ ମନ୍ତ୍ରୀ ହରପାଲ ସିଂ ଚିମା ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ପଞ୍ଜାବରେ ୧୪ ମାସ ମଧ୍ୟରେ ଏହା ଦ୍ୱିତୀୟ ମଦମୃତ୍ୟୁ। ଗତବର୍ଷ ମାର୍ଚ୍ଚରେ ସଙ୍ଗରୁର ଜିଲାରେ ବିଷାକ୍ତ ମଦ ପିଇ ୨୦ ଜଣଙ୍କ ଜୀବନ ଯାଇଥିଲା। ୨୦୨୦ରେ ତର୍ନ ତରନ, ଅମୃତସର ଏବଂ ବାଟଲାରେ ମଦ ପିଇ ମୋଟ ୧୨୦ ଜଣ ପ୍ରାଣ ହରାଇଥିଲେ।

# ଆସୁଛି ବାତ୍ୟା 'ଶକ୍ତି'

ନୂଆଦିଲ୍ଲୀ,୧୩।୫

ବଙ୍ଗୋପସାଗରରେ ଆସନ୍ତା ୨୩ରୁ ୨୮ ତାରିଖ ମଧ୍ୟରେ ଏକ ସାମୁଦ୍ରିକ ବାତ୍ୟା ସୃଷ୍ଟି ହେବା ସମ୍ଭାବନା ସୃଷ୍ଟି ହୋଇଛି। ପାଣିପାଗ ବିଜ୍ଞାନୀ ମୋସ୍ତୋଫା କମଲ ପୋଲାଶ ଏଭଳି ସତର୍କ ସୂଚନା ଦେଇଛନ୍ତି। ଏହି ସମ୍ଭାବ୍ୟ ବାତ୍ୟାର ନାଁ ଶ୍ରୀଲଙ୍କାର ପ୍ରସ୍ତାବକ୍ରମେ 'ଶକ୍ତି' ରଖାଯିବ। ଏହା ଆସନ୍ତା ୨୪ରୁ ୨୬ ତାରିଖ ମଧ୍ୟରେ ସ୍ଥଳଭାଗ ଛୁଇଁବାକୁ ଥିବାବେଳେ ଓଡ଼ିଶା ଉପକୂଳରୁ ବାଂଲାଦେଶର ଚଟ୍ଟୋଗ୍ରାମ ଉପକୂଳ ପର୍ଯ୍ୟନ୍ତ ପ୍ରଭାବିତ ହୋଇପାରେ। ବିଶେଷକରି ପଶ୍ଚିମବଙ୍ଗ ଏବଂ ବାଂଲାଦେଶର ଖୁଲନା ଉପଖଣ୍ଡ ଅଧିକ ପ୍ରଭାବିତ ହେବା ନେଇ ଆଶଙ୍କା ରହିଥିବା ମୋସ୍ତୋଫା ସୋସିଆଲ ମିଡିଆରେ ଲେଖିଛନ୍ତି। ଏନେଇ ବାଂଲାଦେଶ ପାଣିପାଗ ବିଭାଗ ପକ୍ଷରୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ସତର୍କ ସୂଚନା ଜାରି ହୋଇଛି। ଉକ୍ତ ସୂଚନା ଅନୁଯାୟୀ ମେ' ୧୬ରୁ ୧୮ ମଧ୍ୟରେ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟିହେବ। ତାହା କ୍ରମେ ଘନୀଭୂତ ହୋଇ ବାତ୍ୟାର ରୂପ ନେବ। ଏହାର ପ୍ରଭାବରେ ବାଂଲାଦେଶର ଉପକୂଳ ଅଞ୍ଚଳରେ ଜୋର୍‌ଦାର ପବନ ସହ ପ୍ରବଳ ବର୍ଷା ହେବ ବୋଲି କୁହାଯାଇଛି।

# ଦକ୍ଷିଣ ବଙ୍ଗୋପସାଗରରେ ପହଞ୍ଚିଲା ମୌସୁମୀ

ନୂଆଦିଲ୍ଲୀ, ୧୩।୫(ପି.ଟି.)

ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ମଙ୍ଗଳବାର ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ନିକୋବର ଦ୍ୱୀପପୁଞ୍ଜ ସମେତ ଉତ୍ତର ଆଣ୍ଡାମାନ ସାଗରର କେତେକ ଅଞ୍ଚଳରେ ପ୍ରବେଶ କରିଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ୨ ଦିନ ହେଲା ନିକୋବର ଦ୍ୱୀପପୁଞ୍ଜରେ ପ୍ରବଳ ବର୍ଷା ଲାଗିରହିଛି। ଏହି ସମୟରେ ଦକ୍ଷିଣ ବଙ୍ଗୋପସାଗର, ନିକୋବର ଦ୍ୱୀପପୁଞ୍ଜ ଏବଂ ଆଣ୍ଡାମାନ ସାଗରରେ ପ୍ରବଳ ବେଗରେ ପଶ୍ଚିମା ବାୟୁ ପ୍ରବାହ ଜାରି ରହିଛି। ବାଦଲ ଭର୍ତ୍ତିର ସୂଚନା ଦେଉଥିବା ଆଉଟ୍‌ଗୋଇଂ ଲଙ୍ଗୱେଭ୍ ରେଡିଏଶନ (ଓଏଲ୍‌ଆର୍) ଉକ୍ତ ଅଞ୍ଚଳରେ ହ୍ରାସ ପାଇଥିବାରୁ ମୌସୁମୀ ଆସିବା ସ୍ଥିତିକୁ ଏହା ସ୍ପଷ୍ଟ କରୁଛି ବୋଲି ପାଣିପାଗ ବିଭାଗ କହିଛି। ଆଗାମୀ ୩ରୁ ୪ ଦିନ ମଧ୍ୟରେ ମୌସୁମୀ ଦକ୍ଷିଣ ଆରବ ସାଗରର ଅଧିକ ଅଞ୍ଚଳ, ମାଳଦ୍ୱୀପ ଏବଂ କମୋରିନ୍ ଅଞ୍ଚଳ, ଦକ୍ଷିଣ ବଙ୍ଗୋପସାଗରର ଅଧିକ ଅଞ୍ଚଳ, ସମ୍ପୂର୍ଣ୍ଣ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଆଣ୍ଡାମାନ ସାଗରର ଅବଶିଷ୍ଟ ଅଞ୍ଚଳ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଅଗ୍ରସର ହେବାର ଅନୁକୂଳ ସ୍ଥିତି ସୃଷ୍ଟି ହୋଇଛି। କେରଳରେ ମୌସୁମୀ ମେ' ୨୭ରେ ପହଞ୍ଚି ପ୍ରଥମ ବର୍ଷା କରିପାରେ ବୋଲି ପାଣିପାଗ ବିଭାଗ କହିଛି।

# 'ସରକାରୀ ପଦବୀ ଗ୍ରହଣ କରିବି ନାହିଁ'

## ଅବସର ନେଲେ ସିଜେଆଇ ସଞ୍ଜୀବ ଖାନ୍ନା

ନୂଆଦିଲ୍ଲୀ,୧୩।୫



ସଞ୍ଜୀବ ଖାନ୍ନା

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ମଙ୍ଗଳବାର ନିଜ ପଦରୁ ଅବସର ଗ୍ରହଣ କରିଛନ୍ତି। ପରବର୍ତ୍ତୀ ସିଜେଆଇ ଭାବେ ଜଷ୍ଟିସ୍ ବି.ଆର୍. ଗଭାଇ ବୁଧବାର ଦାୟିତ୍ୱ ଗ୍ରହଣ କରିବେ। ଜଷ୍ଟିସ୍ ଖାନ୍ ସିଜେଆଇ ଭାବେ ତାଙ୍କର ସଂକ୍ଷିପ୍ତ କାର୍ଯ୍ୟକାଳ ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲାର ସମାଧାନ କରିଥିଲେ। ଅବସର ପରେ ସେ କୌଣସି ସରକାରୀ ପଦବୀ ଗ୍ରହଣ କରିବେ ନାହିଁ ବୋଲି ବିଦାୟକାଳୀନ ଉତ୍ସବ ଶେଷରେ ସ୍ପଷ୍ଟ କରିଛନ୍ତି। ତେବେ ସେ ତାଙ୍କର ତୃତୀୟ ଇନିଂସରେ ଆଇନ ସମ୍ପର୍କିତ କାର୍ଯ୍ୟ କରିବେ ବୋଲି କହିଛନ୍ତି।

ଜଷ୍ଟିସ୍ ଖାନ୍ନା ୨୦୧୯ ଜାନୁଆରୀ ୧୮ରେ ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ପାଇଥିବାବେଳେ ୨୦୨୪ ନଭେମ୍ବର ୧୧ରେ ସିଜେଆଇ ନିଯୁକ୍ତ ହୋଇଥିଲେ। ମାତ୍ର ୬ ମାସ ସିଜେଆଇ ଭାବେ ଦାୟିତ୍ୱ ସମ୍ପାଦନ କରିଥିବା ଜଷ୍ଟିସ୍ ଖାନ୍ କେତେକ ସମ୍ବେଦନଶୀଳ ମାମଲାର ସମାଧାନ କରିଥିଲେ। ନ୍ୟାୟ ପ୍ରଦାନରେ ସେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବଢ଼ାଇଥିଲେ। ଜଷ୍ଟିସ୍ ଖାନ୍ ଖୁବ୍ କମ୍ କଥା କୁହନ୍ତି ଏବଂ ସର୍ବସାଧାରଣରେ କ୍ୱଚିତ୍ ଉପସ୍ଥିତି ଜାହିର କରିଥାନ୍ତି। ଭାଷଣ କିମ୍ବା ମନ୍ତବ୍ୟ ଜରିଆରେ କ୍ୱଚିତ୍ ଗଣମାଧ୍ୟମରେ ଚର୍ଚ୍ଚାକୁ ଆସିଥାନ୍ତି। ତେବେ ତାଙ୍କର ନ୍ୟାୟିକ କାର୍ଯ୍ୟ ତାଙ୍କ ସମ୍ପର୍କରେ ବହୁତ କିଛି କହିଥାଏ।

# ରେଡ୍ କାର୍ପେଟରେ ନଗ୍ନତା ଉପରେ କଟକଣା

## ଆରମ୍ଭ ହେଲା ୭୮ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ

କାନ୍ସ, ୧୩।୫



ଆମେରିକୀୟ ମଡେଲ ବେଲା ହଦିଦ୍

୭୮ତମ ବାର୍ଷିକ କାନ୍ସ ଫିଲ୍ମ ଫେଷ୍ଟିଭାଲ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚଳଚ୍ଚିତ୍ର ଉତ୍ସବରେ ସିନେମା ଏବଂ ଫ୍ୟାଶନ ଜଗତର ବିଶିଷ୍ଟ ବ୍ୟକ୍ତିଙ୍କ ସମାବେଶ ଲାଗି ରହିବ। ବଡ଼ ବଡ଼ ଷ୍ଟାର୍‌ମାନେ କାନ୍ସର ରେଡ୍ କାର୍ପେଟରେ ସେମାନଙ୍କ ଜଲୱା ଦେଖାଉଥିବା ନଜରକୁ ଆସିବେ। ତେବେ ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ସୋମବାର ଏହାର ଆୟୋଜକଙ୍କ ପକ୍ଷରୁ ଏକ ଗାଇଡଲାଇନ୍ ଜାରି କରାଯାଇଛି, ଯେଉଁଥିରେ ପୂର୍ବରୁ ରହିଥିବା ନିୟମରେ ପରିବର୍ତ୍ତନ କରାଯାଇଛି। ନୂତନ ଗାଇଡଲାଇନ ଅନୁଯାୟୀ, ଚଳିତ କାନ୍ସ ଫେଷ୍ଟିଭାଲର ରେଡ୍ କାର୍ପେଟରେ ନଗ୍ନତା ପ୍ରଦର୍ଶନକୁ ବାରଣ କରାଯାଇଛି। ସେହିପରି ରେଡ୍ କାର୍ପେଟରେ ଅତ୍ୟଧିକ ଓଜନଦାର ଏବଂ ଓଭର ସାଇଜ୍ ଆଉଟଫିଟ ପିନ୍ଧିବା ଉପରେ ମଧ୍ୟ କଟକଣା ଲଗାଯାଇଛି। କାନ୍ସ ଫିଲ୍ମ ଫେଷ୍ଟିଭାଲ ପକ୍ଷରୁ କୁହାଯାଇଛି, ଚଳିତ ଥର ରେଡ୍ କାର୍ପେଟ ପାଇଁ ଡ୍ରେସ୍ କୋଡ୍ ଖୁବ୍ ଆକର୍ଷଣୀୟ ହେବାକୁ ଯାଉଛି। ଫରାସୀ ନିୟମ ଏବଂ ଫ୍ୟାଶନ୍‌ର ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ନୂତନ ନିୟମକୁ ପ୍ରସ୍ତୁତ କରାଯାଇଛି। ତେବେ ଏହି ନିୟମ ଜରିଆରେ ଫ୍ୟାଶନକୁ ନିୟନ୍ତ୍ରଣ କରିବାର କୌଣସି ଉଦ୍ଦେଶ୍ୟ ନାହିଁ ବୋଲି ଆୟୋଜକ କହିଛନ୍ତି। ନଗ୍ନତା ଏବଂ ଭାରୀ ପୋଷାକ ଯୋଗୁ ରେଡ୍ କାର୍ପେଟରେ ସୃଷ୍ଟି ହେଉଥିବା ସମସ୍ୟାକୁ ଦୂର କରିବା ପାଇଁ ଗାଇଡ୍‌ଲାଇନରେ ପରିବର୍ତ୍ତନ କରାଯାଇଛି। ଲମ୍ବା ଏବଂ ଭାରୀ ପୋଷାକ ଯୋଗୁ ଫେଷ୍ଟିଭାଲରେ ଅତିଥିମାନେ ଉଠିବା କିମ୍ବା ବସିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତାକୁ ଦୃଷ୍ଟିରେ ରଖି ନୂତନ ନିୟମ ଲାଗୁ କରାଯାଇଛି।

ଚଳିତ ଥର କାନ୍ସ ଫିଲ୍ମ ଫେଷ୍ଟିଭାଲର ରେଡ୍ କାର୍ପେଟରେ ଅନେକ ଭାରତୀୟ ଷ୍ଟାର୍ ନିଜ ଜଲୱା ଦେଖାଉଥିବାର ନଜରକୁ ଆସିବେ। ଚଳିତ ଥର ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ଜାହ୍ନବୀ କପୁର, ଶର୍ମିଳା ଟୋଗୋରଙ୍କ ସହ ଅଭିନେତା ଇଶାନ ଖଟ୍ଟର ମଧ୍ୟ କାନ୍ସର ରେଡ୍ କାର୍ପେଟରେ ନଜରକୁ ଆସିବେ। କାନ୍ସ ଫିଲ୍ମ ଫେଷ୍ଟିଭାଲ-୨୦୨୫ରେ ୫ଟି ଭାରତୀୟ ସିନେମା ପ୍ରଦର୍ଶିତ କରାଯିବ। ଏହି ଇଭେଣ୍ଟରେ ୭୦ ଦଶକରେ ରିଲିଜ୍ ହୋଇଥିବା ଶର୍ମିଳା ଟାଗୋରଙ୍କ ଅଭିନୀତ 'ଆରାନ୍ୟେର ଦୀନ ରାତ୍ରୀ'କୁ ପ୍ରଦର୍ଶିତ କରାଯିବ। ସେହିପରି ନୀରଜ ଘାୟୱାନଙ୍କ ନିର୍ଦ୍ଦେଶିତ 'ହୋମବାଉଣ୍ଡ', ଅଭିନେତା ଅନୁପମ ଖେରଙ୍କ ନିର୍ଦ୍ଦେଶିତ 'ତନ୍‌ଭି ଦି ଗ୍ରେଟ', ଶିଲାଦିତ୍ୟ ମୌଳିକଙ୍କ ନିର୍ଦ୍ଦେଶିତ 'ଚରକ' ଏବଂ ସତ୍ୟଜିତ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ (ଏସ୍‌ଆର୍‌ଏଫ୍‌ଟିଆଇ) ଦ୍ୱାରା ନିର୍ମିତ ଫିଲ୍ମ 'ଏ ଡଲ୍ ମେଡ୍ ଅପ୍ ଅଫ୍ କ୍ଲେ'କୁ ମଧ୍ୟ କାନ୍ସ ଫିଲ୍ମ ଫେଷ୍ଟିଭାଲ-୨୦୨୫ରେ ପ୍ରଦର୍ଶନ କରାଯିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................


ମୃତ୍ୟୁଞ୍ଜୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଧିକାଂଶ ବିଦେଶୀ ଖେଳାଳି ଫେରିବେ

**ଆଇପିଏଲ୍**

**ନୂଆଦିଲ୍ଲୀ, ୧୩।୫(ପି.ଟି.)**

ଆସନ୍ତା ୧୭ ତାରିଖରୁ ଆଇପିଏଲ୍ ପୁନଃ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ବିଦେଶୀ ଖେଳାଳିଙ୍କ ଉପଲବ୍ଧତା ଲାଗି ବିସିସିଆଇ ଓ ଆଇପିଏଲ୍ ଫ୍ରାଞ୍ଚାଇଜ୍ ପକ୍ଷରୁ ବିଦେଶୀ ବୋର୍ଡ ଉପରେ ଚାପ ପକାଯାଉଛି। ବିସିସିଆଇ ପକ୍ଷରୁ ଆଇପିଏଲ୍ ସିଓଓ ହେମଙ୍ଗ ଆମିନଙ୍କୁ ବ୍ୟକ୍ତିଗତ ଭାବେ କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସହ କଥା ହେବାକୁ କୁହାଯାଇଛି। ସରକାରଙ୍କ ପକ୍ଷରୁ ଆବଶ୍ୟକ ସୁରକ୍ଷାଜନିତ ଅନୁମତି ମିଳିବା ପରେ ବିସିସିଆଇ ପକ୍ଷରୁ ଆଇପିଏଲ୍‌ର ପରିବର୍ତ୍ତିତ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏଥିଯୋଗୁ ସମସ୍ତ ୧୦ ଦଳ ସେମାନଙ୍କ ଖେଳାଳିଙ୍କୁ ଏକତ୍ରିତ କରାଇବାକୁ ଉଦ୍ୟମ ଚଳାଇଛନ୍ତି। ବିଶ୍ୱର ସର୍ବବୃହତ୍ ଟି୨୦ ଲିଗ୍‌କୁ ଗତ ୯ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ବିବାଦ କାରଣରୁ ସ୍ଥଗିତ ରଖାଯାଇଥିଲା। ସ୍ଥଗିତ ହେବାର ଦିନକ ପରେ ଦୁଇ ଦେଶ ମଧ୍ୟରେ ସିସ୍‌ଫାୟାର ଘୋଷଣା ହୋଇଥିଲା, ଯାହାଫଳରେ ଆଇପିଏଲ୍ ପୁନଃ ଆରମ୍ଭ ଲାଗି ବାଟ ଫିଟିଥିଲା।

'ଆମେ ବିଦେଶୀ ବୋର୍ଡ଼ଙ୍କ ସହ କଥା ହେଉଛୁ। ଫ୍ରାଞ୍ଚାଇଜ୍‌ମାନେ ସିଧାସଳଖ ଖେଳାଳିଙ୍କ ସହ କଥା ହେଉଛନ୍ତି। ଆମେ ଆଶା କରୁଛୁ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଖେଳାଳି ଫେରିବେ' ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି। ତେବେ ଆଇପିଏଲ୍‌ରେ ଖେଳିବେ କି ନାହିଁ ନିଷ୍ପତ୍ତିକୁ ଖେଳାଳିଙ୍କ ଉପରେ ଛାଡ଼ିଦେଇଛି ସିଏ। ଏଭଳି ବିଷୟରେ ଅଷ୍ଟ୍ରେଲିଆ ଖେଳାଳିଙ୍କ ଆସୋସିଏଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଖେଳାଳିଙ୍କ ଉପଲବ୍ଧତା ସମ୍ପର୍କରେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ସିଇଓ କାଶୀ ବିଶ୍ୱନାଥନ କହିଛନ୍ତି, ଆଇପିଏଲ୍‌ର ପରିବର୍ତ୍ତିତ କାର୍ଯ୍ୟସୂଚୀ ସୋମବାର ରାତିରେ ଘୋଷଣା କରାଯାଇଛି। ଆମେ ଆମ ବିଦେଶୀ ଖେଳାଳିଙ୍କ ସହ ଯୋଗାଯୋଗ ଆରମ୍ଭ କରିଛୁ। ଆମକୁ ବୁଧବାର ସୁଦ୍ଧା ସ୍ପଷ୍ଟ ଚିତ୍ର ମିଳିଯିବ। ଆମେ ଆସନ୍ତା ୨୦ ତାରିଖରେ ମ୍ୟାଚ୍ ଖେଳିବୁ। ଆମ ପାଖରେ ଯଥେଷ୍ଟ ସମୟ ଅଛି। ସିଏସ୍‌କେର ବିଦେଶୀ ଖେଳାଳିଙ୍କ ମଧ୍ୟରେ ଡେଭନ କନ୍‌ୱେ, ରାଚିନ ରବୀନ୍ଦ୍ର, ସାମ୍ କୁରାନ, ଜେମି ଓଭରଟନ, ନୂର ଅହମ୍ମଦ ଓ ମାଥିଶା ପାଥିରନା ରହିଛନ୍ତି। ଆଫଗାନିସ୍ତାନର ନୂର ଓ ଶ୍ରୀଲଙ୍କାର ପାଥିରାନା ଦଳରେ ଯୋଗଦେବେ। କିନ୍ତୁ ନ୍ୟୁଜିଲାଣ୍ଡ ଖେଳାଳିଙ୍କ ଉପଲବ୍ଧତାକୁ ନେଇ ସନ୍ଦେହ ରହିଛି। ଅଷ୍ଟ୍ରେଲିଆର ମାର୍କସ୍ ଷ୍ଟୋଇନିସ୍ ଓ ଜୋଶ୍ ଇଙ୍ଗଲିଶଙ୍କ ଫେରିବାର ସମ୍ଭାବନା କମ୍। ସେମାନଙ୍କୁ ପଞ୍ଜାବ କିଙ୍ଗ୍ସ ମୁଖ୍ୟ କୋଚ୍ ରିକି ପଣ୍ଟିଂ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ଅଷ୍ଟ୍ରେଲିଆର ଜାଭିୟର ବାର୍ଟଲେଟ, ଆରୋନ ହାର୍ଡି, ଆଫଗାନିସ୍ତାନର ଆଜମାତୁଲା ଓମାରଜାଇ ଓ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ଫେରିବେ ବୋଲି ଆଶା କରାଯାଉଛି। ୨୦୧୪ ପରେ ପ୍ରଥମଥର ପାଇଁ ପଞ୍ଜାବ ପ୍ଲେଅଫ୍‌ରେ ସ୍ଥାନ ପକ୍କା କରିବାକୁ ଯାଉଛି। ସିଏସ୍‌କେ ଭଳି ସନ୍‌ରାଇଜର୍ସ ହାଇଦ୍ରାବାଦ ପ୍ଲେଅଫ୍‌ରୁ ବାଦ୍ ପଡ଼ିଛି। ହେଲେ ଦଳର ଅଧିନାୟକ ପ୍ୟାଟ୍ କମିନ୍ସ ଓ ଓପନର ଟ୍ରାଭିସ ହେଡ୍ ବଳକା ୩ ମ୍ୟାଚ୍ ଲାଗି ଫେରିବେ ବୋଲି ଆଶା କରାଯାଉଛି। ପ୍ଲେଅଫ୍ ଦୌଡ଼ରେ ଥିବା ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମଙ୍ଗଳବାର ସକାଳେ ବିଦେଶୀ ଖେଳାଳିଙ୍କୁ ଯୋଗାଯୋଗ କରାଯାଇଥିଲା। ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଛି। ବୁଧବାର ସୁଦ୍ଧା ଏ ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିପାରିବ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ କୁହାଯାଇଛି। ଆଇପିଏଲ୍ ଜୁନ୍ ୩ରେ ଶେଷହେବାକୁ ଥିବାବେଳେ ୧୧ ତାରିଖରୁ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ଡବ୍ଲ୍ୟୁଟିସି ଫାଇନାଲ ଖେଳାଯିବ। ଏଥିଯୋଗୁ ଆଇପିଏଲ୍ ପ୍ଲେଅଫ୍ସରେ ଭାଗନେବାକୁ ଥିବା ଏହି ଦୁଇ ଦେଶର ଖେଳାଳିଙ୍କ ପାଖରେ ଖୁବ୍ କମ୍ ଦିନ ରହିବ।

# ଓ୍ୱାରିଙ୍କା, ଗାସ୍କେଟଙ୍କୁ ଓ୍ୱାଇଲ୍ଡ କାର୍ଡ

**ପ୍ୟାରିସ୍, ୧୩।୫ (ଏପି)**

ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତା ପାଇଁ ମଙ୍ଗଳବାର ଯେଉଁ ଖେଳାଳିମାନଙ୍କୁ ଓ୍ୱାଇଲ୍ଡ କାର୍ଡ ମିଳିଛି, ସେମାନଙ୍କ ମଧ୍ୟରେ ୩ଥର ଗ୍ରାଣ୍ଡସ୍ଲାମ ବିଜେତା ଷ୍ଟାନ୍ ଓ୍ୱାରିଙ୍କା ଓ ଫ୍ରେଞ୍ଚ୍ ଭେଟେରାନ ରିଚାର୍ଡ ଗାସ୍କେଟ ଅନ୍ୟତମ।

ଗତ ମାର୍ଚ୍ଚରେ ୪୦ ବର୍ଷ ବୟସରେ ପଦାର୍ପଣ କରିଥିବା ଓ୍ୱାରିଙ୍କା ୨୦୧୪ରେ ଅଷ୍ଟ୍ରେଲିଆନ ଓପନ୍ ଜିତିଥିଲେ। ଏହା ଥିଲା ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ। ପରେ ୨୦୧୫ରେ ଫ୍ରେଞ୍ଚ୍ ଓପନ ଏବଂ ୨୦୧୬ରେ ୟୁଏସ୍ ଓପନ୍ ଟାଇଟଲ ସେ ହାସଲ କରିଥିଲେ। ସୁଇସ୍ ଖେଳାଳି ଜଣକ କିଛିବର୍ଷ ହେଲା ଆଘାତଜନିତ ସମସ୍ୟାରେ ରହୁଥିବାରୁ ଏଟିପି ର୍‍ୟାଙ୍କିଙ୍ଗ୍ ତାଲିକାରେ ୧୩୨ତମ ସ୍ଥାନକୁ ଖସିଆସିଛନ୍ତି। ଗାସ୍କେଟ ପ୍ୟାରିସ୍‌ରେ ତାଙ୍କର ଶେଷ ଟୁର୍ନାମେଣ୍ଟ ଖେଳିବାକୁ ଯାଉଛନ୍ତି। ଏକ ଗ୍ରାଣ୍ଡସ୍ଲାମ ବିଜେତା ହେବାର ସାମର୍ଥ୍ୟ ତାଙ୍କ ନିକଟରେ ରହିଥିଲେ ମଧ୍ୟ ସେ କୌଣସି ଥିରେ ସେମିଫାଇନାଲ ଅତିକ୍ରମ କରିବାରେ ସଫଳ ହୋଇପାରିନାହାନ୍ତି। ଗାସ୍କେଟ ଦୁଇଥର ଓ୍ୱିମ୍ବଲଡନ ସେମିଫାଇନାଲରେ ଏବଂ ଥରେ ୟୁଏସ୍ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ୧୬ ଟୁର୍ ଟାଇଟଲ ହାସଲ କରିଥିବା ବେଳେ ୨୦୧୭ ଡେଭିସ୍ କପ୍ ବିଜେତା ଫ୍ରାନ୍ସ ଦଳର ଅନ୍ୟତମ ସଦସ୍ୟ ଥିଲେ। ଓ୍ୱାଇଲ୍ଡ କାର୍ଡ ପାଇଥିବା ମହିଳା ସିଙ୍ଗଲ୍ସ ଖେଳାଳିମାନଙ୍କ ମଧ୍ୟରେ ଡେଷ୍ଟାନି ଆଇଭା (ଅଷ୍ଟ୍ରେଲିଆ), ଲଏସ୍ ବୋଇସନ (ଫ୍ରାନ୍ସ), ଏଲ୍‌ସା ଜାକ୍ବେମଟ (ଫ୍ରାନ୍ସ), ଲେଓଲିଆ ଜିନ୍‌ଜିନ୍ (ଫ୍ରାନ୍ସ), ଇଭା ଜୋଭିଚ୍ (ଆମେରିକା), କ୍ଲୋ ପାକ୍ୱେଟ (ଫ୍ରାନ୍ସ), ଡିଆନେ ପ୍ୟାରୀ (ଫ୍ରାନ୍ସ) ଓ ଟିଆଣ୍ଟସୋଆ ସାରା ରାକେଟୋମାଙ୍ଗା ରାଜାଓନା (ଫ୍ରାନ୍ସ) ଅନ୍ୟତମ ରହିଛନ୍ତି। ପୁରୁଷ ସିଙ୍ଗଲ୍ସ ପାଇଁ ଓ୍ୱାଇଲ୍ଡ କାର୍ଡ ପାଇଥିବା ଖେଳାଳିମାନେ ହେଲେ ଫ୍ରାନ୍ସର ଆର୍ଥର ଆଜାକ୍ସ, ରିଚାର୍ଡ ଗାସ୍କେଟ ଓ ପିଏରେ ହ୍ୟୁଗ୍ସ ହରବର୍ଟ ଏବଂ ଆମେରିକାର ଏଲିଲିଓ ନାଭା।


## ମନେ ପଡ଼ନ୍ତି

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଏବଟକୃଷ୍ଣ ଚୌଧୁରୀ**

ଗ୍ରାମ- ଅଲଣା, ଜିଲ୍ଲା- କଟକ

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ବନ୍ଧୁବାନ୍ଧବ ଓ ପରିବାରବର୍ଗ

ଧ-୭୬୮୨୪


# ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍: ମନ୍ଧାନା ଦ୍ୱିତୀୟ

**ଦୁବାଇ, ୧୩।୫(ପି.ଟି.)**

ଭାରତର ଷ୍ଟାଇଲିସ୍ ଓପ୍‌ନର ସ୍ମୃତି ମନ୍ଧାନା ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ବିଶ୍ୱର ନମ୍ବର-୧ ସ୍ଥାନ ନିକଟତର ହୋଇଛନ୍ତି। ନିକଟରେ ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତର ସଫଳତାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ସେ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ମନ୍ଧାନା ଏହା ପୂର୍ବରୁ ଗତ ୨୦୧୯ରେ ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟର ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ନିକଟରେ ସେ ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିଥିବା ମୋଟ ୫ଟି ଇନିଂସରେ ୨୬୪ ରନ୍ ସଂଗ୍ରହକରି ଟୁର୍ନାମେଣ୍ଟର ଦ୍ୱିତୀୟ ଅଗ୍ରଣୀ ରନ୍‌ସ୍କୋରର ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ବିପକ୍ଷ ଫାଇନାଲରେ ୧୦୧ ବଲ୍‌ରୁ ୧୧୬ ରନ୍ କରିଥିବା ମନ୍ଧାନା ବର୍ତ୍ତମାନ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଦକ୍ଷିଣ ଆଫ୍ରିକା ଅଧିନାୟିକା ଲାଉରା ଓଲ୍ଭାର୍ଡଟଙ୍କଠାରୁ ୧୧ ରେଟିଂ ପଏଣ୍ଟ ପଛରେ ରହିଛନ୍ତି, ଯିଏକି ତ୍ରିରାଷ୍ଟ୍ରୀୟ ସିରିଜରେ ମାତ୍ର ୮୬ ରନ୍ କରିଥିଲେ। ଟୁର୍ନାମେଣ୍ଟରେ ୧୩୯ ରନ୍ କରିଥିବା ଶ୍ରୀଲଙ୍କା ଅଧିନାୟକ ଚାମରୀ ଆଥାପାଥୁଙ୍କର ଟପ୍ ୧୦କୁ ପଦୋନ୍ନତି ଘଟିଛି। ବୋଲର ତାଲିକାରେ ପଦୋନ୍ନତି ପାଇଥିବା ଖେଳାଳିମାନଙ୍କ ମଧ୍ୟରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭାରତୀୟ ସ୍ପିନର ସ୍ନେହ ରାଣା ରହିଛନ୍ତି।

# ଓଡ଼ିଶା ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର ଖେଳାଳିଙ୍କ ସଫଳତା



ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର ଖୋ ଖୋ ଖେଳାଳି।

**ଭୁବନେଶ୍ୱର, ୧୩।୫**

ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇପରଫର୍ମାନ୍ସ ସେଣ୍ଟର (ଏଚପିସି)ର ୧୩ ଖେଳାଳି ଚଳିତ ବର୍ଷ ବିହାରର ଗୟାଠାରେ ଅନୁଷ୍ଠିତ ୭ମ ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଓଡ଼ିଶା ବାଳିକା ଓ ବାଳକ ଦଳର ପ୍ରତିନିଧିତ୍ୱ କରିଥିଲେ। ଏଥିରେ ବାଳିକା ଦଳ ଚାମ୍ପିୟନ ଓ ବାଳକ ଦଳ ରନରଅପ୍ ହୋଇଥିଲା। ଓଡ଼ିଶା ବାଳିକା ଦଳ ଏକ ରୋମାଞ୍ଚକ ଫାଇନାଲରେ ମହାରାଷ୍ଟ୍ରକୁ ହରାଇ ଥିବାବେଳେ ବାଳକ ଦଳ ମହାରାଷ୍ଟ୍ରଠାରୁ ହାରି ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲା। ଏହା ବ୍ୟତୀତ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟରରେ ତାଲିମପ୍ରାପ୍ତ କୋହ୍ଲାପୁରର ଜଣେ ଆଥଲେଟ୍ ଶରଦ ଘଟଗେ ମହାରାଷ୍ଟ୍ର ଦଳର ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଚପିସିର ଆଉ ଜଣେ ଆଥଲେଟ୍ ରାହୁଲ ମଧ୍ୟ ଦିଲ୍ଲୀ ଦଳର ପ୍ରତିନିଧିତ୍ୱ କରିଥିଲେ। ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସିଏସ୍‌ଆର୍ ବିଭାଗ ମୁଖ୍ୟ ବିକାଶ ଯାଦଭେନ୍ଦୁ କହିଛନ୍ତି ଯେ, "ଏହି ସଫଳତା ଆମ ଖେଳାଳି ଏବଂ ପ୍ରଶିକ୍ଷକଙ୍କ ଦୃଢ଼ ନିଷ୍ଠା ଏବଂ ନିରନ୍ତର ପ୍ରୟାସର ଫଳ। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର ତୃଣମୂଳସ୍ତରରୁ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆମ ଆଥଲେଟ୍‌ମାନେ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ"।



କରାଟେ କ୍ରୀଡ଼ାର ବିକାଶ ଲକ୍ଷ୍ୟରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି ଓଡିଶା ରାଜ୍ୟ କରାଟେ ସଂଘ ସଭାପତି ହରି ପ୍ରସାଦ ପଟ୍ଟନାୟକ।


# Classified Everyday
0674-2580101, 9692975378




**BRIDE WANTED**

Teli Boy 1992, 5'5", +2, dving Business Monthly 30,000/- "Sunasansar"- 9937512659. D-76268

Brahmin Boy 1993, 5'11", MBA Serving Bhubaneswar, Monthly 60,000/- "Sunasansar"- 9937512659. D-76267

**GROOM WANTED**

47 ବର୍ଷ SBI BANK ରେ କାର୍ଯ୍ୟରତ, ବିବାହଯୋଗ୍ୟ ବ୍ୟକ୍ତି ଯୋଗାଯୋଗ କରନ୍ତୁ- 8455853154. D-491




**SALE**

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76452

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265




Do you want to construct a building on your own plot please contact K.K. Construction. 7008268129, 9439143273. D-71397

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Ground Floor Single Room attached Toilet for office at VSS Nagar. 7873657633. D-520




**Relax, Refresh your body, mind at Saikrupa SPA with best therapies. 7848011468.** D-363

Newly open health benefits SPA by expert therapist. Contact- 8280961126. D-76913

**AFFIDAVIT**

I, Saswat Routray, S/o- Subodha Chandra Routray, R/o. Plot No.- 31/2073, Lane No.- 2A, Gangotri Nagar, Sisupalgarh, Bhubaneswar- 751002 declare vide affidavit No.- 40, dated 02.05.2025 that I have changed the name of my son from Shaunak to SHAUNAK ROUTRAY for all purposes. D-528

By virtue of an affidavit Sl. No.-460, dated 13.05.2025, I, Khushboo Paswan (New name), formerly called Khushboo Barma (Old name), W/o- Suraj Barma, R/o. At- Kudabaga, P.O.- Kundukela, P.S.- Bhasma, Dist.- Sundargarh, Odisha, PIN- 770019 declare that I have changed my name from Khushboo Barma to Khushboo Paswan. Henceforth, I shall be known as Khushboo Paswan for all purposes. D-521

By virtue of an affidavit sworn before the Executive Magistrate, Baripada, Mayurbhanj, dt. 18.03.2025, I, Guru Bari Devi, W/o- Late Kalicharan Bindhani, At-Tulasibani, P.O.- Baunsda, P.S-Jharpokharia, Dist.-Mayurbhanj (Odisha)- 757031 declare that I have changed my name Guru Bari Bindhani to Guru Bari Devi. Henceforth, I will be known as Guru Bari Devi for all purpose. D-524

I, Arzoo Gattani, W/o- Saswat Routray, R/o. Plot No.- 31/2073, Lane No.- 2A, Gangotri Nagar, Sisupalgarh, Bhubaneswar- 751002 declare vide affidavit No.- 41, dated 03.05.2025 that I have changed my name from Arjoo Gattani to ARZOO GATTANI for all purposes. D-529

By virtue of an affidavit before Notary Public, Kantabanji on 13.5.2025 I known as Manjula Herna, D/o- Purasatam Herna of Village- Budhibahal, P.O./P.S.- Turekela, Dist.- Bolangir and after marriage to Bisnu Bag my name is written as Manjula Bag, W/o- Bisnu Bag which is also updated my Aadhaar Card and now I treated as Manjula Bag, W/o- Bisnu Bag of Village- Larki, P.O./P.S.- Turekela, Dist.- Bolangir whereas Manjula Herna and Manjula Bag, W/o- Bisnu Bag is same and one person and from today I will be known as Manjula Bag, W/o- Bisnu Bag in all purposes. D-522

By virtue of an affidavit sworn before the Executive Magistrate, Saintala, dated 13.05.2025, I, Nira Meher, aged about 75 years, D/o- Gokul Meher, W/o- Laxmicharan Meher, resident of Village: At- Kudasingha, P.O.- Tikrapada, P.S.- Saintala, Dist.- Balangir (Odisha), PIN- 767026 declare that I have changed my name from Nirabati Meher to Nira Meher. Henceforth, I shall be known as Nira Meher for all purpose.
Nira Meher D-530

**LEGAL NOTICE**

I.R. No.- 622/ Date- 21.04.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ (ଶ୍ରୀ ପ୍ରଦୀପ କୁମାର ନାୟକ) ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଆର୍.ପି. କେସ୍ ନଂ.- ୧୯୫୫/୨୦୧୪

କ୍ଷୀରୋଦ ଚନ୍ଦ୍ର ପାଣିଗ୍ରାହୀ, ପିତା- ଭରତ ପାଣିଗ୍ରାହୀ ....ବାଦୀ

ବନାମ

ଏମ୍/ଅସ ସୃଷ୍ଟି ଇଷ୍ଟେଟ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

୩(କ) ରାମଚନ୍ଦ୍ର ଭୋଇ, ପିତା- ସ୍ୱର୍ଗତ ଭ୍ରମରବର ଭୋଇ, ସା/ପୋଷ୍ଟ- ଘାଟିକିଆ, ଥାନା-ଖଣ୍ଡଗିରି, ଜିଲା-ଖୋର୍ଦ୍ଧା।

ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୩।୦୬।୨୦୨୫ରିଖ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଘାଟିକିଆ, ତହସିଲ- ଭୁବନେଶ୍ୱର, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା।

ସାବକ

ଖାତା ନଂ.-୧୮, ପ୍ଲଟ୍ ନଂ.-୯୫୮, କିସମ- ଶାରଦ-୩, ରକବା- ଏ.୦.୯୧୮ଡି., ସ୍ୱଧରୁ ଏ.୦.୦୮୪ଡି., ସ୍ୱତ୍ୱ- ସ୍ଥିତିବାନ୍

ହାଲ୍

ଖାତା ନଂ.- ୧୫୫, ପ୍ଲଟ୍ ନଂ.- ୫୨୨୯, କିସମ- ଶାରଦ ଅଣ ଜଳସେଚିତ-୩, ରକବା- ଏ.୦.୧୦୦ଡି., ସ୍ୱଧରୁ ଏ.୦.୦୮୪ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୫୨୩


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





# ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶିତ

## ଦିଲ୍ଲୀ ପବ୍ଲିକ ସ୍କୁଲର ଶତ ପ୍ରତିଶତ ସଫଳତା



ଐଶ୍ୱର୍ଯ୍ୟ ଭଗବାନ ସାହୁ



ଅନନ୍ୟା କ୍ରିଷ୍ଣା

**ଢେଙ୍କାନାଳ, ୧୩ା୫ (ରତନ ନାୟାର)**

ସିବିଏସ୍‌ଇ ପରୀକ୍ଷା ଫଳରେ ଢେଙ୍କାନାଳ ଦିଲ୍ଲୀ ପବ୍ଲିକ ସ୍କୁଲ ଶତ ପ୍ରତିଶତ ସଫଳତା ହାସଲ କରିଛି । ଦ୍ୱାଦଶ ଶ୍ରେଣୀରେ ମୋଟ ୧୦୮ଜଣ ଛାତ୍ରୀଛାତ୍ର ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ଅନନ୍ୟା କ୍ରିଷ୍ଣା ୯୫.୨ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଛନ୍ତି। ହରପ୍ରିୟା ସାହୁ ୯୪ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ଓ ସିଦ୍ଧାର୍ଥ ପଣ୍ଡା ୯୨ ପ୍ରତିଶତ ଓ ରମାଶ୍ରେୟା ସାହୁ ୯୨ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଅନନ୍ୟା ଅର୍ଥନୀତିରେ ୧୦୦ରୁ ୧୦୦ନମ୍ବର ରଖିଛନ୍ତି । ୧୮ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଓ ୩୨ଜଣ ଛାତ୍ରୀଛାତ୍ର ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ସେହିପରି ୧୦ମ ଶ୍ରେଣୀରେ ୧୨୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୩୮ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୭୪ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ଐଶ୍ୱର୍ଯ୍ୟ ଭଗବାନ ସାହୁ ୯୬.୪ ପ୍ରତିଶତ ନମ୍ବର ରଖି ଟପ୍ପର ଓ ସୌମ୍ୟସ୍ୱରିତ ନାୟକ ୯୬ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ, ଦିବ୍ୟଜ୍ୟୋତି ମିଶ୍ର ଓ ଇଶିତା ବାନାର୍ଜୀ ୯୬ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି । ଗଣିତରେ ଐଶ୍ୱର୍ଯ୍ୟ ଭଗବାନ ସାହୁ, ଜ୍ୟୋତିଶମାନ ପଣ୍ଡା, ପ୍ରତ୍ୟୁଶ ମାଝୀ ଓ କୌସ୍ତୁବ କୁମାର ୧୦୦ ପ୍ରତିଶତ ନମ୍ବର ରଖିଛନ୍ତି । ଏସ୍‌ଏସ୍‌ଟିରେ ଅବକାଶ ପାଣିଗ୍ରାହୀ ୧୦୦ନମ୍ବର ରଖିଛନ୍ତି । ବିଦ୍ୟାଳୟର ପ୍ରିନ୍ସିପାଲ ସୁବ୍ରମଣ୍ୟ କୁମାର ଶ୍ରୀପଦ, ନିର୍ଦ୍ଦେଶକ ଡ. ଲମ୍ବଜିତ ଦାସ ଓ ପ୍ରୋ ଭାଇସ ଚେୟାରମ୍ୟାନ ବିନୋଦ ଦାଶ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦ୍ୱାଦଶ ଶ୍ରେଣୀରେ ସାତ୍ତ୍ୱିକ ଶତପଥୀ ୯୪.୨ ପ୍ରତିଶତ, ଗୌତମୀ ପ୍ରିୟଦର୍ଶିନୀ ବିଶ୍ୱାଳ ୯୦.୬ ଓ ତ୍ରିସ୍ମାଞ୍ଜଳି ପତି ୯୦.୨ପ୍ରତିଶତ ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଦ୍ୱାଦଶରେ ମୋଟ ୭୪ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି।

## ଦଶମରେ ଅମରେଶ ଜିଲାରେ ଟପ୍ପର

**ସେଣ୍ଟ ଜାଭିୟର୍ସ ହାଇସ୍କୁଲ**

**ଦ୍ୱାଦଶରେ ଆଦ୍ୟାଶା ବିଦ୍ୟାଳୟ ଟପ୍ପର**



ଅମରେଶ ତ୍ରିପାଠୀ



ଆଦ୍ୟାଶା ପ୍ରିୟଦର୍ଶିନୀ

**ଢେଙ୍କାନାଳ, ୧୩ା୫ (ରତନ ନାୟାର)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ପରୀକ୍ଷା ଫଳରେ ଢେଙ୍କାନାଳ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଚଳିତବର୍ଷ ଦଶମ ଶ୍ରେଣୀରେ ୨୨୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରେ ୧୭ଜଣ ଛାତ୍ରୀଛାତ୍ର ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୫୪ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୧୧୪ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୧୯୩ଜଣ ଛାତ୍ରୀଛାତ୍ର ୬୦ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି । ଗଣିତରେ ୪ଜଣ, ଓଡିଆରେ ୬ଜଣ, ସୂଚନା ଓ ପ୍ରଯୁକ୍ତିବିଦ୍ୟାରେ ୨ଜଣ, ସାମାଜିକ ବିଜ୍ଞାନରେ ଜଣେ ଲେଖାଁଏ ଛାତ୍ରୀଛାତ୍ର ଶତ ପ୍ରତିଶତ ନମ୍ବର ରଖିଛନ୍ତି। ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଅମରେଶ ତ୍ରିପାଠୀ ୯୮.୬ ପ୍ରତିଶତ ନମ୍ବର ରଖି ଜିଲାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଶୁଭମ ଶୁଭ୍ରଜିତ୍ ଓ ସମ୍ବିତ କୁମାର ବେହେରା ସମାନ୍ତରାଳ ଭାବେ ୯୮ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଏବଂ କ୍ଷିତିଶ କୁମାର ସାହୁ ୯୭.୬ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅମରେଶ ଢେଙ୍କାନାଳ ସହର ଗାୟତ୍ରୀ ନଗରଠାରେ ରହୁଥିବା ଆୟୁର୍ବେଦିକ ଡାକ୍ତର ବିବେକାନନ୍ଦ ତ୍ରିପାଠୀ ଓ ମାତା ସରିତା ତ୍ରିପାଠୀଙ୍କ କନିଷ୍ଠ ପୁତ୍ର। ଭବିଷ୍ୟତରେ ସେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା ଅମରେଶ ଓ ତାଙ୍କ ମା' ସରିତା ସୂଚନା ଦେଇଛନ୍ତି । ସଫଳତା ହାସଲ ପାଇଁ ସେ ବହୁ ପରିଶ୍ରମ କରିଥିଲେ । ଆହୁରି ଅଧିକ ପ୍ରତିଶତ ନମ୍ବର ରଖିବା ପାଇଁ ଆଶା ମଧ୍ୟ କରିଥିଲେ । ସେ ଗଣିତ ଓ ଓଡ଼ିଆରେ ୧୦୦ ପ୍ରତିଶତ ନମ୍ବର ରଖିଛନ୍ତି । ପରୀକ୍ଷା ଫଳରେ ସେ ବହୁତ ଖୁସି ଅଛନ୍ତି । ଏଥିପାଇଁ ସେ ନିଜର ମାତାପିତା, ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, ପ୍ରିନ୍ସିପାଲଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ସେହିପରି ଦ୍ୱାଦଶ ଶ୍ରେଣୀରେ ବିଜ୍ଞାନ ବିଭାଗର ୬୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ଏଥିରେ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ୮୯.୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ପ୍ରିୟାଂଶୀ ଶତପଥୀ ୮୬.୪ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ପ୍ରୀୟାଂଶୀ ମିଶ୍ର ୮୫.୬ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବିଦ୍ୟାଳୟର ଏହି ସଫଳତାରେ ଛାତ୍ରୀଛାତ୍ର, ଅଭିଭାବକ, ପ୍ରିନ୍ସିପାଲ, ଅଭିଭାବକ-ଶିକ୍ଷକ ସଂଘ, ପରିଚାଳନା ପରିଷଦରେ ଖୁସିର ଲହରି ଖେଳିଯାଇଛି ବୋଲି ପ୍ରିନ୍ସିପାଲ ପ୍ରତାପଚନ୍ଦ୍ର ପାଣିଗ୍ରାହୀଙ୍କ ସୂତ୍ରରୁ ଜଣାପଡିଛି ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଫଳତା



ପ୍ରଜ୍ଞାନ ପ୍ରୟାସ ସୌମ୍ୟା ପ୍ରିୟଦର୍ଶିନୀ ଆରତି ମଲ୍ଲିକ ରାଜରାଜଶ୍ରୀ ଅଭିଜିତ୍ ଦେବଶ୍ରାତ

**କାମାକ୍ଷାନଗର, ୧୩ା୫ (ସୁଧୀର କୁମାର ପରିଡ଼ା)**

ପ୍ରକାଶ ପାଇଛି ସିବିଏସଇ ପକ୍ଷରୁ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ। ଏଥିରେ ଓଡିଶା ଆଦର୍ଶ ବିଦ୍ୟାଳୟ, ଜନ୍ତାରିବୋଲ, କାମାକ୍ଷାନଗର ସଫଳତା ହାସଲ କରିଛି। ଏହି ବିଦ୍ୟାଳୟର ଚଳିତ ବର୍ଷ ଦଶମ ଶ୍ରେଣୀରେ ପାସ୍ ହାର ୯୮.୭ ପ୍ରତିଶତ ରହିଛି। ବିଦ୍ୟାଳୟର ଛାତ୍ର ପ୍ରଜ୍ଞାନ ପ୍ରୟାସ ୯୭.୨% ନମ୍ବର ରଖି ପ୍ରଥମ ସ୍ଥାନ, ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ ପରିଡା ୯୬.୨% ରଖି ଦ୍ୱିତୀୟ ଓ ଆରତି ମଲ୍ଲିକ ୯୫.୬% ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପ୍ରଜ୍ଞାନ ପ୍ରୟାସ ଭବିଷ୍ୟତରେ ଜଣେ ଇଂଜିନିୟର, ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ ପରିଡା ଜଣେ ଡାକ୍ତର ଓ ଛାତ୍ରୀ ଆରତୀ ମଲ୍ଲିକ ଜଣେ ଶିକ୍ଷୟିତ୍ରୀ ହେବେ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ପାସ୍ ହାର ରହିଛି ୯୩.୨୨ ପ୍ରତିଶତ। ବିଦ୍ୟାଳୟର ଛାତ୍ରୀ ରାଜରାଜଶ୍ରୀ ପରିଡା ୯୨.୬%, ଅଭିଜିତ୍ ଲେଙ୍କା ୯୧.୮%, ଦେବଶ୍ରାତ ଖୁଣ୍ଟିଆ ୯୧.୬% ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଦଶମରେ ଅମ୍ରିତ, ଦ୍ୱାଦଶରେ ସାତ୍ତ୍ୱିକ ଟପ୍ପର

**କେନ୍ଦ୍ରୀୟ ବିଦ୍ୟାଳୟ**



ଅମ୍ରିତ ମହାନ୍ତି



ସାତ୍ତ୍ୱିକ ଶତପଥୀ

**ଢେଙ୍କାନାଳ, ୧୩ା୫ (ରତନ ନାୟାର)**

ଢେଙ୍କାନାଳ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ପ୍ରକାଶ ପାଇଛି। ଦଶମ ଶ୍ରେଣୀରେ ଅମ୍ରିତ ମହାନ୍ତି ୯୭.୮ ପ୍ରତିଶତ ରଖି ପ୍ରଥମ, ଶୁଭମ ମହାନ୍ତି ୯୫.୬ ପ୍ରତିଶତ ରଖି ଦ୍ୱିତୀୟ ଓ ସମୀକ୍ଷା ପରିଡା ୯୫.୪ ପ୍ରତିଶତ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଦଶମରେ ୨୦ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଦ୍ୱାଦଶ ଶ୍ରେଣୀରେ ସାତ୍ତ୍ୱିକ ଶତପଥୀ ୯୪.୨ ପ୍ରତିଶତ, ଗୌତମୀ ପ୍ରିୟଦର୍ଶିନୀ ବିଶ୍ୱାଳ ୯୦.୬ ଓ ତ୍ରିସ୍ମାଞ୍ଜଳି ପତି ୯୦.୨ପ୍ରତିଶତ ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଦ୍ୱାଦଶରେ ମୋଟ ୭୪ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସମସ୍ତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର କୁମାର ଦାଶ ଏହି ସଫଳତା ପାଇଁ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଏମ୍‌ପି ରୁଦ୍ର ପାଣିଙ୍କ ଶୋକ

**ଢେଙ୍କାନାଳ, ୧୩ା୫ (ରତନ ନାୟାର)**

ଢେଙ୍କାନାଳର ଶିକ୍ଷାବିତ ଜୟନ୍ତ ବର୍ମାଙ୍କ ପରଲୋକରେ ମଙ୍ଗଳବାର ଏମପି ରୁଦ୍ରନାରାୟଣ ପାଣି ଶୋକ ପ୍ରକାଶ କରିଛନ୍ତି। ଢେଙ୍କାନାଳ ମହାବିଦ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ମହାବିଦ୍ୟାଳୟର ବିକାଶରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ। ତାଙ୍କର ପରଲୋକ ଏକ ଅପୂରଣୀୟ କ୍ଷତି ବୋଲି ଏମ୍‌ପି କହିବା ସହିତ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି।

## ବଜ୍ରପାତରେ ବାଳକ ଗୁରୁତର

**ଭୁବନ, ୧୩ା୫ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଥାନା କାନଖାଇ ଗ୍ରାମର ପବିତ୍ର ମୋହନ ସାହୁଙ୍କ ପୁଅ ଦେବପ୍ରକାଶ ସାହୁ (୧୦) ବଜ୍ରାଘାତରେ ମଙ୍ଗଳବାର ଅପରାହ୍ଣରେ ଗୁରୁତର ଆହତ ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

## ଗଛ, ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଲା, ସ୍କୁଲ ଆଜବେଷ୍ଟେସ୍ ଉଡ଼ାଇଲା





**କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି**

**ପରଜଙ୍ଗ, ୧୩ା୫ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ଣରେ ପ୍ରାୟ ଏକ ଘଣ୍ଟା ଧରି କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଭିନ୍ନ ସ୍ଥାନରେ ଶତାଧିକ ବିଭିନ୍ନ ଗଛ ଭାଙ୍ଗିଥିବା ବେଳେ କିଛି ସ୍ଥାନରେ ଆମ୍ବ ଗଛ ଉପୁଡ଼ି ପଡ଼ିଛି। ଅତ୍ୟଧିକ ପବନ ଯୋଗୁଁ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଥିବା ବେଳେ ବହୁ ସ୍ଥାନରେ ୧୧କେଭି ତାର ଛିଣ୍ଡି ପଡ଼ିଛି। ଫଳରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇପଡ଼ିଛି। ପଟରପଦା ସରକାରୀ ପ୍ରାଥମିକ ସ୍କୁଲର ଆଜବେଷ୍ଟସ ଉଡ଼ାଇନେଇଛି। କୁଆପଥର ବୃଷ୍ଟି ଯୋଗୁ ଅନେକ ଆଜବେଷ୍ଟ କଣା ହୋଇଯାଇଛି । ମେଣ୍ଢାପଦାରେ ଚାଳିଆ ଦୋକାନ ଗୃହଗୁଡ଼ିକ ଉଡ଼ାଇନେଇଛି। ସେହିପରି କଟାବାହାଳ, କମର, କନ୍ଦରସିଂହା, ଲୋଧଣୀ, ପାଳସାହି, ମେଣ୍ଢାପଦା ସମେତ ନଦୀକୂଳ ଅଞ୍ଚଳଗୁଡିକରେ ବହୁ ଲୋକଙ୍କର କ୍ଷୟକ୍ଷତି ହୋଇଛି । ବିଭିନ୍ନ ରାସ୍ତାରେ ଗଛ ଉପୁଡ଼ି ପଡ଼ିଥିବାରୁ ଗାଡ଼ି ଯିବା ଆସିବା ବନ୍ଦ ରହିଛି । ଏହି ବିଷୟରେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା କହିଛନ୍ତି, ପ୍ରଶାସନ ତରଫରୁ ଯଥା ସମ୍ଭବ ବ୍ୟବସ୍ଥା କରାଯାଉଛି । ପରବର୍ତ୍ତୀ ସମୟରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ସୂଚନା ଦେଇଛନ୍ତି। ସେହିପରି ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତ ବିଭାଗ ରାସ୍ତାରେ ଅନେକ ଗଛ ପଡ଼ିଯିବାରୁ ଭାଲୁମୁଣ୍ଡାରୁ ଢେଙ୍କାନାଳ ମୁଖ୍ୟ ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇପଡିଛି। କୁମୁସି ପଞ୍ଚାୟତ ଅଁଳାକଟା ଦଳିତ ସାହିର ବିକାଶ ନାଏକଙ୍କ ଘର ଉପରେ ଗଛ ପଡ଼ିବାରୁ ଛପର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ବର୍ଷାରେ ଆଶ୍ରୟ ନେବା ପାଇଁ ସେ ପଡିଶା ଘର ସହାୟତା ଲୋଡ଼ିଛନ୍ତି। ସେହିପରି ବସନ୍ତପଡା ଛକରେ ଭଗବାନ ବେହେରାଙ୍କ ଦୋକାନ ଘର ଓ ଅଁଳାକଟା ସଞ୍ଜୟ କୁମାର ନାଥଙ୍କ କୁକୁଡ଼ା ଫାର୍ମ ଗୃହ କ୍ଷତିଗ୍ରସ୍ତ ହୋଇଛି।

## ଆନ୍ତର୍ଜାତିକ ନର୍ସିଂ ଦିବସ ପାଳିତ



ଆନ୍ତର୍ଜାତିକ ନର୍ସିଂ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଢେଙ୍କାନାଳ, ୧୩ା୫ (ରତନ ନାୟାର)**

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ ଠାରେ ଢେଙ୍କାନାଳ ଏକାଡେମୀ ଅଫ ମେଡିକାଲ ସାଇନ୍ସ ତରଫରୁ ଇଣ୍ଟରନ୍ୟାସନାଲ ନର୍ସିଂ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଭୁବନେଶ୍ୱରର ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ସମ୍ମାନିତ ଅତିଥି ଭାବରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ପ୍ରଫେସର ଡ. ଗିରୀଶ ରଂଜନ ସାହୁ, ତହସିଲଦାର ସ୍ୱାଧୀନ କୁମାର ବେହେରା, କୋପରେଟିଭ ବ୍ୟାଙ୍କର ପୂର୍ବତନ ପ୍ରେସିଡେଣ୍ଟ ଅକ୍ଷୟ କୁମାର ମହାନ୍ତି, ନିର୍ଦ୍ଦେଶକ ଡା. ରଜନୀକାନ୍ତ ତରାଇ ଏବଂ ଅଧ୍ୟକ୍ଷ ଡ. କଲ୍ୟାଣୀ କୁମାରୀ ମିଶ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ କଲ୍ୟାଣୀ କୁମାରୀ ମିଶ୍ର ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ରଜନୀକାନ୍ତ ତରାଇ ଅତିଥି ପରିଚୟ ପ୍ରଦାନ କରି ଦିବସର ତାତ୍ପର୍ଯ୍ୟ ଓ ଅନୁଷ୍ଠାନର ଅଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ସାହିତ୍ୟିକା ରୋଜାଲିନ ସେନାପତିଙ୍କ ସହ ସମାଜସେବାରେ ସଫଳ ଲାଭ କରିଥିବା ୫ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏଥିସହିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଶ୍ୱଜିତ୍ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପିକା ମଧୁସ୍ମିତା ମଣ୍ଡଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ସଂଯୋଜକ ଅବନୀ ମିଶ୍ର ପରିଚାଳନା କରିଥିଲେ।

## ସାପ କାମୁଡ଼ାରେ ଶିଶୁ ମୃତ

**ସନ୍ତ୍ରିଛକ, ୧୩ା୫ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ପଞ୍ଚାୟତ ଜରପଡ଼ା ଗ୍ରାମର ଦିବ୍ୟାଂଶୁ ନାଏକ(୩)ଙ୍କ ରବିବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବଅଁରପାଳ ଗ୍ରାମର ଦୀପକ ନାଏକ ୨ବର୍ଷ ହେଲା ତାଙ୍କ ଶ୍ୱଶୁର ଘର ଜରପଡ଼ାରେ ରହୁଥିଲେ। ଦିବ୍ୟାଂଶୁ ବାହାରେ ବୁଲୁଥିବା ସମୟରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା । ଘରଲୋକ ଜାଣିବା ପରେ ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ନିଜ ଗ୍ରାମ ବଅଁରପାଳକୁ ଅଣାଯାଇଥିଲା। ଏନେଇ ଦିବ୍ୟାଂଶୁଙ୍କ ଦାଦା ସିପୁନ କୁମାର ନାଏକ ବଅଁରପାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ବଅଁରପାଳ ଥାନା ଏସ୍‌ଆଇ ଜୟକୃଷ୍ଣ ସଏ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି।

## ଖଣି ବିଭାଗ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି

**ଢେଙ୍କାନାଳ, ୧୩ା୫ (ରତନ ନାୟାର)**

ଢେଙ୍କାନାଳ ଖଣି ବିଭାଗରେ ବ୍ୟାପକ ଦୁର୍ନୀତି ଅଭିଯୋଗ କରି ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଭିଜିଲାନ୍ସ ତଦନ୍ତ ପାଇଁ ସୂଚନା ଅଧିକାର ଆବାହକ ପ୍ରିୟବ୍ରତ ଗଡନାୟକ ମଙ୍ଗଳବାର ଭିଜିଲାନ୍ସ କଟକ ଡିଭିଜନ ଏସ୍‌ପିଙ୍କୁ ଲିଖିତ ଭାବରେ ଜଣାଇଛନ୍ତି । ଅଭିଯୋଗରୁ ଜଣାପଡିଛି ଯେ, ଢେଙ୍କାନାଳ ଜିଲାର ୨୬ଜଣ କ୍ୱାରୀ ଲିଜ୍‌ଧାରୀଙ୍କୁ ବେଆଇନ ଭାବରେ ଟ୍ରାଞ୍ଜିଟ୍ ପାସ ଇସ୍ୟୁ କରାଯାଇଛି । ସେହିପରି ଆବଶ୍ୟକ ଥିବା ବ୍ଲାଷ୍ଟିଂ ଅନୁମତି ମଧ୍ୟ ପ୍ରଦାନ କରାଯାଇନାହିଁ । ଏ ସମ୍ପର୍କରେ ପ୍ରିୟବ୍ରତ ସୂଚନା ଅଧିକାର ଆଇନ ବଳରେ ଖଣି ବିଭାଗ ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ । ପ୍ରଦତ୍ତ ତଥ୍ୟ ଅନୁଯାୟୀ କେବଳ ଜଣେ କ୍ୱାରୀ ଲିଜ୍‌ଧାରୀଙ୍କୁ ବ୍ଲାଷ୍ଟିଂ ଲାଇସେନ୍ସ ଅନୁମତି ପ୍ରଦାନ କରାଯାଇଛି । ଅନ୍ୟମାନଙ୍କୁ ପ୍ରଦାନ କରାଯାଇନାହିଁ । ଫଳରେ ଟ୍ରାଞ୍ଜିଟ୍ ପାସ ପ୍ରଦାନ କରାଯାଇଥିବା କ୍ୱାରୀ ଲିଜ୍‌ଧାରୀ ମାନେ ବିନା ବ୍ଲାଷ୍ଟିଂ ଅନୁମତିରେ ପଥରକ୍ୱାରୀକୁ ଚଳାଇ ପାରିବେ ନାହିଁ ବୋଲି ସେ ଦର୍ଶାଇଛନ୍ତି । ତେଣୁ ଏହି ଦୁର୍ନୀତିର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରିୟବ୍ରତ ଭିଜିଲାନ୍ସ ବିଭାଗକୁ ଲେଖିଥିବା ପତ୍ରରେ ଜଣାଇଛନ୍ତି ।

## ଇନ୍ଦିପୁରରେ ବୈଶାଖ ପୂର୍ଣ୍ଣିମା ଯାତ୍ରା

**ଢେଙ୍କାନାଳ, ୧୩ା୫ (ରତନ ନାୟାର)**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଇନ୍ଦିପୁରରେ ୩ଦିନ ଧରି ଅନୁଷ୍ଠିତ ହେଉଥିବା ବୈଶାଖ ପୂର୍ଣ୍ଣିମା ଯାତ୍ରା ମଙ୍ଗଳବାର ଉଦଯାପିତ ହୋଇଛି । ଏହି ଯାତ୍ରା ଅତି ପୁରାତନ ସମୟରୁ ଆରମ୍ଭ ହୋଇ ଗାଁ ପର୍ବର ମାନ୍ୟତା ପାଇଛି। ଗ୍ରାମରେ ରାଧାକୃଷ୍ଣଙ୍କୁ ବିମାନରେ ବସାଇ ଆଲୋକ ରୋସଣୀ, ଲଉଡି ଖେଳ ଓ କିର୍ତ୍ତନ ମଧ୍ୟରେ ଗ୍ରାମ ପରିକ୍ରମା କରି ଯାତ୍ରା ମଣ୍ଡପକୁ ଅଣାଯାଇଥିଲା । ଏଥିପାଇଁ ବିଭିନ୍ନ ସାହିରେ ଓଡିଶୀ କିର୍ତ୍ତନ ମଧ୍ୟ ଅନୁଷ୍ଠିତ ହେବା ସହିତ ଅପେରା ମଧ୍ୟ ପଡିଥିଲା। ଗ୍ରାମ ମୁରବୀ ବିଭୁତି ଭୂଷଣ ନାୟକ ଓ ସାହି ମୁରବୀ ମାନେ ଏଥିରେ ସହଯୋଗ କରିଥିଲେ ।

## ୫୭ ଅଭିଯୋଗ ଶୁଣିଲେ ଜିଲାପାଳ

**ଭୁବନ, ୧୩ା୫ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ସଭାଗୃହରେ ମଙ୍ଗଳାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୋମେଶ ଉପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଓ ଏନଏସିର ବିଭିନ୍ନ ଅଞ୍ଚଳରୁ ୫୭ଟି ଅଭିଯୋଗ ହୋଇଥିବା ବେଳେ ୪ଟି ସାମୂହିକ ଓ ୫୩ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ସେଥିରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଜଣ ହିତାଧିକାରୀଙ୍କୁ ୪୭ହଜାର ଓ ରେଡକ୍ରସ ପାଣ୍ଠିରୁ ୪ଜଣଙ୍କୁ ୨୧ହଜାର ଟଙ୍କା ଚିକିତ୍ସା ପାଇଁ ମୋଟ ୬୮ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣିରେ ଢେଙ୍କାନାଳ ଜିଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତିରଞ୍ଜନ ସେଠୀ, କାମାକ୍ଷାନଗର ଉପଜିଲାପାଳ ଦିନମଣି ନାୟକ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନୀଳମଣି ଦିଲ୍ଲିପ ଚାନ୍ଦ ବେହେରା, ଭୁବନ ତହସିଲଦାର ସୂର୍ଯ୍ୟଶଙ୍କର ଦାସ, ବିଡିଓ ଆୟୁଷୀ ମହାପାତ୍ର, ଜିଲା ବନବିଭାଗ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ, ଅବକାରୀ ବିଭାଗ ଅଧିକାରୀ , ଶିକ୍ଷା ବିଭାଗ ଅଧିକାରିଣୀ, ଯୋଗାଣ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ଯୋଗାଣ ବିଭାଗ ଓ ସମ୍ପାନୀତ ଶିଶୁ ଯୋଜନା ବିଭାଗ ଉପରେ ଅଧିକ ଅଭିଯୋଗ ହୋଇଥିଲା। ଭୁବନ ଥାନା ବାଲିବୋ ପଞ୍ଚାୟତ କାନଖାଇ ଅଞ୍ଚଳରେ ନୂତନ ମଦ ଦୋକାନ ନିର୍ମାଣକୁ ବିରୋଧ କରାଯାଇଥିଲା । ଜିଲାପାଳ ସମସ୍ତ ଅଭିଯୋଗଗୁଡ଼ିକ ଯଥାଶୀଘ୍ର ସମାଧାନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଦାୟୀତ୍ୱ ଦେଇଥିଲେ।



ଶିବିରରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ଲୋକମାନଙ୍କ ଅଭିଯୋଗ ଶୁଣୁଛନ୍ତି।

## ପୋଖରୀ ସୁରକ୍ଷା ସମିତି ପକ୍ଷରୁ ଗଣଧାରଣା

**ଢେଙ୍କାନାଳ, ୧୩ା୫ (ରତନ ନାୟାର)**

ଢେଙ୍କାନାଳ ପୋଖରୀ ସୁରକ୍ଷା ସମିତି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୋଖରୀଗୁଡ଼ିକର ସୁରକ୍ଷା ପାଇଁ ସମିତିର ସଭାପତି ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା । ଗତ ତିନିବର୍ଷ ହେଲା ସରକାରଙ୍କ ପକ୍ଷରୁ ଆମ ପୋଖରୀ ଯୋଜନା ଆରମ୍ଭ ହୋଇଥିଲା । ସେଥିରେ ଢେଙ୍କାନାଳ ସହରର ୧୬ଟି ପୋଖରୀ ଯୋଜନା ପରିସରଭୁକ୍ତ କରାଯାଇ ପଙ୍କୋଦ୍ଧାର କାର୍ଯ୍ୟରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଗଲା । ପଙ୍କମାଟି ବାହାରକୁ ନନେଇ ପୋଖରୀଗୁଡିକୁ ଛୋଟ ଗାଡ଼ିଆ ପରି କରାଗଲା ବୋଲି ପୋଖରୀ ସୁରକ୍ଷା ସମିତି ପକ୍ଷରୁ ଦର୍ଶାଯାଇଥିଲା । ସମିତି ଏହାର ବିରୋଧ କରିଆସୁଛି । ୭ଦିନ ମଧ୍ୟରେ କେବଳ ଭାଗୀରଥି ସାଗର ନୂଆ ପୋଖରୀ ଭିତରେ ଥିବା ପଙ୍କମାଟି ବାହାରକୁ ନିଷ୍କାସନ କରିବା ପାଇଁ ଏକ ଦବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ମାତ୍ର ଜିଲା ପ୍ରଶାସନ କୌଣସି ସମାଧାନ ନକରିବାରୁ ସମିତି ପକ୍ଷରୁ ବାଧ୍ୟ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା କରାଯାଇଥିଲା । ସୋମବାର ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପୋଖରୀ ସୁରକ୍ଷା ସମିତିର କିଛି ସଭ୍ୟଙ୍କୁ ଜଣାଇଥିଲେ ଯେ ପୌରନିର୍ବାହୀ ଅଧିକାରୀଙ୍କୁ ପୋଖରୀରୁ ସମସ୍ତ ପଙ୍କମାଟି ହୁଡ଼ା ବାହାରେ ପକାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ସମିତି ପକ୍ଷରୁ ତାଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। ଆଗାମୀ ୭ଦିନ ଭିତରେ ଏହି ନିର୍ଦ୍ଦେଶ କିଭଳି କାର୍ଯ୍ୟକାରୀ ହେଉଛି ତାକୁ ଅନୁଧ୍ୟାନ କରି ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହି ଗଣଧାରଣାରେ ପୂର୍ବତନ ଏମ୍‌ପି ମହେଶ ସାହୁ, ବିଜେଡି କାଉନସିଲର ସନ୍ଦୀପ ଷଡ଼ଙ୍ଗୀ, ପୂର୍ବତନ କାଉନସିଲର ଜ୍ଞାନଚାନ୍ଦ ମିଶ୍ର, କଂଗ୍ରେସ ଜିଲା ସଭାପତି ସୁନୀଲ ଦାଶ, ପ୍ରେମଶଙ୍କର ମିଶ୍ର, ଆଇନଜୀବୀ ନିର୍ମଳ ମିଶ୍ର, ନାରୀ ନେତ୍ରୀ ସ୍ମିତାରାଣୀ ସାମଲ, ପ୍ରିୟବ୍ରତ ଗଡ଼ନାୟକ, ସରୋଜ ଶତପଥି, ରୁଦ୍ର ପ୍ରସାଦ ଶରଣ, ଆମ୍ ଆଦମୀ ପାର୍ଟି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ପିତାମ୍ବର ସାମନ୍ତରାୟ, ପ୍ରସନ୍ନ ବରାଳ, ପୂର୍ବତନ ସେନା ଅଧିକାରୀ ଅଖିଳ ମହାପାତ୍ର ଓ ନଗେନ କର, ସଚେତନ ନାଗରିକ ଫୋରମର ସମ୍ପାଦକ ଭରତ କୁମାର ଦାସ, ସହ ସମ୍ପାଦକ ଦିଲ୍ଲୀପ କୁମାର ରାଉତ, ମନ୍ମଥ ରାଓ, କିଶୋର ବେହେରା, ଗୋକୁଳାନନ୍ଦ ମାଝୀ, ଅରବିନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ବର୍ଷା ପୂର୍ବରୁ ପୋଖରୀ ଗୁଡ଼ିକରୁ ଦ୍ୱିତୀୟ ହୁଡ଼ା କରାଯାଇଥିବା ପଙ୍କ ମାଟି ବାହାରକୁ ନିଷ୍କାସନ କରା ନଗଲେ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ ଏବଂ ଢେଙ୍କାନାଳ ବନ୍ଦ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଗଣ ଧାରଣାରେ ବିକାଶ ସ୍ୱାଇଁ, ବାସନ୍ତୀ ସ୍ୱାଇଁ, ସୁଜିତ ବେହେରା, ଦୁଷ୍ମନ୍ତ ମହାନ୍ତି, ଚିତ୍ତରଞ୍ଜନ ରାଉତ, ଉଦୟନାଥ ବେହେରା, ଅବିନାଶ ସାହୁ, ମଙ୍ଗୁଳି ବେହେରା ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇଥିଲେ । ଶେଷରେ ଭାଗୀରଥି ସାଗର ସୁରକ୍ଷା ସମିତି ସଭାପତି ପଙ୍କଜ ନାୟକ ଧନ୍ୟବାଦ ଦେଇଥିଲେ ।




ପୋଖରୀ ସୁରକ୍ଷା ସମିତିର ସଦସ୍ୟମାନେ ଧାରଣା ଦେଇଛନ୍ତି।



ଆଲବାନିଆର ଭ୍ଲୋରେଠାରେ ଅନୁଷ୍ଠିତ ଗିରୋ ଡି’ ଇଟାଲିଆ ସାଇକେଲ ରେସର ତୃତୀୟ ଷ୍ଟେଜ୍ ଅବସରରେ ପ୍ରତିଯୋଗୀମାନେ।

# ପେଡେରେଶନ ଡବଲ ଷ୍ଟେଜ୍ ବିଜେତା

**ରୋମ୍, ୧୩।୫**

ବିଶ୍ୱର ଅନ୍ୟତମ ସମ୍ମାନ୍‌ଜନକ ସାଇକେଲ ରେସ୍ ଗିରୋ ଡି’ ଇଟାଲିଆର ୧୦୮ତମ ସଂସ୍କରଣ ଆଲବାନିଆର ଡୁରେସରେ ଆରମ୍ଭ ହୋଇଯାଇଛି। ୩ ସପ୍ତାହବିଶିଷ୍ଟ ଏହି ଗ୍ରାଣ୍ଡ ଟୁର୍ ସାଇକ୍ଲିଂ ଷ୍ଟେଜ୍ ରେସ୍ ଆସନ୍ତା ୧ ତାରିଖରେ ରୋମ୍‌ରେ ଶେଷହେବ। ପ୍ରତିଯୋଗିତାରେ

**ଗିରୋ ଡି ଇଟାଲିଆ-୨୦୨୫**

ମୋଟ ୨୧ଟି ଷ୍ଟେଜ୍ ଅନୁଷ୍ଠିତ ହେବ। ଏହା ମଧ୍ୟରେ ୨ଟି ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ୍ ଓ ୩ଟି ୨୦୦ କିମିରୁ ଉର୍ଦ୍ଧ୍ୱ ଷ୍ଟେଜ୍ ବିଶିଷ୍ଟ ରେସ୍ ରହିଛି। ଏଥର ପ୍ରତିଯୋଗିତାରେ ମୋଟ ୨୩ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ୟୁନିୟନ ସାଇକ୍ଲିଷ୍ଟ ଇଣ୍ଟରନ୍ୟାଶନାଲ (ୟୁସିଆଇ) ନିୟମ ଅନୁସାରେ, କୌଣସି ଏକ ଗ୍ରାଣ୍ଡ ଟୁର୍‌ରେ ୨୨ଟି ଟିମ୍



ତୃତୀୟ ଷ୍ଟେଜ୍ ଜିତିବା ପରେ ମ୍ୟାଡ୍ସ ପେଡେରେଶନ।

ଅଂଶଗ୍ରହଣ କରିପାରିବେ। ସେହି ଅନୁସାରେ ଗିରୋ ଡି’ ଇଟାଲିଆରେ ୧୮ଟି ୟୁସିଆଇ ୱାର୍ଲ୍ଡ ଟିମ୍, ପୂର୍ବ ସିଜନରେ ୨ଟି ଉଚ୍ଚ ର୍‍ୟାଙ୍କପ୍ରାପ୍ତ ୟୁସିଆଇ ପ୍ରୋ ଟିମ୍ ଏବଂ ଆୟୋଜକଙ୍କ ପକ୍ଷରୁ ୨ଟି ଆମନ୍ତ୍ରଣୀୟ ଟିମ୍ ଏଥିରେ ଭାଗ ନେଇଛନ୍ତି। ଏହା ବ୍ୟତୀତ ଗ୍ରାଣ୍ଡ ଟୁର୍ ରେସ୍ ଆୟୋଜକ ଏଏସ୍‌ଓ ଏବଂ ଆରସିଏସ ସ୍ପୋର୍ଟ ୱାଇଲ୍ଡ କାର୍ଡ ମାଧ୍ୟମରେ ଆଉ ଏକ ଟିମ୍‌କୁ ସାମିଲ କରିବାକୁ ୟୁସିଆଇକୁ ଅନୁରୋଧ କରିବାପରେ ଅଂଶଗ୍ରହଣକାରୀ ଦଳ ସଂଖ୍ୟା ୨୩ରେ ପହଞ୍ଚିଛି। ଆଲ୍‌ବାନିଆର ଡୁରେସଠାରୁ ଟିରାନା ପର୍ଯ୍ୟନ୍ତ ୧୬୦ କିଲୋମିଟର ବିଶିଷ୍ଟ ହିଲି ଷ୍ଟେଜ୍‌ରେ ଲିଡଲ-ଟ୍ରେକ୍ ଟିମ୍‌ର ଡେନ୍‌ମାର୍କ ରାଇଡର ମ୍ୟାଡ୍ସ ପେଡେରେଶନ ବିଜେତା ହୋଇଛନ୍ତି। ଟିରାନାରେ ଅନୁଷ୍ଠିତ ୧୩.୭ କିଲୋମିଟର ବିଶିଷ୍ଟ ଇଣ୍ଡିଭିଜୁଆଲ ଟାଇମ୍ ଟ୍ରାଏଲ ରେସ୍‌କୁ ଗ୍ରେଟ୍ ବ୍ରିଟେନର ଜୋଶୁଆ ଟାର୍ଲିଂ ଜିତିଛନ୍ତି। ଆଲବାନିଆର ଭ୍ଲୋରେରେ ଅନୁଷ୍ଠିତ ୧୬୦ କିଲୋମିଟର ବିଶିଷ୍ଟ ତୃତୀୟ ତଥା ହିଲି ଷ୍ଟେଜ୍‌କୁ ପେଡେରେଶନ ପୁଣି ଜିତି ଷ୍ଟାଣ୍ଡିଂର ଆଗରେ ରହିଛନ୍ତି। ୧୨ ତାରିଖ ବିଶ୍ରାମ ଦିବସ ଥିବାବେଳେ ମଙ୍ଗଳବାର ଆଲବେରୋବେଲୋ।ରୁ ଲିସେ ପର୍ଯ୍ୟନ୍ତ ୧୮୯ କିଲୋମିଟର ବିଶିଷ୍ଟ ୪ର୍ଥ (ଫ୍ଲାଟ୍) ଷ୍ଟେଜ୍ ଅନୁଷ୍ଠିତ ହେଉଛି।

# କୋହଲି-ରୋହିତଙ୍କ ଅନୁପସ୍ଥିତି ଇଂଲଣ୍ଡକୁ ଫାଇଦା: ମୋଇନ

**ମୁମ୍ବାଇ, ୧୩।୫:** ଭାରତୀୟ ଟେଷ୍ଟ ଦଳରେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତି ଆଗାମୀ ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଘରୋଇ ଦଳକୁ ବଡ଼ ଫାଇଦା ଦେବ। ଇଂଲଣ୍ଡର ପୂର୍ବତନ ଅଲରାଉଣ୍ଡର ମୋଇନ ଅଲୀ ମଙ୍ଗଳବାର ଏହା କହିଛନ୍ତି। ତାଙ୍କ ମତରେ ଆସନ୍ତା ମାସରେ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଶୁବମନ ଗିଲ ଭାରତୀୟ ଦଳର ନେତୃତ୍ୱ ନେବେ। ରୋହିତ ଓ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିବାରୁ ଭାରତୀୟ ଦଳକୁ ତା’ର ସବୁଠୁ ଅଭିଜ୍ଞ ବ୍ୟାଟରଙ୍କ ବିନା ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଖେଳିବାକୁ ପଡ଼ିବ। ଏହି ସିରିଜ ସହିତ ୨୦୨୫-୨୭ ଡବ୍ଲ୍ୟୁଟିସି ସାଇକେଲ ଆରମ୍ଭ ହେବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଜୁନ ୨୦ ତାରିଖରେ ହେଡିଂଲେଠାରେ ଖେଳାଯିବ।

ମୋ ମତରେ ଦୁଇ ସିନିୟର ବ୍ୟାଟରଙ୍କ ଅନୁପସ୍ଥିତି ଇଂଲଣ୍ଡ ଦଳକୁ ବଡ଼ ଫାଇଦା ପ୍ରଦାନ କରିବ। ଦୁଇ ସିନିୟର ଖେଳାଳି ଅନେକ ଥର ଇଂଲଣ୍ଡ ଟୁର କରିଥିଲେ। ଏଣୁ ସେମାନଙ୍କ ପାଖରେ ଅଭିଜ୍ଞତା ଥିଲା। ମୋର ମନେ ଅଛି, ରୋହିତ ଗତ ଥର ଇଂଲଣ୍ଡ ଟୁରରେ ଖୁବ ଭଲ କରିଥିଲେ। ଦୁହେଁ ଭାରତୀୟ ଦଳର ନେତୃତ୍ୱ ମଧ୍ୟ ନେଇଥିଲେ। ଏହା ଭାରତୀୟ ଦଳ ପାଇଁ ବଡ଼ କ୍ଷତି ବୋଲି ମୋଇନ କହିଛନ୍ତି। ଏତଦ ବ୍ୟତୀତ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଭାବେ ସେ ଶୁବମନ ଗିଲଙ୍କୁ ବାଛିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି ଯେ, ଲମ୍ବା ଫର୍ମାଟରେ ଦଳର ନେତୃତ୍ୱ ନେବାର ଅଭିଜ୍ଞତାର ଅଭାବ ସତ୍ତ୍ୱେ ଗିଲ ଜଣେ ଭଲ ବିକଳ୍ପ। ବିସିସିଆଇ ଯଶପ୍ରୀତ ବୁମରାଙ୍କୁ ଅଧିନାୟକ ଦାୟିତ୍ୱ ଲାଗି ବାଛିପାରେ। କାରଣ ସେ ଜଣେ ଭଲ ଲିଡର ଏବଂ ପୂର୍ବରୁ ଦଳର ନେତୃତ୍ୱ ମଧ୍ୟ ନେଇଛନ୍ତି। କିନ୍ତୁ ତାଙ୍କର ଇଞ୍ଜୁରୀ ରେକର୍ଡ ଯେଉଁ ଭଳି ରହିଛି, ସେ ପୂରା ସିରିଜ୍ ଖେଳିବା ସହଜ ନୁହେଁ। ଏଣୁ ବିସିସିଆଇ ସେଭଳି ଜଣେ ଖେଳାଳିଙ୍କୁ ଅଧିନାୟକ କରିବ, ଯିଏକି ଟେଷ୍ଟ କ୍ରିକେଟରେ ଠିକଠାକ ପ୍ରଦର୍ଶନ କରିଛନ୍ତି। ଗିଲ ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ଦଳର ନେତୃତ୍ୱ ନେଉଛନ୍ତି। ଏଣୁ ତାଙ୍କ ପାଖରେ ଏକ ଭଲ ଅଧିନାୟକ ବିକଳ୍ପ ରହିଛି। କିନ୍ତୁ ଇଂଲିଶ କଣ୍ଡିଶନରେ ଦଳର ନେତୃତ୍ୱ ନେବା ଏକ ଚ୍ୟାଲେଞ୍ଜ ହେବ।

# ପ୍ରେମାନନ୍ଦ ଜୀ ମହାରାଜଙ୍କ ଦର୍ଶନ କଲେ କୋହଲି, ଅନୁଷ୍କା



ଅନୁଷ୍କା ଶର୍ମା ଓ ବିରାଟ କୋହଲି।

**ନୂଆଦିଲ୍ଲୀ, ୧୩।୫**

ଟେଷ୍ଟ କ୍ରିକେଟ୍‌ରୁ ଅବସର ଘୋଷଣା କରିବା ପରେ ଭାରତର ମହାନ୍ କ୍ରିକେଟର ବିରାଟ କୋହଲି ମଙ୍ଗଳବାର ସ୍ତ୍ରୀ ଅନୁଷ୍କା ଶର୍ମାଙ୍କ ସହ ବୃନ୍ଦାବନ ଗସ୍ତ କରିଥିଲେ। ସେଠାରେ ସେ ଶ୍ରୀ ହିତ ପ୍ରେମାନନ୍ଦ ଗୋବିନ୍ଦ ଶରନ ଜୀ ମହାରାଜଙ୍କଠାରୁ ତାଙ୍କ ଆଶ୍ରମରେ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ପ୍ରେମାନନ୍ଦ ଜୀ ମହାରାଜଙ୍କ ସହ କୋହଲିଙ୍କର ସ୍ୱତନ୍ତ୍ର ବାର୍ତ୍ତାଳାପ ହୋଇଥିଲା, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଆଶ୍ରମରେ ପହଞ୍ଚିବା ପରେ କୋହଲି ଓ ଅନୁଷ୍କା ପ୍ରେମାନନ୍ଦ ଜୀ ମହାରାଜଙ୍କୁ ପ୍ରଣାମ କରିଥିଲେ। ପ୍ରେମାନନ୍ଦ ଜୀ ମହାରାଜ ପ୍ରଶ୍ନ କରିଥିଲେ ଯେ, ଖୁସି ଅଛ ? ଏହାର ଉତ୍ତରରେ କୋହଲି କହିଥିଲେ, ଏବେ ଠିକ୍ ଅଛି। ଏହାପରେ କୋହଲି ଓ ଅନୁଷ୍କାଙ୍କୁ ମହାରାଜ ଆଧ୍ୟାତ୍ମିକ ଶିକ୍ଷା ଦେଇଥିଲେ। ଏହି ଦମ୍ପତି ଚଳିତବର୍ଷ ଦ୍ୱିତୀୟଥର ପାଇଁ ବୃନ୍ଦାବନ ଗସ୍ତ କରିଛନ୍ତି। ଗତ ଜାନୁଆରୀରେ କୋହଲି ଅନୁଷ୍କା ଓ ସେମାନଙ୍କ ପିଲାଙ୍କ ସହ ବୃନ୍ଦାବନ ଯାଇ ପ୍ରେମାନନ୍ଦ ଜୀ ମହାରାଜଙ୍କ ଆଶୀର୍ବାଦ ନେଇଥିଲେ।

# ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକିରେ ଭାଗନେବ ଭାରତ

**ନୂଆଦିଲ୍ଲୀ, ୧୩।୫ (ପି.ଟି.):** ଆସନ୍ତା ୨୫ରୁ ଆର୍ଜେଣ୍ଟିନାରେ ଖେଳାଯିବାକୁଥିବା ଏକ ଚତୁଃରାଷ୍ଟ୍ରୀୟ ମହିଳା ହକି ଟୁର୍ନାମେଣ୍ଟରେ ଭାରତୀୟ ଜୁନିୟର ମହିଳା ଦଳ ଭାଗନେବ। ବର୍ଷର ପରବର୍ତ୍ତୀ ଭାଗରେ ହେବାକୁଥିବା ବିଶ୍ୱକପ୍ ଲାଗି ପ୍ରସ୍ତୁତି କ୍ଷେତ୍ରରେ ଏହା ସହାୟକ ହେବ। ଦଳ ରୋସାରିଓ ଗସ୍ତକରି ସେଠାରେ ଆୟୋଜକ ଆର୍ଜେଣ୍ଟିନା, ଉରୁଗୁଏ ଓ ଚିଲି ବିପକ୍ଷରେ ୬ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଭାରତ ମେ’ ୨୫ରେ ଚିଲି ବିପକ୍ଷରେ ଏକ ମ୍ୟାଚ୍ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ପରଦିନ ଦଳ ଉରୁଗୁଏ ବିପକ୍ଷରେ ଖେଳିବ। ଗୋଟିଏ ଦିନ ବିଶ୍ରାମ ପରେ ମେ’ ୨୮ରେ ଆର୍ଜେଣ୍ଟିନାକୁ ଭେଟିବ। ସମାନ ଭେନ୍ୟୁରେ ଭାରତ ଏହାର ରିଟର୍ନ ଲେଗ୍‌ରେ ଚିଲିକୁ ମେ’ ୩୦, ଉରୁଗୁଏକୁ ଜୁନ୍ ୧ ଏବଂ ଆର୍ଜେଣ୍ଟିନା ସହିତ ଜୁନ୍ ୨ରେ ମୁକାବିଲା କରିବ।

# ମଧୁସ୍ମିତାଙ୍କ ମାଉଣ୍ଟ ଲବୁଚେ ଆରୋହଣ





ମାଉଣ୍ଟ ଲବୁଚେ ଆରୋହଣ ପରେ ମଧୁସ୍ମିତା ପାତ୍ର।

**ଭୁବନେଶ୍ୱର, ୧୩।୫(ତପନ ସ୍ୱାଇଁ)**

ଗଞ୍ଜାମ ଜିଲା ମହାଶାୟୀ ପେଣ୍ଠର ମଧୁସ୍ମିତା ପାତ୍ର ନେପାଳର ଆଉ ଏକ ପର୍ବତ ମାଉଣ୍ଟ ଲବୁଚେ (୬,୧୧୯ମି)କୁ ସଫଳତାର ସହ ଆରୋହଣ କରିଛନ୍ତି। ଚଳିତ ସିଜନରେ ଏହା ତାଙ୍କର ତୃତୀୟ ଆରୋହଣ। ପୂର୍ବରୁ ସେ ୨୯ ଏପ୍ରିଲରେ ମାଉଣ୍ଟ ମୀରା (୬,୪୭୬ମି) ଓ ମାଉଣ୍ଟ ଆଇଲାଣ୍ଡ (୬,୧୬୩ମି) ଆରୋହଣ କରିଥିଲେ। ଏହି ଶୃଙ୍ଗଗୁଡ଼ିକ ଆରୋହଣ ଦ୍ୱାରା ମଧୁସ୍ମିତା ପର୍ବତାରୋହଣ ପାଇଁ ଅତି ଆବଶ୍ୟକ ଧୈର୍ଯ୍ୟ, ସହନଶୀଳତା ଏବଂ ଟେକ୍‌ନିକ୍ ଆଦି ଅଭିଜ୍ଞତା ହାସଲ କରିଛନ୍ତି।

# ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ଦଳ ଘୋଷିତ

**ମେଲବୋର୍ନ, ୧୩।୫(ପି.ଟି.):** ଆସନ୍ତା ଜୁନ୍ ୧୧ରେ ଇଂଲଣ୍ଡର ଲର୍ଡ୍ସଠାରେ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଖେଳାଯିବାର ଅଛି। ଏଥିଲାଗି ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପକ୍ଷରୁ ମଙ୍ଗଳବାର ସେମାନଙ୍କ ଦଳ ଘୋଷଣା କରାଯାଇଛି।

ପ୍ୟାଟ୍ କୁମିନ୍ସଙ୍କ ନେତୃତ୍ୱାଧୀନ ୧୫ ଜଣିଆ ଅଷ୍ଟ୍ରେଲିଆ ଦଳରେ ବିସ୍ଫୋରକ ଓପ୍‌ନର ସାମ୍ କନଷ୍ଟାସ୍ ଓ ଆହତ ସମସ୍ୟାରୁ ଫେରିଥିବା ଅଲ୍‌ରାଉଣ୍ଡର କାମରନ ଗ୍ରୀନ୍ ସ୍ଥାନ ପାଇଛନ୍ତି। ଏହାଛଡ଼ା ଗତ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଖେଳିଥିବା ପ୍ରାୟ ଖେଳାଳି ସ୍ଥାନ ବଜାୟ ରଖିଛନ୍ତି। ଗ୍ରୀନ୍ ବ୍ୟାକ୍ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଗତବର୍ଷ ଏଥିଲାଗି ତାଙ୍କୁ ସର୍ଜରିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସ୍ପିନର ମ୍ୟାଟ୍ କୁହ୍ନେମ୍ୟାନଙ୍କୁ ରେଗୁଲାର ସ୍ପିନର ନାଥନ ଲିୟନଙ୍କ ବ୍ୟାକ୍‌ଅପ ଭାବେ ଏବଂ ବ୍ରେଣ୍ଡନ ଡଗେଟଙ୍କୁ ଟ୍ରାଭେଲିଂ ରିଜର୍ଭ ଭାବେ ଦଳରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳରେ ଲୁଙ୍ଗି ଏନ୍‌ଗିଡି,

**ଡବ୍ଲ୍ୟୁଟିସି ଫାଇନାଲ**

କାଗିସୋ ରାବାଡ଼ା ଓ ଅଲ୍‌ରାଉଣ୍ଡର କର୍ବିନ ବୋଶ୍ଚ ସ୍ଥାନ ପାଇଛନ୍ତି। ଦକ୍ଷିଣ ଆଫ୍ରିକା ଦଳ ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ ଜୁନ୍ ୩ରୁ ୬ ପର୍ଯ୍ୟନ୍ତ ଜିମ୍ବାୱେ ବିପକ୍ଷରେ ଏକ ୱାର୍ମଅପ୍ ମ୍ୟାଚ୍ ଖେଳିବ। ହେଲେ ଆଇପିଏଲରେ ଭାଗନେବାକୁ ଯାଉଥିବା ୮ ଖେଳାଳି ଯଥା ଏନ୍‌ଗିଡି, ବୋଶ୍ଚ, ରାବାଡ଼ା, ମାର୍କୋ ଜାନସେନ, ଏଡେନ ମାରାକ୍ରାମ, ୱିଆନ ମୁଲ୍ଡର, ଟ୍ରିଷ୍ଟାନ ଷ୍ଟବ୍ସ ଓ ରିୟାନ ରିକଲଟନ ଏଥିଲାଗି ଉପଲବ୍ଧ ରହିବେ ନାହିଁ। ଅଷ୍ଟ୍ରେଲିଆ ଦଳ: ପ୍ୟାଟ୍ କୁମିନ୍ସ (ଅଧିନାୟକ), ସ୍କଟ୍ ବୋଲାଣ୍ଡ, ଆଲେକ୍ସ କ୍ୟାରି, କାମରନ ଗ୍ରୀନ, ଜୋଶ ହାଜେଲଉଡ, ଟ୍ରାଭିସ ହେଡ୍, ଜୋଶ ଇଙ୍ଗଲିସ, ଉସ୍ମାନ ଖ୍ୱାଜା, ସାମ୍ କନଷ୍ଟାସ, ମ୍ୟାଟ କୁହ୍ନେମ୍ୟାନ, ମାର୍ନସ ଲାବୁସେନ, ନାଥନ ଲିୟନ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ବେଉ ୱେବଷ୍ଟର। ଟ୍ରାଭେଲିଂ ରିଜର୍ଭ: ବ୍ରେଣ୍ଡନ ଡଗେଟ। ଦକ୍ଷିଣ ଆଫ୍ରିକା ଦଳ: ଟେମ୍ବା ବଭୁମା (ଅଧିନାୟକ), ଡେଭିଡ ବେଡିଂହାମ, କର୍ବିନ ବୋଶ୍ଚ, ଟୋନି ଡି ଜର୍ଜି, ମାର୍କୋ ଜାନସେନ, କେଶବ ମହାରାଜ, ଏଡେନ ମାରାକ୍ରାମ, ୱିଆନ ମୁଲ୍ଡର, ସେନୁରାନ ମୁଥୁସାମୀ, ଲୁଙ୍ଗି ଏନ୍‌ଗିଡି, ଡେନ ପାଟରସନ, କାଗିସୋ ରାବାଡ଼ା, ରିୟାନ ରିକଲଟନ, ଟ୍ରିଷ୍ଟାନ ଷ୍ଟବ୍ସ, କାଇଲ ଭେରେନେ।

# ୭ ରାଉଣ୍ଡ ଶେଷସୁଦ୍ଧା ୯ ମିଳିତ ଅଗ୍ରଣୀ

**ଭୁବନେଶ୍ୱର, ୧୩।୫ (ତପନ ସ୍ୱାଇଁ)**

କିଟ୍ ପରିସରରେ ଚାଲିଥିବା ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ୍ ‘ଏ’ ବର୍ଗର ୨ଟି ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୭ମ ରାଉଣ୍ଡ ଶେଷସୁଦ୍ଧା ୯ ଖେଳାଳି ୫.୫ ପଏଣ୍ଟ ଲେଖାଏ ପାଇ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଏହି ଖେଳାଳିମାନେ ହେଲେ ରୁଷିଆ ଅନ୍ତର୍ଜାତୀୟ ମାଷ୍ଟର(ଆଇଏମ୍) ଡାଭିଡ ଗୋଚେଲାଶଭିଲି, ପଶ୍ଚିମବଙ୍ଗ ଆଇଏମ୍ କୌସ୍ତୁଭ କୁଣ୍ଡୁ, ଫିଡେ

**କିଟ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ**

ଅଧୀନରେ ଖେଳୁଥିବା ମାକ୍ସିମ ଶେକାଚିଖିନ, ଭିଏତନାମ ଗ୍ରାଣ୍ଡମାଷ୍ଟର ଏନ୍‌ଗୁଏନ ଭାନ୍ ହୁଇ, ବେଲାରୁଷ୍ ଗ୍ରାଣ୍ଡମାଷ୍ଟର ଆଲେକ୍ସି ଫେଡୋରୋଭ ଓ ଏଭଗେନି ପେଡୋଲଚେଙ୍କୋ, ରୁଷିଆ ଗ୍ରାଣ୍ଡମାଷ୍ଟର ବୋରିସ ସାଭ୍‌ଚେଙ୍କୋ, କାଜାଖସ୍ତାନ ଆଇଏମ୍ ଟୋଲୋଗୋନ ଟେଲିନ ସେମେଟେଇ ଏବଂ ସ୍ଲୋଭାକିଆ ଗ୍ରାଣ୍ଡମାଷ୍ଟର ମିକୁଲାସ ମାନିକ। ୧୦ ଖେଳାଳି ୫ ପଏଣ୍ଟ ଲେଖାଏ ପାଇଥିବାବେଳେ ଓଡ଼ିଶାର ହର୍ଷିତ ରଞ୍ଜନ ସାହୁ ୪.୫ ପଏଣ୍ଟ ସହିତ ୨୦ତମ ସ୍ଥାନରେ ରହିଛନ୍ତି। ଏହି ୧୦ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତା ୧୬ ତାରିଖରେ ଶେଷହେବ। ୧୭୦୦ ରେଟିଂରୁ କମ୍ ‘ସି’ ବର୍ଗ ପ୍ରତିଯୋଗିତା ଆରମ୍ଭ ହୋଇଛି।

# ଜୋକୋଭିଚ୍-ମୁରେ ବିଚ୍ଛେଦ

**ଲଣ୍ଡନ, ୧୩।୫ (ଏପି):** ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାକୁ ଆଉ ଦୁଇ ସପ୍ତାହ ବାକିଥିବା ବେଳେ ସର୍ବୀୟ ଟେନିସ୍ ଷ୍ଟାର୍ ନୋଭାକ ଜୋକୋଭିଚ୍‌ଙ୍କର କୋଚ୍ ଆଣ୍ଡି ମୁରେଙ୍କ ସହ ରହିଥିବା ପାର୍ଟନରଶିପ୍ ଭାଙ୍ଗିଯାଇଛି। ଏହି ଦୁଇ ପୂର୍ବତନ ନମ୍ବର-୧ ର୍‍ୟାଙ୍କିଙ୍ଗ୍ ଖେଳାଳି ଏଣିକି ଏକତ୍ର କାର୍ଯ୍ୟ କରିବେ ନାହିଁ ବୋଲି ମୁରେଙ୍କ ପ୍ରତିନିଧି ପ୍ରକାଶ କରିଛନ୍ତି। ମୁରେ ୬ ମାସ ହେଲା ଜୋକୋଭିଚ୍‌ଙ୍କ କୋଚ୍ ଭାବେ କାର୍ଯ୍ୟ କରିଆସୁଥିଲେ। ସୂଚନାଯୋଗ୍ୟ, ବ୍ରିଟିଶ ଖେଳାଳି ମୁରେ ଗତବର୍ଷ ଖେଳରୁ ଅବସର ନେବାପରେ ଅଷ୍ଟ୍ରେଲିଆନ୍ ଓପନ୍ ପୂର୍ବରୁ ଜୋକୋଭିଚ୍‌ଙ୍କ କୋଚ୍ ହୋଇଥିଲେ। ଜୋକୋଭିଚ୍ ଫେବୃଆରୀରେ କହିଥିଲେ ଯେ, କିଛି କ୍ଲେ-କୋର୍ଟ ଟୁର୍ନାମେଣ୍ଟ ସମେତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଙ୍କ କୋଚ୍ ଭାବେ କାର୍ଯ୍ୟ କରିବା ଲାଗି ମୁରେ ରାଜି ହୋଇଥିଲେ।





Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ